୬ ଅଧିନାୟକ ଦାୟିତ୍ୱକୁ ଫେରିପାରନ୍ତି ରୋହିତ ଶର୍ମା : ମନୋଜ ତିୱାରୀ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
E-mail : sambadkalikanews@gmail.com
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୬୬ ● ୩ ଅପ୍ରେଲ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-66 ● 3rd April 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

ଗ୍ରୀଷ୍ମ ଲହରୀକୁ ନେଇ ସତର୍କ କଲା ଆଇଏମ୍‌ଡି, ଅପ୍ରେଲ-ଜୁନ ଅସହ୍ୟ ତାତି

ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୪
ନ୍ୟୁଜ୍ ବ୍ୟୁରୋ

ଚଳିତ ଅପ୍ରେଲ ମାସରେ ରାଜ୍ୟରେ ଅସମ୍ଭାଳ ତାତି ଅନୁଭୂତ ହେବ। କେବଳ ଅପ୍ରେଲ ନୁହେଁ ଅପ୍ରେଲରୁ ଜୁନ ମାସ ପର୍ଯ୍ୟନ୍ତ ତାତି ପ୍ରକୋପ ଅଧିକ ରହିବା ସହ ରାଜ୍ୟବାସୀ ଗରମ ଗୁଳୁଗୁଳିରେ ଅତିଷ୍ଠ ହେବେ। ଅନ୍ୟପଟେ ଏହି ୩ ମାସରେ ବର୍ଷାର ପରିମାଣ କମ ରହିବା ସହିତ ସ୍ୱାଭାବିକ ତୁଳନାରେ ଅଧିକ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ଅପ୍ରେଲ-ଜୁନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ନେଇ ଜାରି ହୋଇଥିବା ଋତୁକାଳୀନ ଆକଳନରେ କୁହାଯାଇଛି ଯେ ଚଳିତ ବର୍ଷ ଅପ୍ରେଲ ମାସରେ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ଅଧିକ ରହିପାରେ।

ସାଧାରଣତଃ ଅପ୍ରେଲ ମାସରେ ହାରାହାରି ୧ ରୁ ୩ ଦିନ ଗ୍ରୀଷ୍ମ ପ୍ରବାହର ଅବଧି ରହୁଥିବା ବେଳେ ଚଳିତ ବର୍ଷ ଏହା ୩ ରୁ ୮ ଦିନ ଅନୁଭୂତ ହେବାର ସମ୍ଭାବନା ରହିଛି । ସେହିପରି ଅପ୍ରେଲରୁ ଜୁନ ମଧ୍ୟରେ ଏହି ଅବଧି ୧୧ ଦିନ ରହିଲେ ଏହାକୁ ସ୍ୱାଭାବିକ କୁହାଯାଉଥିବା ବେଳେ ଚଳିତ ବର୍ଷ ଏହାଠାରୁ ୬ ରୁ ୧୪ ଦିନ ଅଧିକ ଗ୍ରୀଷ୍ମ ପ୍ରବାହ ରହିପାରେ ବୋଲି ଆଇଏମ୍‌ଡି ଆକଳନ କରିଛି । ସେହିପରି ଚଳିତ ଅପ୍ରେଲର ସ୍ୱାଭାବିକଠାରୁ ଦିନର ତାପମାତ୍ରା ଅଧିକ ରହିବା ସହ ଗ୍ରୀଷ୍ମପ୍ରବାହ ଦିନ ସଂଖ୍ୟା ସ୍ୱାଭାବିକ ତୁଳନାରେ ଅଧିକ ରହିବା ସହ ରାତ୍ରି ତାପମାତ୍ରା ମଧ୍ୟ ସ୍ୱାଭାବିକ ତୁଳନାରେ ଅଧିକ ରହିବାର ସମ୍ଭାବନା ରହିଛି। ଏଥିପାଇଁ ଚଳିତ ଗ୍ରୀଷ୍ମ ଋତୁରେ ଅସ୍ୱାଭାବିକ ପାଣିପାଗ ସହ ଉଷ୍ମଆର୍ଦ୍ର ସ୍ଥିତି ଏବଂ ଉଷ୍ମରାତ୍ରି ସଂଖ୍ୟା ଅଧିକ ଅନୁଭୂତ ହେବାର ସମ୍ଭାବନା ରହିଛି । ଅନ୍ୟପଟେ ତାତି ଅଧିକ ରହିବା ସହ ବର୍ଷାର ଅଭାବ ଯୋଗୁଁ ରାଜ୍ୟରେ ସ୍ଥିତି ଆହୁରି ଅସମ୍ଭାଳ ହେବ। ଏହି ୩ ମାସ ମଧ୍ୟରେ ଅଳ୍ପ କିଛି ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ବର୍ଷାର ପ୍ରକୋପ କମ ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି।

ଚଳିତ ଗ୍ରୀଷ୍ମ ଋତୁରେ ଗରମ ଅସହ୍ୟ ହେବ। ଦେଶର ଅଧିକାଂଶ ଭାଗରେ ପ୍ରବଳ ତାତି ସହ ଗ୍ରୀଷ୍ମ ପ୍ରବାହ ମଧ୍ୟ ବଢ଼ିବ। ଅପ୍ରେଲରୁ ଜୁନ ୩ ମାସ ମଧ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ସହିତ ଏହା ୧୦ ରୁ ୨୦ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏଭଳି ସ୍ଥିତି ଜନଜୀବନକୁ ପ୍ରଭାବିତ କରିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। (ପୃଷ୍ଠା ୭ରେ)

ପୋଲିସ ଗୁଳିରେ ଟଳିଲେ ୯ରୁ ଊର୍ଦ୍ଧ୍ୱ ମାଓବାଦୀ

ମାଲକାନଗିରି, ୨।୪
ନ୍ୟୁଜ୍ ବ୍ୟୁରୋ

ଛତିଶଗଡରେ ପୋଲିସ ଗୁଳିରେ ମଙ୍ଗଳବାର ୯ରୁ ଊର୍ଦ୍ଧ୍ୱ ମାଓବାଦୀ ନିହତ ହୋଇଥିବା ବେଳେ ବହୁ ସଂଖ୍ୟାରେ ମାଓବାଦୀ ଆହତ ହୋଇଥିବା ଜଣାପଡିଛି । ତଲାସୀ ସମୟରେ ଅତ୍ୟାଧୁନିକ ବନ୍ଧୁକ ଓ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି ।

ସୂଚନା ଅନୁଯାୟୀ, ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲା ଲେଣ୍ଡରା ଓ କରଚୋଲି ଜଙ୍ଗଲରେ ମଙ୍ଗଳବାର ପୋଲିସ, ଡିଆରଜ ଓ କୋବ୍ରା ବାହିନୀ ପକ୍ଷରୁ ମିଳିତ ତଲାସୀ ଅଭିଯାନ ଜାରି ରହିଥିଲା। ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କୁ ଦେଖି ସେମାନଙ୍କ ଉପରକୁ ଗୁଳି ଚଳନା କରିଥିଲେ, ଯାହାର ପାଲଟା ଜବାବ ଦେଇଥିଲେ ଯବାନମାନେ । ଦୀର୍ଘ ସମୟଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିବା ବେଳେ ମାଓବାଦୀମାନେ ଯବାନଙ୍କୁ ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲେ। ପରେ ଅଞ୍ଚଳରେ ଯବାନମାନେ ତଲାସୀ ଅଭିଯାନ ବେଳେ ୯ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ମୃତଦେହ ସହ ଅନେକ ଅତ୍ୟାଧୁନିକ ବନ୍ଧୁକ, ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରିଥିଲେ। ମୃତକଙ୍କ ସଂଖ୍ୟା ଅଧିକ ବଢିପାରେ ବୋଲି ଅନୁମାନ କରାଯାଉଛି।

ଏନେଇ ବସ୍ତର ଆଇଜି ସୁନ୍ଦରରାଜ ପି. ପ୍ରକାଶ କହିଛନ୍ତି, ଏହି ଅପରେସନ ସମୟରେ ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଯବାନମାନେ ଏହାର ଜବାବ ଦେଇଥିଲେ। ଯବାନମାନେ କମ୍ବିଂରୁ ଫେରିବା ପରେ ମାଓବାଦୀଙ୍କ ପରିଚୟ ଓ ମୃତକଙ୍କ ସଂଖ୍ୟା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ମାର୍ଚ୍ଚ ୨୭ ତାରିଖରେ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୋଲିସ ସହ ଗୁଳି ବିନିମୟ ବେଳେ ୨ ମହିଳାଙ୍କ ସମେତ ୬ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ମାଓବାଦୀ ସଙ୍ଗଠନର ଡେପୁଟି କମାଣ୍ଡର ନାଗେଶ, ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଜଣେ ମହିଳା ମାଓବାଦୀ ରହିଥିଲେ।

୧୦ ବର୍ଷରେ ଯାହା କରିଛୁ ତାହା କେବଳ ଟ୍ରେଲର ଥିଲା : ମୋଦି

ନୂଆଦିଲ୍ଲୀ, ୨।୪

ଲୋକସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଲି ଆରମ୍ଭ ହୋଇଯାଇଛି। ମଙ୍ଗଳବାର ରାଜସ୍ଥାନର କୋଟପୁଟଲିରେ ବିଜୟ ଶଙ୍ଖନାଦ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମୋଦି ମଜା କରିବା ପାଇଁ ଜନ୍ମ ହୋଇନି। କଠିନ ପରିଶ୍ରମ କରିବା ପାଇଁ ମୋଦି ଜନ୍ମ ନେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ବହୁତ କିଛି କରିଛି, କିନ୍ତୁ ଯାହା ଘଟିଛି ତାହା କେବଳ ଏକ ଟ୍ରେଲର ଥିଲା ।

ବିଜୟ ଶଙ୍ଖନାଦ ରାଲିରେ ପ୍ରଧାନମନ୍ତ୍ରୀ ମୋଦି ଲୋକମାନଙ୍କୁ କହିଥିଲେ, ଲୋକମାନେ ମୋତେ କୁହନ୍ତି, କିଛି ବିଶ୍ରାମ କରିନିଅନ୍ତୁ, କିନ୍ତୁ (ପୃଷ୍ଠା ୭ରେ)

ଅରୁଣାଚଳର ୩୦ଟି ସ୍ଥାନର ନାଁ ବଦଳାଇଲା ଚୀନ୍, କଡ଼ା ଜବାବ ଦେଲା ଭାରତ

ନୂଆଦିଲ୍ଲୀ, ୨।୪

ଅରୁଣାଚଳରେ ଧସେଇ ପଶିଛି ଚୀନ୍। ଅରୁଣାଚଳକୁ ନିଜର କରିବା ଲାଗି ଚଲାଇଛି ଷଡଯନ୍ତ୍ର। କଳେବଳେ କୌଶଳେ ଅରୁଣାଚଳ ପ୍ରଦେଶ ଉପରେ କବଜା କରିବା ପାଇଁ ଚୀନ ନୂଆ ଯୋଜନା କରୁଛି। ଏବେ ଅରୁଣାଚଳ ପ୍ରଦେଶର ୩୦ଟି ସ୍ଥାନର ନାଁ ବଦଳାଇ ଦେଇଛି ଡ୍ରାଗନ। ଏହି ନୂଆ ନାଁର ତାଲିକାକୁ ବେଜିଂ ପକ୍ଷରୁ ଜାରି କରାଯାଇଛି। ଏହାକୁ ନେଇ ଚୀନ ଉପରେ ବର୍ଷିଛି ଭାରତ। ଡ୍ରାଗନକୁ ଦେଇଛି କଡ଼ା ଜବାବ।

ଅରୁଣାଚଳ ପ୍ରଦେଶ ଉପରେ ନିଜର ଦାବି ଜାହିର କରିବାକୁ ଯାଇ ବେଜିଂ ରାଜ୍ୟର ୩୦ଟି ବିଭିନ୍ନ ସ୍ଥାନର ନୂଆ ନାଁର ଚତୁର୍ଥ ତାଲିକା ଜାରି କରିଛି । ଏହାକୁ ନେଇ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତର ଅରୁଣାଚଳ ପ୍ରଦେଶର ସ୍ଥାନ ବଦଳାଇବା ପାଇଁ ଚୀନ ମୂର୍ଖ ଉଦ୍ୟମ ଜାରି ରଖିଛି। ଏହିପରି ପ୍ରୟାସକୁ ଆମେ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରୁଛୁ। ମନଗଢା ନାଁ ରଖିଦେବା ଦ୍ୱାରା ବାସ୍ତବିକତା ବଦଳିଯିବ ନାହିଁ। ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଆଉ ରହିବ।

ସେପଟେ ଚୀନ ଦ୍ୱାରା ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନର ୩୦ଟି ନାଁ ଜାରି କରିବାକୁ ନେଇ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି, ଅରୁଣାଚଳପ୍ରଦେଶ ଭାରତୀୟ ରାଜ୍ୟ (ପୃଷ୍ଠା ୭ରେ)

ନବୀନ ଓଡ଼ିଶା ମ୍ୟାଜିକ କାର୍ଡକୁ ଅଧିକ ଉପାଦେୟ କରିବା ପାଇଁ ଜନସାଧାରଣଙ୍କ ମତାମତ ଲୋଡ଼ିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୨।୪
ନ୍ୟୁଜ୍ ବ୍ୟୁରୋ

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଓଡ଼ିଶାର ଜନସାଧାରଣଙ୍କୁ ଏହି କାର୍ଡକୁ ଅଧିକ ଉପାଦେୟ କରିବା ନିମନ୍ତେ ସେମାନଙ୍କ ସୁଚିନ୍ତିତ ମତାମତ ଦେବାକୁ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ନିକଟରେ ପ୍ରଦାନ କରାଯାଇଥିବା ନୂଆ-ଓ ବୃତ୍ତି ଓଡ଼ିଶା ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହି ବୃତ୍ତି ପ୍ରଦାନ ପରେ ଓଡ଼ିଶାର ଯୁବକ ଯୁବତୀମାନଙ୍କ ମଧ୍ୟରେ ଏକ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ପ୍ରଣୟନ କରିବାକୁ ଯାଉଛନ୍ତି।

ଏହି କାର୍ଡ ମାଧ୍ୟମରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ସୁବିଧା ପାଇପାରିବେ। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ କ୍ୟାରିୟର ଗଢ଼ିବା ପାଇଁ ସହାୟକ ହେବା ସଙ୍ଗେ ସଙ୍ଗେ ଏହି କାର୍ଡ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ଓ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ମଧ୍ୟ ସହାୟକ ହେବ।

ଏହି କାର୍ଡର ଉପାଦେୟତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶାର (ପୃଷ୍ଠା ୭ରେ)

୪୧ ଡ଼ିଗ୍ରୀ ଉପରେ ୭ ସହରର ତାପମାତ୍ରା ୪୧.୭ ଡ଼ିଗ୍ରୀ ସହ ମାଲକାନଗିରି ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର, ୨।୪
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଛି । ୭ ସହରରେ ଦିନ ତାପମାତ୍ରା ୪୧ ଡ଼ିଗ୍ରୀ କିମ୍ବା ତାଠାରୁ ଅଧିକ ରେକର୍ଡ କରାଯାଇଛି । ସେହିପରି ୪୧.୭ ଡିଗ୍ରୀ ସହ ମାଲକାନଗିରି ମଙ୍ଗଳବାର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି । ୪ ରୁ ୬ ତାରିଖ ମଧ୍ୟରେ ରାଜ୍ୟରେ କିଛି କିଛି ସ୍ଥାନରେ ୨ ରୁ ୩ ଡ଼ିଗ୍ରୀ ଯାଏଁ ଦିନର ତାପମାତ୍ରାରେ ବୃଦ୍ଧି ସମ୍ଭାବନା (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

୧୧୨ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କଲା ବିଜେପି

ଭୁବନେଶ୍ୱର, ୨।୪
ନ୍ୟୁଜ୍ ବ୍ୟୁରୋ

୨୦୨୪ ବିଧାନସଭା ନିର୍ବାଚନ ପାଇଁ ବିଜେପି ୧୧୨ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି। ବଳକା ୩୫ ଆସନରେ ବିଜେପି ପ୍ରାର୍ଥୀ ଘୋଷଣା କରିନାହିଁ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଦଳ ଏଥର ପୁଣି ଚାନ୍ଦବାଲିରୁ ପ୍ରାର୍ଥୀ କରିଛି । ଏଣେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସମ୍ବଲପୁରରୁ ପୁଣି ପ୍ରାର୍ଥୀ ହୋଇଛନ୍ତି।

ପ୍ରାର୍ଥୀ ତାଲିକାରେ ପଦମପୁରରୁ ଗୋବର୍ଦ୍ଧନ ଭୋଇ, ବିଜେପୁରରୁ ସନତ କୁମାର ଗଡ଼ତିଆ, ବରଗଡ଼ରୁ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରାରୁ ନିହାରରଂଜନ ମହାନନ୍ଦ, ଝାରସୁଗୁଡ଼ାରୁ ଟଙ୍କଧର ତ୍ରିପାଠୀ, ତଳସରାରୁ ଭବାନୀଶଙ୍କର ଭୋଇ, ସୁନ୍ଦରଗଡ଼ରୁ କୁସୁମ ଟେଟେ, ବୀରମିତ୍ରପୁରରୁ ଶଙ୍କର ଓରାମ, ରଘୁନାଥପାଲୀରୁ ଦୁର୍ଗା ଚରଣ ତନ୍ତୀ, ରାଜଗାଙ୍ଗପୁରରୁ ନରସିଂହ ମିଞ୍ଜ, ବଣାଁଇରୁ ସେବତୀ ନାଏକ, କୁଚିଣ୍ଡାରୁ ରବି ନାରାୟଣ ନାଏକ, ରେଙ୍ଗାଲିରୁ ନାଉରୀ ନାୟକ, ରେଢାଖୋଲରୁ ଦେବେନ୍ଦ୍ର ମହାପାତ୍ର, ଦେବଗଡ଼ରୁ ସୁବାସ ପାଣିଗ୍ରାହୀ, ଆନନ୍ଦପୁରରୁ ଆଲୋକ ସେଠୀ, କେନ୍ଦୁଝରରୁ ମୋହନ ମାଝୀ, ଯଶୀପୁରାରୁ ଗଣେଶରାମ ସିଂ ଖୁଣ୍ଟିଆ, ଉଦଳାରୁ ଭାସ୍କର ମଢେଇ, ବଡ଼ସାହିରୁ ସନାତନ ବିଜୁଳି, (ପୃଷ୍ଠା ୭ରେ)

ଉତ୍ପାଦନ ଏବଂ ବିକ୍ରୟ କ୍ଷେତ୍ରରେ ନାଲକୋର ନୂଆ ରେକର୍ଡ

ଭୁବନେଶ୍ୱର, ୨।୪
ନ୍ୟୁଜ୍ ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ତଥା ଦେଶର ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ୍ ଉତ୍ପାଦନ ଓ ରପ୍ତାନିକାରୀ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ବର୍ଷ ୨୦୨୩-୨୪ ରେ ଉତ୍ପାଦନ କ୍ଷେତ୍ରରେ ନୂଆ ରେକର୍ଡ ସୃଷ୍ଟି କରିଛି ।

କମ୍ପାନୀ ସର୍ବକାଳୀନ ସର୍ବାଧିକ ୪,୬୩,୪୨୮ ମେଟ୍ରିକ ଟନର କାଷ୍ଟ ଧାତୁ ଉତ୍ପାଦନ କରିଥିବା ବେଳେ, ବିଗତ ସମସ୍ତ ରେକର୍ଡକୁ ଅତିକ୍ରମ କରି ସର୍ବକାଳୀନ ସର୍ବାଧିକ ୭୬,୦୦,୨୩୦ ମେଟ୍ରିକ ଟନର ବକ୍ସାଇଟ ଉତ୍ତୋଳନ ସହ ୪,୭୦,୧୦୮ମେଟ୍ରିକ ଟନ୍ ଧାତୁ ବିକ୍ରୟ କରିଛି । ଆର୍ଥିକ ବର୍ଷ ୨୦୨୩-୨୪ ରେ ମଧ୍ୟ କମ୍ପାନୀର ନୂତନ ଆଲୁମିନିୟମ ଆଲୟ ଇଙ୍ଗଟ (ଏ.ଏଲ.୫୯)ଏହାର ଉତ୍ପାଦ ଶ୍ରେଣୀରେ ଯୋଡ଼ି ହୋଇଛି ।

ବାର୍ଷିକ ଧାର୍ଯ୍ୟଲକ୍ଷ୍ୟ ଠାରୁ ଊର୍ଦ୍ଧ୍ୱ (୧୦୧.୧୫%) କ୍ଷମତା ଉପଯୋଗସହ ନାଲକୋର ଆଲୁମିନା ରିଫାଇନାରୀ ୨୧,୨୪,୦୦୦ ମେଟ୍ରିକଟନ୍ ଆଲୁମିନା ହାଇଡ୍ରେଟ ଉତ୍ପାଦନ କରିଥିବା ବେଳେ, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ୭୧୯୩.୬୨ ମିଲିୟନ ୟୁନିଟ ବିଦ୍ୟୁତ ଉତ୍ପାଦନ କରିଛି । ଉଲ୍ଲେଖଯୋଗ୍ୟ ଯେ, ବର୍ଷ ୨୦୨୩-୨୪ରେ ଉତ୍କଳ ଡି କୋଇଲା ଖଣି କାର୍ଯ୍ୟକ୍ଷମ ହେବା ସହ ୨ ମିଲିଅନଟନ କୋଇଲା ଉତ୍ତୋଳନ କରାଯାଇଛି, ଯାହାକି ଏହି ଖଣିର ସର୍ବାଧିକ ମୂଲ୍ୟାୟନ କ୍ଷମତା (ପୃଷ୍ଠା ୭ରେ)

କଚ୍ଛାତିବୁ ଦ୍ୱୀପକୁ ଶ୍ରୀଲଙ୍କାଠାରୁ କ'ଣ ପୁଣି ଫେରାଇ ଆଣିବ ଭାରତ ?



ନୂଆଦିଲ୍ଲୀ, ୨।୪

ପୁଣି ଚର୍ଚ୍ଚାରେ ଶ୍ରୀଲଙ୍କର କଚ୍ଛାତିବୁ ଦ୍ୱୀପ। ଏହି ଦ୍ୱୀପକୁ ପୁଣି ଫେରାଇ ଆଣିବ କି ଭାରତ? ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏହି ମାମଲାରେ କଂଗ୍ରେସ ଏବଂ ଡିଏମକେ ଉପରେ ଦେଶର ସମ୍ପୂର୍ଣ୍ଣତା କ୍ଷୁଣ୍ଣ ନେଇ ଆରୋପ ଲଗାଇଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଘଟଣା ଉପରେ ଏତେ ପ୍ରଶ୍ନ ସୃଷ୍ଟି ହୋଇଛି ଯେ, ଏବେ ଶ୍ରୀଲଙ୍କାକୁ ଦିଆଯାଇଥିବା (ପୃଷ୍ଠା ୭ରେ)

ପ୍ରାର୍ଥୀ ଘୋଷଣା ପରେ ରାଜ୍ୟ ବିଜେପିରେ ତେଜିଲା ବିଦ୍ରୋହ

ଭୁବନେଶ୍ୱର, ୨।୪
ନ୍ୟୁଜ୍ ବ୍ୟୁରୋ

୨୦୨୪ ସାଧାରଣ ନିର୍ବାଚନ ପାଇଁ ମଙ୍ଗଳବାର ରାଜ୍ୟ ବିଜେପିର ୧୧୨ ଜଣିଆ ବିଧାନସଭା ପ୍ରାର୍ଥୀଙ୍କ ନାମ ତାଲିକା ଘୋଷଣା ପରେ ଦଳୀୟ ନେତା, କର୍ମୀ, ଆଶାୟୀ ଏବଂ ସମର୍ଥକ ମହଲରେ ତୀବ୍ର ଅସନ୍ତୋଷ ଓ ବିଦ୍ରୋହର ସ୍ୱର ପ୍ରକାଶ ପାଇଛି। ଅନ୍ୟ ଦଳରୁ ଆସିଥିବା ଏବଂ ଦଳ ପାଇଁ ଆଦୌ କିଛି ଅବଦାନ ନଥିବା କିମ୍ବା ସ୍ଥାନୀୟ ଲୋକେ ଜାଣିନଥିବା ବ୍ୟକ୍ତିଙ୍କୁ ବିଜେପି ଟିକେଟ୍ ଦେଇ ପ୍ରାର୍ଥୀ କରାଯାଇ ଥିବାରୁ କେବଳ ଭୁବନେଶ୍ୱରରେ ନୁହେଁ ରାଜ୍ୟର ଅନେକ ଜିଲ୍ଲାର ଏକାଧିକ ନିର୍ବାଚନ ମଣ୍ଡଳୀରେ ଏ ପ୍ରକାର ଅସନ୍ତୋଷ ଓ ବିଦ୍ରୋହ ସୃଷ୍ଟି ହୋଇଛି। ଦଳୀୟ ନେତୃତ୍ୱ ଯଥାଶୀଘ୍ର ଟିକେଟ୍ ବଣ୍ଟନ ଓ ପ୍ରାର୍ଥୀ ଘୋଷଣାର ପୁନର୍ବିଚାର ନକଲେ ଆଗାମୀ ଦିନରେ ବିଦ୍ରୋହ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି କୁହାଯାଉଛି।

ମଙ୍ଗଳବାର ରାଜ୍ୟ ବିଜେପି ପକ୍ଷରୁ ନିର୍ବାଚନ ଲଢ଼ିବାକୁ ୧୧୨ଜଣିଆ ବିଧାନସଭା ପ୍ରାର୍ଥୀଙ୍କ ନାମ ତାଲିକା ଘୋଷଣା କରାଯିବା ପରେ ଯାଜପୁର, ନୟାଗଡ, ଖୋର୍ଦ୍ଧା, ପୁରୀ, (ପୃଷ୍ଠା ୭ରେ)

ନିର୍ବାଚନ ଲଢିବେ ୩ ମୁଖିଆ

ଭୁବନେଶ୍ୱର, ୨।୪ : ନ୍ୟୁଜ୍ ବ୍ୟୁରୋ

ଏଥର ପ୍ରମୁଖ ୩ ରାଜନୈତିକ ଦଳର ସଭାପତି ୨୦୨୪ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ପୂର୍ବ ଭଳି ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ପ୍ରାର୍ଥୀ ଭାବେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଥିବା ବେଳେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏଥର ଚାନ୍ଦବାଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବା ସ୍ପଷ୍ଟ ହୋଇଛି। ସେହିପରି କଂଗ୍ରେସ ଦଳରୁ ନୂଆପଡା ବିଧାନସଭା ଆସନରେ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ନିର୍ବାଚନ ଲଢ଼ିବା ନେଇ ଘୋଷଣା କରାଯାଇଛି। ୩ ପ୍ରମୁଖ ରାଜନୈତିକ ଦଳର ମୁଖିଆମାନେ ଏଥର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩ ଅପ୍ରେଲ ୨୦୨୪ ବୁଧବାର

ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡାର ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ କେନ୍ଦ୍ରାପଡାରେ ବ୍ୟାପକ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ଉପାଧ୍ୟକ୍ଷ ଶ୍ରୀ ପଣ୍ଡା କେନ୍ଦ୍ରାପଡା ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଏକ ବିଶାଳ ରାଲିରେ ତାଙ୍କୁ କେନ୍ଦ୍ରାପଡା ସହର ପରିକ୍ରମା କରି କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀୟୁଙ୍କ ନିକଟରୁ ଆଶିର୍ବାଦ ଭିକ୍ଷା ପାଇଁ ଯାଇଥିଲେ । ଶ୍ରୀ ପଣ୍ଡା ସୋମବାର ସନ୍ଧ୍ୟା ୫ଟା ସମୟରେ ଜିଲ୍ଲା କାର୍ଯ୍ୟାଳୟରୁ ୫୦୦ରୁ ଉର୍ଦ୍ଧ୍ୱ ମଟର ସାଇକେଲ ଏକ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନେଇଥିଲେ । ସହର ଭିତର ଦେଇ ଗଲାବେଳେ ସହରର ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀ ପଣ୍ଡା ସନ୍ଧ୍ୟା ୭ଟା ସମୟରେ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ନିକଟରେ ପହଞ୍ଚି ଦର୍ଶନ କରିବା ପରେ ଆଶୀର୍ବାଦ ଭିକ୍ଷା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ପୂର୍ବତନ ବିଧାୟକ ଅଲେଖ ଜେନାଙ୍କ ସମେତ ମହିଳା ନେତ୍ରୀ ଜ୍ୟୋସ୍ନାରାଣୀ ଜେନା, ସୁନାକର ବେହେରାଙ୍କ ସମେତ ଉପ ସଭାପତି ଅଭିମନ୍ୟୁ ଗୋଛାୟତ, ଦୁର୍ଗା ପ୍ରସନ୍ନ ନାୟକ, ମହମ୍ମଦ ସମିଲ ଖାନ, ନେହେରୁ ସାହୁ, ଉମାକାନ୍ତ ପଟ୍ଟନାୟକ, ଅଜୟ ବେହେରା, ଉପୀନ ରାଉତ, ଶଶାଙ୍କ ଶେଖର ସେଠୀ, ଅମିତାବ ସୁଆର ପ୍ରମୁଖ ଉପସ୍ଥିତ ଥିଲେ ।

ସାଲେପୁର ବିଧାନସଭା ବିଜେଡ଼ି ଟିକେଟ ହାତେଇବାକୁ ଆଶାୟୀଙ୍କ ଜୋର୍‌ଦାର୍ ଲବି

ସାଲେପୁର, ନ୍ୟୁଜ୍

ସାଲେପୁର ନିର୍ବାଚନ ମଣ୍ଡଳୀରେ ଅଦ୍ୟାବଧି ପ୍ରାର୍ଥୀ ଘୋଷଣା ହୋଇନଥିବା ବେଳେ ଶାସକ ବିଜୁ ଜନତା ଦଳ ପାଇଁ ପ୍ରାର୍ଥୀ ଚୟନ ମଧ ଅଟକି ରହିଛି । ଏଠାରେ ଗତ ନିର୍ବାଚନରେ ପ୍ରଶାନ୍ତ ବେହେରା ବିଜୟୀ ହୋଇ ବିଧାୟକ ହୋଇଥିଲେ । ସେ ଏଥର ଟିକେଟ ପାଇବେ କି ନାହିଁ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏହି ସାଲେପୁର ଆସନ ପାଇଁ ଅନେକ ଆଶାୟୀ ରହିଥିବା ବେଳେ ପୁଣି ଜଣେ ସ୍ଥାନୀୟ ଅଞ୍ଚଳର ପୁଅ ଗୋବିନ୍ଦ ଚନ୍ଦ୍ର ମହାରଣା ବିଜେଡି ଟିକେଟ ପାଇଁ ଲବି ଆରମ୍ଭ କରିଛନ୍ତି । ଶ୍ରୀ ମହାରଣା ଜଣେ ଅବସର ପ୍ରାପ୍ତ ସରକାରୀ ଅଧିକାରୀ ଅଟନ୍ତି । ବିଗତ ଦୁଇଟି ସାଧାରଣ ନିର୍ବାଚନ ବେଳେ ପ୍ରାର୍ଥୀ ହେବାକୁ ଲବିରେ ଥିଲେ ଓ ସେବା ମୂଳକ କାର୍ଯ୍ୟକ୍ରମ ଗୁଡିକରେ ନିୟୋଜିତ ଥିଲେ । ଉପର ସ୍ତରରେ ସୂଚନା ପାଇ ବିଜେଡି ଦଳରୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅଣ୍ଟା ଭିଡିଛନ୍ତି । ଜଣେ ନିଷ୍କଳଙ୍କ ସଚ୍ଚୋଟ ବ୍ୟକ୍ତି ଭାବରେ ଜଣାଶୁଣା ଶ୍ରୀ ମହାରଣା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କର ଦୃଢ ସମର୍ଥକ ଓ ପ୍ରଶଂସକ ବୋଲି ଦାବି କରିଛନ୍ତି । ଦେଖିବାକୁ ବାକି ରହିଲା ସାଲେପୁର ପାଇଁ ବିଜେଡିରୁ ଟିକେଟ ହାତେଇବାରେ ଶ୍ରୀ ମହାରଣା କେତେଦୂର ସଫଳ ହେଉଛନ୍ତି ।

ଏସ୍‌ସିବିରେ ଇନ୍‌ଷ୍ଟିଚ୍ୟୁଟ୍ ଏକାଡେମିକ୍ କମିଟି ସମାରୋହ

କଟକ, ନ୍ୟୁଜ୍ ବ୍ୟୁରୋ

ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ବାର୍ଷିକ ଇନଷ୍ଟିଚ୍ୟୁଟ୍ ଏକାଡେମିକ୍ କମିଟି (ଆଇଏସି) ସମାରୋହ ନୂତନ ଅଡ଼ିଟୋରିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ପ୍ରଫେସର ଡା. ବିଜୟ କୁମାର ନନ୍ଦ ଯୋଗଦେଇ ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ସମୃଦ୍ଧ ଇତିହାସ ଓ ଅଗ୍ରଗତି ବିଷୟରେ କହିଥିଲେ । ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସନ୍ନଜିତ ମହାନ୍ତି, ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ବନ ବିହାରୀ ମିଶ୍ର, ପ୍ରଫେସର ଡା. ଗୀତା ସାହୁ ଏବଂ ପ୍ରଫେସର ଡାକ୍ତର କୀର୍ତ୍ତିରେଖା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଏସ୍‌ସିବି ମେଡ଼ିକାଲ କଲେଜର ୧୪ ଜଣ ପୂର୍ବତନ ଡିନ୍ ଓ ଅଧ୍ୟକ୍ଷ ଏବଂ ଆଇଏସିର ୨ ଜଣ ପୂର୍ବତନ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗ, ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍, ପାଥୋଲୋଜି ବିଭାଗ, କ୍ଲିନିକାଲ ହେମାଟୋଲୋଜି ବିଭାଗ, ବାୟୋକେମିଷ୍ଟ୍ରି ବିଭାଗ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଶଂସିତ ହୋଇଥିଲେ । ହେଲେ ଏଥିସହ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସମ୍ମାନିତ ହୋଇଥିବା ବରିଷ୍ଠ ବିଶେଷଜ୍ଞ ଡାକ୍ତର ମାନଙ୍କୁ ମଧ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଡା. କୀର୍ତ୍ତିରେଖା ମହାପାତ୍ର ଧନ୍ୟବାଦ ଦେଇଥିଲେ ।

ରାଜ୍ୟବ୍ୟାପି ଉତ୍କଳ ଦିବସ ମହାସମାରୋହରେ ପାଳିତ

ରାୟଗଡ଼ା: ରାୟଗଡା ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାସ୍ତରୀୟ ୮୯ତମ ଓଡ଼ିଶା ଦିବସ-୨୦୨୪ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟୁଷାରେ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିବା ବେଳେ ସକାଳ ସାଢେ ୭ଟା ସମୟରେ ସ୍ଥାନୀୟ ଗଜପତି ଛକରେ ଅବସ୍ଥାପିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ମନୋଜ ସତ୍ୟାନନ୍ଦ ମହାଜନ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଉପଜିଲ୍ଲାପାଳ ରାୟଗଡ କଲ୍ୟାଣୀ ସଂଘମିତ୍ରା ଦେବୀ, ଉପନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ବସନ୍ତ କୁମାର ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଆଲେନୁର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ପୌରନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ପ୍ରେମ ପାହାଡ଼ ୱାକର୍ସ କ୍ଲବର ସଭାପତି ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ରହି ସାମୁହିକ ମାଲ୍ୟାର୍ପଣ କରିଥିଲେ । ଏହାପରେ ସ୍ଥାନୀୟ ଆଜାଦ୍ ହିନ୍ଦ ଯୁଥ୍ ଆସୋସିଏସନ୍ ପାଖରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ନୂତନ ବସ୍ ଷ୍ଟାଣ୍ଡରେ ସ୍ଥାପିତ ସମ୍ବିଧାନ ପ୍ରଣେତା ଡ଼ଃ ବି.ଆର. ଆମ୍ବେଦକର ଓ ବିଜୁ ପଟ୍ଟନାୟକ, ଶାସ୍ତ୍ରୀ ନଗରରେ ଥିବା ସହୀଦ ଲକ୍ଷ୍ମଣ ନାୟକ, ରାମଟକିଜ୍ ପାଖ ଆମ୍ବେକର ନଗର ଥିବା ଡ଼ଃ ଆମ୍ବେଦକର, ସ୍ଥାନୀୟ ଅଦାଲତ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ପର୍କରେ ଅବସ୍ଥାପିତ ପଣ୍ଡିତ ଗୋପବନ୍ଧୁ, ଜାତିର ଜନକ ମହାତ୍ମା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ, ବିନୋଭା ଭାବେ ଓ ଠକର ବାପ ଆଶ୍ରମରେ ଥିବା ଠକର ବାପାଙ୍କ ପ୍ରତିମୂର୍ତ୍ତି ମାନଙ୍କରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଆଦିତନୀୟମରେ ଏକ ସାଧାରଣ ସଭା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଆ ମହାପୁରୁଷ ମାନଙ୍କ ଭୂମିକା ଏବଂ ଆଜିର ପ୍ରଗତିଶୀଳ ଓଡ଼ିଶାରେ ସମସ୍ତ ବର୍ଗର ବିକାଶ ଉପରେ ଆଲୋକପାତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଇତା, ମୁଖ୍ୟବକ୍ତା ଉପଜିଲ୍ଲାପାଳ କଲ୍ୟାଣୀ ଦେବୀ, ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ଜିଲ୍ଲା କୃଷି ଅଧିକାରୀ ସୁମନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ବାଉରୀ, ପୌର କାର୍ଯ୍ୟ ନିର୍ବାହୀ ଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ରମ୍ଭା: ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ ଓ ବିଦ୍ୟାରମ୍ଭ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ରମେଶ ଚନ୍ଦ୍ର ପରିଡା (ମୁଖ୍ୟ ଅତିଥି), ସଭାପତି ଏମ ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ରାମଚନ୍ଦ୍ର ବାଡ଼ତୀୟା, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ଉତ୍କୃଷ୍ଟ କଳା ଓ ସଂସ୍କୃତିର ଭୂମି ଉତ୍କଳ ଜନନୀର ମହିମା, ଉତ୍କଳ ପ୍ରଦେଶ ଗଠନରେ ବରେଣ୍ୟ ମହାପୁରୁଷଙ୍କ ଅବଦାନ ଉପରେ ଉଲ୍ଲେଖ କରାଯାଇଥିଲା । ଗୁରୁଜୀ ଗୁଣାକାର ତ୍ରିପାଠୀ ଅତିଥି ପରିଚୟ ଦେଇଥିବା ବେଳେ ଗୁରୁଜୀ ରବୀନ୍ଦ୍ର କୁମାର ମହାରଣା କୃତଜ୍ଞତା ଜ୍ଞାପନ କରିଥିଲେ ।

ବାଲେଶ୍ୱର: ଓଡ଼ିଆ ଜାତିକୁ ସମ୍ମାନ ଦେବା ସହ ଓଡ଼ିଆ ହେବା ନେଇ ଗର୍ବ ଅନୁଭବ କରିବା ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଅଛି । ୮୯ ତମ ଉତ୍କଳ ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଉତ୍କଳ ମାତୃକାର ଜନ୍ମତିଥିକୁ ଆଜୀବନ ପାଳନ କରିବାର ବ୍ରତ ଗ୍ରହଣ କରିବା ନେଇ ସୂଚୀତ କରିଥିଲେ । ଏଥିସହ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ନିଜର ମାତୃଭୂମି ଭାବରେ ଆପଣାଇବା ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ଡ଼କ୍ଟର ବ୍ରଜମୋହନ ମିଶ୍ର ଯୋଗଦେଇ, ଉତ୍କଳ ମାତୃକାର ମୋହରେ ଯାନ୍ତ୍ରିକ ଓ ଆକସ୍ମିକ ଭାବରେ ଅଂଶଗ୍ରହଣ ନକରି ଆତ୍ମିକ ଭାବର ପ୍ରଦର୍ଶନ ଦେବା ଆବଶ୍ୟକ ହୁଏ ବୋଲି ଅଭିବ୍ୟକ୍ତ କରିଥିଲେ । ଓଡ଼ିଆ ହେବା ସହ ନିଜ ହୃଦୟରେ ଓଡ଼ିଶାର ଅସ୍ମିତାକୁ ନେଇ ପରିଚିତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହିତ କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଇତିହାସ ବର୍ଣ୍ଣନା କରି ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ ଓ ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସବ୍ୟସାଚୀ ପଟ୍ଟନାୟକ ଉପସ୍ଥିତ ହୋଇ ଉତ୍କଳ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଦୃଷ୍ଟିପାତ କରିଥିଲେ । ଏହି ଅବସରରେ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଓ ଡ଼କ୍ଟର ବ୍ରଜମୋହନ ମିଶ୍ରଙ୍କୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମ୍ମାନୀତ କରିଥିଲେ । ଏଥିସହ ଚିତ୍ରାଙ୍କନ, ବକ୍ତୃତା, ରଙ୍ଗ-ମୁରୁଜ ଝୋଟି ଆଦି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ସଞ୍ଚାଳନ ପ୍ରଫେସର ଡ଼କ୍ଟର ଦେବାଶିଷ ପାତ୍ର କରିଥିଲେ ଓ ଡ଼କ୍ଟର ଶିଖାଶ୍ରୀ ରାୟ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭାଗ ମୁଖ୍ୟ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ । ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଯାଜପୁର: ଜିଲ୍ଲା ସଦର ମହକୁମା ଠାରେ ଯାଜପୁର ଜିଲ୍ଲାସ୍ତରୀୟ ଉତ୍କଳ ଦିବସ – ୨୦୨୪ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲ୍ଲା ସ୍କୁଲର ମିଳିତ ଆନୁକୂଲ୍ୟରେ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ଶୁଭେନ୍ଦ୍ର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଯାଜପୁର ଜିଲ୍ଲା ପୌର ନିର୍ବାହୀ ଅଧିକାରୀ ଅନିଲ କୁମାର ମହାନ୍ତି, ଯାଜପୁର ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳର ବରପୁତ୍ର ଓ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଗାନ୍ଧି ଚୁକ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଏବଂ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ପରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର, କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଓ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଏବଂ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଜିଲ୍ଲା ସ୍କୁଲ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ, ଡଃ ସର୍ବପଲି ରାଧାକ୍ରିଷ୍ଣନ୍, ଶାନ୍ତିଦୂତ ଲାଲ୍‌ବାହାଦୁର ଶାସ୍ତ୍ରୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଗୁଡିକରେ ମାଲ୍ୟାର୍ପଣ କରିଥିଲେ ।

ଛତ୍ରପୁର: ପବିତ୍ର ଉତ୍କଳ ଦିବସ ଓଡ଼ିଶା ଇତିହାସରେ ଏକ ଅବିସ୍ମରଣୀୟ ଦିବସ । ପ୍ରତି ଓଡ଼ିଆଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ । ଏହି ଦିନ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଜନ୍ମ ନେଇଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ଉତ୍କଳମଣୀ ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରି ଓଡ଼ିଶାର ଅନେକ ବରପୁତ୍ରମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସଂଘର୍ଷ କରିଥିଲେ । ଏହି ବୀରପୁତ୍ର ମାନଙ୍କ ଅବିଶ୍ରାନ୍ତ ସଂଗ୍ରାମ ପରେ ୧୯୩୬ ମସିହା ଅପ୍ରେଲ ୧ ତାରିଖ ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇପାରିଥିଲା । ଲୋୟର ବସ୍‌ଷ୍ଟାଣ୍ଡ ଛତ୍ରପୁର ଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି, ବାର୍ ଆସୋସିଏସନ୍ ସାମ୍ନାରେ ଥିବା ଉତ୍କଳ ଗୌରବ ମଧୁ ସୂଦନ ଦାସଙ୍କ ପ୍ରତିମୂର୍ତ୍ତି, ଥାନା ସାମ୍ନାରେ ଥିବା ଭୂତପୂର୍ବ ମହାମହିମ ରାଷ୍ଟ୍ରପତି ଡଃ ଏପିଜେ ଅବ୍ଦୁଲ କାଲାମଙ୍କ ପ୍ରତିମୂର୍ତ୍ତି ଓ ଷ୍ଟାଡିୟମ୍ ପାର୍ଶ୍ୱରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀ, ରଖି ଖୁଣ୍ଟିଆ, ଜୟୀ ରାଜଗୁରୁ, ମା' ରମାଦେବୀ, ବକ୍ସି ଜଗବନ୍ଧୁ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ବାଜି ରାଉତ, ଡଃ ହରେକୃଷ୍ଣ ମହତାବ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଚଳିତ ବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଏବଂ ଆଦର୍ଶ ଆଚରଣ ବିଧି ଅନୁଯାୟୀ ଏହି ଉତ୍ସବଟିକୁ ପାଳନ କରାଯାଇଥିଲା । ପରେ ପରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିକ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଙ୍ଗୀତ ଗାନ ପୂର୍ବକ ଓଡ଼ିଶା ପ୍ରଦେଶ ଗଠନର ମହାମନିଷୀଙ୍କ ତୈଳ ଚିତ୍ରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଦେବବ୍ରତ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ଅନ୍ୟାନ୍ୟ ଅଧିକାରୀଗଣ ଓଡ଼ିଶା ପ୍ରଦେଶ ଗଠନର ମହାମନିଷୀ ମାନଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ । ଏହି ଉତ୍ସବରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସାମ୍ବାଦିକ ବନ୍ଧୁଗଣ ଯୋଗ ଦେଇଥିଲେ ।

କେନ୍ଦୁଝର: ନାର୍ଭେରାମ ପାୱାର ଏବଂ ଷ୍ଟିଲ୍ ପ୍ଲାଣ୍ଟ ବଡବିଲ୍ ଦ୍ୱାରା ଉତ୍କଳ ଦିବସ ପାଳନ ବହୁ ଆଡମ୍ବର ସହ ପାଳନ କରାଯାଇଛି । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ ଯେଉଁ ମହାପୁରୁଷ ମାନଙ୍କ ପ୍ରମୁଖ ଭୂମିକା ଥିଲା । ସେମାନଙ୍କ ଫଟୋଚିତ୍ରରେ ଖଣି ପ୍ରବନ୍ଧକ ପ୍ରଶାନ୍ତ ମହାନ୍ତି, ମାନବସମ୍ବଳ ବିଭାଗ ମୁଖ୍ୟ ପିୟୁସ୍ ପାଣ୍ଡେ, ବିଦ୍ୟୁତ୍ ବିଭାଗ ମୁଖ୍ୟ ସରୋଜ ଦେଓ, ସୁରକ୍ଷା ବିଭାଗ ମୁଖ୍ୟ ଘନଶ୍ୟାମ ବେରା ଏବଂ ଅନ୍ୟ ଅଧିକାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଏବଂ ସ୍ଥାନୀୟ ସ୍କୁଲ ପିଲାମାନେ ମଧ ଅଂଶଗ୍ରହଣ କରିଥିଲେ । ଏହିଦିନ ଭାଷା ଆଧାରରେ ଭାରତରେ ପ୍ରଥମ ସ୍ୱାଧୀନ ରାଜ୍ୟ ଗଠନ କରାଯାଇଥିଲା । ଓଡ଼ିଶା ପୂର୍ବରୁ ବଙ୍ଗଳା ପ୍ରଦେଶର ଏକ ଅଂଶ ଥିଲା ଏବଂ ତିନି ଦଶନ୍ଧି ଧରି ଅକ୍ଲାନ୍ତ ଉଦ୍ୟମ ପରେ ଏହି ଅଞ୍ଚଳକୁ ଏକ ସ୍ୱାଧୀନ ରାଜ୍ୟ ଭାବରେ ଘୋଷଣା କରାଯାଇଥିଲା ବୋଲି ଶ୍ରୀ ମହାନ୍ତି ତାଙ୍କ ବକ୍ତୃତାରେ ଉଲ୍ଲେଖ କରିଥିଲେ । ଏହି ଦିନ ଆମେ ସମସ୍ତେ ରାଜ୍ୟ ତଥା ଏହାର ଅଧିବାସୀ ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧ ଜୀବନ ପାଇଁ ପ୍ରାର୍ଥନା କରୁଛନ୍ତି । ସେହି ଆନ୍ଦୋଳନର ସମସ୍ତ ଉଲ୍ଲେଖନୀୟ ନେତାଙ୍କୁ ସ୍ମରଣ କରିବା, ବିଶେଷ ଭାବରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି, ଗୋପାବନ୍ଧୁ ଦାସ, ଫକିର ମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଆହୁରି ଅନେକ ଯେଉଁମାନଙ୍କ ସଂଗ୍ରାମ ଆମକୁ ଏକ ସ୍ୱତନ୍ତ୍ର ପରିଚୟ ଦେଉଛି ତାଙ୍କୁ ଆମେ ଅନୁଭବ କରିବା ଜରୁରୀ । ଆମର ସଂସ୍କୃତି, କଳା, ଖାଦ୍ୟ ଏବଂ ଭାଇଚାରାକୁ ଆମକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ଓ ତାକୁ ସବୁଦିନ ପାଇଁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କରିବା ଉଚିତ୍ ବୋଲି ପ୍ରଶାନ୍ତ ମହାନ୍ତି କହିଥିଲେ ।

ସମ୍ବଲପୁର: ପ୍ରତିବର୍ଷ ଭଳି ସମ୍ବଲପୁର ଜିଲ୍ଲା ପ୍ରଶାସନର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସଙ୍ଗେ ମହାଆଡମ୍ବର ସହକାରେ ପାଳନ କରାଯାଇଛି । ଏଇ ଅବସରରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ, ସରକାରୀ କର୍ମଚାରୀ, ବୁଦ୍ଧିଜୀବୀ, ପ୍ରିଣ୍ଟ ଓ ମିଡ଼ିଆ ବନ୍ଧୁ ଗଣ ଆଦିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ବରପୁତ୍ର ମାନଙ୍କର ଅବଦାନ ସ୍ମରଣ କରିବା ଉଦ୍ଦେଶ୍ୟରେ ସମ୍ବଲପୁରର ଜିଲ୍ଲା ପ୍ରଶାସନ ତରଫରୁ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ଓ ସମ୍ମାନନୀୟ ଅତିଥି ଭାବେ ଏସ.ଏମ.ସି କମିଶିନର ବେଦ ଭୂଷଣଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ପାଇଁ ସଂଗ୍ରାମ କରିଥିବା ବୀରପୁତ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସେମାନଙ୍କ ଅବଦାନକୁ ସ୍ମରଣ କରି କୃତଜ୍ଞତାର ଶ୍ରଦ୍ଧାଞ୍ଜଳି ଦେବାପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଶିଶୁ ମନ୍ଦିର ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ନିଜର ବକ୍ତବ୍ୟରେ ଓଡ଼ିଶାକୁ ଏକ ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ବୋଲି କହିଥିଲେ । ଏହା ପରେ ଅଜାମ୍ବର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୀର୍ଘ ୮୮ ବର୍ଷ ତଳେ ସ୍ୱାଧୀନ ପୂର୍ବ ଭାରତ ବର୍ଷରେ ଭାଷା ଭିତ୍ତିକ ଏକ ରାଜ୍ୟ ଗଠନ ତଥା ଗୋଟିଏ ପଟେ ଦେଶର ସ୍ୱାଧୀନତା ଲାଗି ଲଢ଼େଇ ଓ ତାରି ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ରକ୍ଷା ସହ ନିଜ ଭାଷାର ସୁରକ୍ଷା ପାଇଁ ହୋଇଥିବା ବଡ଼ ସଂଗ୍ରାମରେ ଆମ ମହାନ ବରପୁତ୍ରମାନେ କିଭଳି ସଂଘର୍ଷ କରି ଆମକୁ ଏହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡ଼ିଶା ରାଜ୍ୟ ଉପହାର ଦେଇଥିଲେ । ସେ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୁଶ୍ରୀ ସଂଯୁକ୍ତା କୁଲୁଙ୍କ ଦ୍ୱାରା, ଧନ୍ୟବାଦ ଅର୍ପଣ ଡେପୁଟି କଲେକ୍ଟର ଶ୍ରୁଶ୍ରୀ ରସ୍ମୀ ଭୋଇଙ୍କ ଦ୍ୱାରା କରାଯାଇଥିବା ବେଳେ ବିରୁପାକ୍ଷ ପ୍ରଧାନଙ୍କ ଦ୍ୱାରା ସଭା କାର୍ଯ୍ୟ ପରିଚାଳନା କରାଯାଇଥିଲା ।

ବାଲିଗୁଡା: କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ୮୯ ତମ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏ ନେଇ ବାଲିଗୁଡା ବ୍ଲକ ଗୁମାକିଆ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ସମେତ ଉତ୍କଳର ବରପୁତ୍ର ମାନଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ଜଳନ କରିବା ପରେ ଏକ ସଭାର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଓଡ଼ିଶାର ବରପୁତ୍ର ମାନଙ୍କ ନିଷ୍ପାପର ଉଦ୍ୟମ ଫଳରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥିଲା । ଓଡ଼ିଆ ଭାବେ ଗର୍ବ କରିବା ସହ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବା ସହ ଓଡ଼ିଆ ଜାତିର ସ୍ୱାଭିମାନକୁ ସର୍ବଦା ବଜାୟ ରଖିବା ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ ।

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ନୂଆ ଟାଉନ୍ ହଲ୍ ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ତଥା ୩୧ତମ ଜିଲ୍ଲା ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ସମ୍ମାନିତ ଅତିଥି ଭାବରେ ଏସପି ଯଶ ପ୍ରତାପ ଶ୍ରୀମାଲ, ଉପ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବ୍ୟୋମ କେଶ ଦାଶ, ଓ ମୁଖ୍ୟ ବକ୍ତା ଭାବେ ଡଃ ଜ୍ୟୋତି ରଂଜନ ବହିଦାର ଯୋଗଦେଇ ଜିଲ୍ଲା ଗଠନ ପରେ ଏଠାକାର କଳା, ସଂସ୍କୃତି, ପର୍ଯ୍ୟଟନର ଦ୍ରୁତ ବିକାଶ ବିଷୟ ସୁବର୍ଣ୍ଣପୁର ପାଇଁ ଶୁଭ ସଙ୍କେତ ବୋଲି ମତ ରଖିଥିଲେ ଏବଂ ନିଜ ଜିଲ୍ଲା, ରାଜ୍ୟ ଓ ଦେଶକୁ ସମୃଦ୍ଧ କରିବାକୁ ହେଲେ ଆଗେ ନିଜ ମାତୃଭାଷା ଓ ଶିକ୍ଷାର ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ ବୋଲି ମତ ରଖିଥିଲେ । ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହରରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରାତଃ ସମୟ ଦେଶାତ୍ମବୋଧକ ସଙ୍ଗୀତ ଓ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରି ସହରରେ ପରିକ୍ରମା କରିବା ସହ ସକାଳ ୭ଟାରେ ସହରରେ ମହାପୁରୁଷ ଓ ବରପୁତ୍ର ମାନଙ୍କୁ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏଥିରେ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନ କୁମାର ଭୋଇ, ପୌର ପରିଷଦର ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା ଯୋଗ ଦେଇଥିଲେ । ଶେଷରେ ସୁବର୍ଣ୍ଣପୁର ସଙ୍ଗୀତ ମହାବିଦ୍ୟାଳୟ, ସାହାରା ହାଇସ୍କୁଲ, କୋଶଳ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



ମାହାଙ୍ଗା: ମାହାଙ୍ଗା ବ୍ଲକର ଗୁଣ୍ଡୁପୁର ଠାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୯ ତମ ପୁଣ୍ୟ ତିଥିକୁ ବେଶ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥିଲା । ବସୁଧା ସମାଜ ସେବକ ସଂଘର ନବମ ବାର୍ଷିକ ଉତ୍ସବ ଅବସରରେ, ଯୁବକମାନେ ଏକତ୍ରିତ ହୋଇ ଗାଁରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ଏହି ସ୍ୱେଚ୍ଛାସେବୀ ଯୁବକମାନେ ସବୁବେଳେ ସମାଜ ପାଇଁ ସମର୍ପିତ ହୋଇ ଅନେକ ଭଲକାମ କରିବାର ନଜିର ରହିଛି । ବସୁଧା ସମାଜ ସେବକ ଅନୁଷ୍ଠାନର ଯୁବକମାନେ ଗ୍ରାମ୍ୟ ଶ୍ମଶାନର ପୁନଃଉଦ୍ଧାର କରି ପ୍ରଶଂସିତ ହୋଇପାରିଥିବା ବେଳେ ସେମାନେ ଗାଁର ଆଖପାଖ ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି ପାଇଁ ଗୁରୁତ୍ୱ ଦେବାରୁ ବ୍ୟାପକ ବୃକ୍ଷ ରୋପଣ ହୋଇପାରିଛି ବୋଲି ଜଣାପଡିଥିଲା । ସେମାନେ ଗ୍ରାମ୍ୟ ମନ୍ଦିର ସଫେଇ ଠାରୁ ଗ୍ରୀଷ୍ମ ଋତୁରେ ତୃଷାର୍ତ୍ତ ମାନଙ୍କୁ ଜଳଛତ୍ର ମାଧ୍ୟମରେ ପିଇବା ପାଣି ଯୋଗାଣ ଭଳି ଅନେକ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି । ୮୯ ତମ ଉତ୍କଳ ଦିବସକୁ ସ୍ମରଣୀୟ ରଖିବା ପାଇଁ ବସୁଧା ସମାଜ ସେବକ ସଂଘ ପକ୍ଷରୁ ଗୁଣ୍ଡୁପୁର ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଦେଖିବାକୁ ମିଳିଥିଲା ।

କେନ୍ଦ୍ରାପଡା: ପବିତ୍ର ଉତ୍କଳ ଦିବସ ଅବସରରେ ଏ.ଆଇ. ଟି.ୟୁ.ସି ତରଫରୁ ଅନୁଷ୍ଠିତ ହୋଇଯାଇଛି । ସଭାପତି ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଏକ୍ଳ ଦିବସରେ ରମେଶ ନାୟକ, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ବିକାଶ ଚନ୍ଦ୍ର ବେହୁରା, ସୁହାନା ବଗେମ ପ୍ରମୁଖ ଯୋଗଦେଇ ପବିତ୍ର ଉତ୍କଳ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଆ ଭାଷା ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱବ୍ୟାପି କରିବା ଦିଗରେ ଆମେ ମିଳିତ ଉଦ୍ୟମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଗବତୀ ନାୟକ, କବିତା ସାମଲ, ହେମଲତା ସାହୁ, କବିତା ମଲିକଙ୍କ ସମେତ ଜିଲ୍ଲାରେ ୯ଟି ବ୍ଲକର ଆଶାକର୍ମୀ ସଂଗଠନର ସଭାପତି, ସମ୍ପାଦକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ବରିଷ୍ଠ ସଭ୍ୟ ଆଦିକନ୍ଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

କଳିଙ୍ଗନଗର: ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମହାପାତ୍ର, ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଉତ୍କଳ ମାଟିର ସୁଯୋଗ୍ୟ ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ଓଡ଼ିଆ, ନିଜ ମାତୃଭାଷାରେ ଶୁଦ୍ଧ କଥନ ଓ ପଠନ ପ୍ରତି ଯତ୍ନବାନ ହେଲେ ଓଡ଼ିଆ ଜାତିର ଗୌରବ ଅକ୍ଷୁଣ୍ଣ ରହିବ ବୋଲି ଅଧ୍ୟକ୍ଷ ମହୋଦୟ ତାଙ୍କ ଅଭିଭାଷଣରେ ବ୍ୟକ୍ତ କରିଥିଲେ । ଏହି ଅବସରରେ ସାମୂହିକ ସଙ୍ଗୀତ ଗାନ କରାଯାଇଥିଲା । ଶିକ୍ଷୟିତ୍ରୀ ପ୍ରୀତିଶ୍ରୀ ପ୍ରିୟଦର୍ଶିନୀ ଉତ୍କଳ ମାତାର ବୀର ସନ୍ତାନମାନଙ୍କର ତ୍ୟାଗ ଓ ବଳିଦାନର ଇତିହାସ ଉପରେ ଆଲୋକପାତ କରିଥିଲେ । ମାଟି ମାଆ ପାଇଁ ସ୍ୱରଚିତ କବିତା ପାଠ କରିଥିଲେ ଶିକ୍ଷକ ଦିଲ୍ଲୀପ କୁମାର ଶତପଥୀ ଓ ସପନ କୁମାର ଗିରି । ଶିକ୍ଷକ ଦୀନବନ୍ଧୁ ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଡକ୍ଟର ଇତିଶ୍ରୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସୁରୁରୂପେ ସମ୍ପାଦିତ ହୋଇଥିଲା ।

||||||||||||||| ଜିଲ୍ଲାସ୍ତରୀୟ ୮୯ତମ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ |||||||||||||||

ମାତୃଭାଷାର ପ୍ରଗତିରେ ଜାତିର ଉନ୍ନତି:ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ୮୯ତମ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଯୋଗଦେଇ ଓଡ଼ିଶାର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ପ୍ରଥମ ଓଡ଼ିଆ ମୁଦ୍ରିତ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ଗୌରୀଶଙ୍କର ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କନିକା ରାଜା ଆଦିଙ୍କ ମହାର୍ଘ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥଲେ। କହିଥିଲେ ଆମ ପାଖରେ ଅଛି ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ, ୟୁନେସ୍କୋ ୱାର୍ଲଡ୍ ହେରିଟେଜ୍ ସାଇଟ୍, ବିସ୍ତୀର୍ଣ୍ଣ ସାଗରତଟ ପୁଣି ଅସରନ୍ତି ପ୍ରାକୃତିକ ସମ୍ପଦ। ଏହାର ଯଥାର୍ଥ ବିନିଯୋଗ କରି

ପ୍ରଗତିର ନନ୍ଦିଘୋଷକୁ ଆଗେଇ ନେବା ପାଇଁ ଆମକୁ ସଙ୍କଳ୍ପବଦ୍ଧ ହେବାକୁ ପଡ଼ିବ। କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଶାସନିକ ସ୍ତରରେ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ସେ ଏହି ଅବସରରେ କହିଥିଲେ। ଏହି ସମାରୋହରେ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ଏବଂ ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ମୃତିକୁ ରୋମନ୍ଥନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ଓଡ଼ିଶା ଦିବସ ପାଳନ ସମାରୋହ ଓ ଜିଲ୍ଲା ପ୍ରତିଷ୍ଠା ଦିବସର ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଓଡ଼ିଶାର ବରପୁତ୍ରଙ୍କ ଫଟୋଚିତ୍ରରେ ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥି ପ୍ରମୁଖ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସକାଳ ୭ ଘଟିକା ଠାରୁ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଡିଆଇପିଆରଓ, ଏସ୍‌ଡିଆଇପିଆରଓ ପ୍ରମୁଖ ପୁଷ୍ପହାର ଅର୍ପଣ କରିଥିଲେ। ନିର୍ବାଚନ ଆଦର୍ଶ ଆଚରଣ ବିଧିର ନୀତିନିୟମ ମଧ୍ୟରେ ପାଳନ କରାଯାଇଥିବା ଏହି ସମାରୋହରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ଓ ଉପସଭାପତି ବିମ୍ବାଧର ମୁଦୁଲି ଓ ଫକୀର ଚରଣ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶନୀ, ଟିଆରଓ ଯୀଶୁକୃଷ୍ଣ ଦାସ, ଶୁଭଶ୍ରୀ ଜେନା, ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଏସ୍ଆର୍‌ଏ ପ୍ରଦୀପ କୁମାର ଦାଶ, ନିକ୍ଷେପକ ମଧୁସୂଦନ ମଲ୍ଲିକ, ଜେଆର୍‌ଏ ଜୟଶ୍ରୀ ସାହୁ, ତପନ କୁମାର ପରିଡ଼ା, ରଞ୍ଜନ କୁମାର ବେହେରା, ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଝାରସୁଗୁଡ଼ା ସହରରେ ଟ୍ରାଫିକ୍ ଓ ଅପରାଧିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବ ସିସିଟିଭି

ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡ଼ା ସହରରେ ଟ୍ରାଫିକ୍ ତଥା ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ସକାଶେ ବେହେରାମାଲ, ଏସ୍‌ପି ଅଫିସ୍ ଛକ, ବିମାନବନ୍ଦର ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ଟାଉନ୍‌ଥାନା ଛକ, ସରବାହାଲ ଛକ ଆଦି ବିଭିନ୍ନ ପ୍ରମୁଖ ସ୍ଥାନମାନଙ୍କରେ ସିସିଟିଭି କ୍ୟାମେରା ମୁତୟନ କରାଯାଇଛି । ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କଣ୍ଟ୍ରୋଲ ରୁମ୍‌ରୁ ଗାଡ଼ି ଚାଳକଙ୍କ ଗତିବିଧି ଉପରେ ନଜର ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଚଳିତ ଅପ୍ରେଲ ମାସ ୮ ତାରିଖରୁ ମଟରଯାନ ଆଇନ୍ ଉଲ୍ଲଂଘନକାରୀ ଗାଡ଼ି ଚାଳକଙ୍କ ବିରୁଦ୍ଧରେ ଅନ୍‌ଲାଇନ୍ ମାଧ୍ୟମରେ ଚାଲାଣ କଟାଯିବ । ମଟର ଯାନ ନିୟମର ବିଭିନ୍ନ ଧାରା ଅନୁସାରେ ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଇବା ପାଇଁ ୧ହଜାର ଟଙ୍କା, ସ୍କୁଟର ମଟର ସାଇକେଲ ଆଦି ୨ ଚକିଆ ଯାନରେ ୩ଜଣ ବସି ଯାତାୟାତ କଲେ ୧ହଜାର ଟଙ୍କା, ଟ୍ରାଫିକ୍‌ର ନାଲି ସଂକେତକୁ ଅଣଦେଖା ପୂର୍ବକ ଅତିକ୍ରମ କରିବା ସକାଶେ ୫ ହଜାର ଟଙ୍କା ଓ ବେପରୁଆ ଭାବେ ଗାଡ଼ି ଚାଳନା ପାଇଁ ଏକ ହଜାର ଟଙ୍କା ଜରିମାନା ବାବଦକୁ ଆଦାୟ କରାଯିବ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତଥା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ମଟର ଯାନ ଅଧିନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଅପ୍ରେଲ ୮ ତାରିଖରୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି ।

୧୨ କେଜି ଗଞ୍ଜେଇ ଜବତ:୪ ଗିରଫ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ନିର୍ବାଚନ ଥିବାରୁ ପୋଲିସ ପକ୍ଷରୁ ଚେକିଂ କଡାକଡି କରାଯାଉଛି । ବିଭିନ୍ନ କେଶରେ ଛନ୍ଦୀ ହୋଇ ବେଗୁନିଆପଡା ପୋଲିସ ଆସାମୀ ଖୋଜୁଥିବା ବେଳେ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ଗୁପ୍ତେଶ୍ୱର ମନ୍ଦିର ସନିକଟ ଲକ୍ଷ୍ମୀ ଢ଼ାବା ପାର୍ଶ୍ୱରେ ଏକ ଭଡା ଘରେ ରହୁଥିବା ଖବର ପାଇଥିଲେ । ଉପରୋକ୍ତ ଖବରକୁ ରମ୍ଭା ଥାନା ଆଇ.ଆଇ.ସି ସତ୍ୟବ୍ରତ ଭୂତିଆ ଇସାରା ଆସିବା ଫଳରେ ସଦଳ ବଳେ ଉପରୋକ୍ତ ଘରେ ଚଢ଼ଉ କରିବା ପରେ ଆସାମୀ ୪ ଜଣ ସହ ୧୨ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଯାହାର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜବତ କରିଥିଲେ । ଆସାମୀ ମାନେ ଖଲ୍ଲିକୋଟ, ରମ୍ଭା ଓ ବେଗୁନିଆପଡା ଥାନା ଅଞ୍ଚଳର ବୋଲି ଆଇ.ଆଇ.ସି ପ୍ରକାଶ କରିଛନ୍ତି । ଏନେଇ ରମ୍ଭା ଥାନା କେଶ ନଂ ୨୨୮/୨୪ ରେ ଏକ ମାମଲା ରୁଜୁ କରି ୪ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଭାଇ ଉପରେ ମରଣାନ୍ତକ ଆକ୍ରମଣ:ଭାଇ ଗିରଫ

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ନିଶ୍ଚିନ୍ତକୋଇଲି ବ୍ଲକ ତରତ ଶାସନ ଗ୍ରାମପଞ୍ଚାୟତ କୋଇଲିରଙ୍ଗି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଭାଇ ଉପରେ ମରଣାନ୍ତକ ଆକ୍ରମଣକରି ଭାଇ ଗିରଫ ହୋଇଛି। ଏହି ଘଟଣାଟି ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ତରତ ଶାସନ ଗ୍ରାମପଞ୍ଚାୟତ କୋଇଲିରଙ୍ଗି ଗ୍ରାମର କସ୍ତୁରୀ ପ୍ରଧାନଙ୍କ ପୁତ୍ର ସୁବାଷ ଚନ୍ଦ୍ର ପ୍ରଧାନ (୪୦)ଙ୍କ ଉପରେ ତାଙ୍କର ଭାଇ ବାବୁ ପ୍ରଧାନ ପୂର୍ବ ଶତୃତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୧୦୮ ଯୋଗେ ସୁବାଷଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରିସ୍ଥିତି ଉଦ୍‌ବେଗଜନକ ହେବାରୁ ପରିବାର ତରଫରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ସମ୍ପର୍କରେ ଗୁରୁତର ଆହତ ସୁବାଷଙ୍କ ଶ୍ୱଶୁର ଯୋଗେନ୍ଦ୍ରନାଥ ରାୟ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ନେମାଳ ଥାନା କେଶ ନଂ ୫୩/୨୦୨୪ରେ ମାମଲା ରୁଜୁ କରିବା ସହ ଆକ୍ରମଣକାରୀ ଭାଇ ବାବୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଥାନା ଆଇଆଇସି ସୁଶିଲ କୁମାର ନାୟକଙ୍କ ସୂତ୍ରରୁ ପ୍ରକାଶ ।

ଗର୍ଭବତୀ ମହିଳାଙ୍କ ମୃତ୍ୟୁ:ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ରାଇଘର, ନ୍ୟୁଜ୍ ବ୍ୟୁରୋ

ରାଇଘର ଥାନା ଅଧୀନରେ ଥିବା ଡୁମୁରିମୁଣ୍ଡା ଗ୍ରାମରେ ଜଣେ ଗର୍ଭବତୀ ମହିଳା ଆତ୍ମହତ୍ୟା କରିଥିବା ବେଳେ ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ । ପୋଲିସ ସୂତ୍ରରୁ ପ୍ରକାଶ ଯେ ଗତ ୨୬ ତାରିଖ ରାତିରେ ପରିବାର ଲୋକେ ସାଙ୍ଗରେ ଖାଇଲା ପରେ ସ୍ତ୍ରୀ ଦୁଲେଇ ସର୍ଦାର (୧୯) ଶୋଇବାକୁ ଯାଇଥିଲେ । ସ୍ୱାମୀ ଗୋବିନ୍ଦ ଘରାମି ଅନ୍ୟ ଏକ ରୁମ୍‌ରେ ଟିଭିରେ କ୍ରିକେଟ ଖେଳ ଦେଖୁଥିଲେ । ଖେଳ ସରିବା ପରେ ରାତି ପ୍ରାୟ ୧ଟା ବେଳେ ଶୋଇବା ରୁମ୍‌ରେ ଯାଇ ଦୁଲେଇ ଘରର ଦୁଲମରେ ବେକରେ ଶାଢ଼ି ବାନ୍ଧି ଝୁଲୁଥିବାର ଦେଖିଥିଲେ । ଏହା ପରେ ସେ ରାଇଘର ଥାନାରେ ଜଣାଇବା ସହ ଶଶୁର ଘର ଲୋକଙ୍କୁ ଖବର କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଡାକି ମୃତ ଦେହ ଉଦ୍ଧାର କରିଥିଲା । ଦୁଲେଇର ପରିବାର ଲୋକେ ମାଲକାନଗିରିରୁ ଆସି ପହଞ୍ଚିବା ପରେ ମୃତ ଶରୀର ଉଦ୍ଧାର ହୋଇଥିବା ପୋଲିସ ପ୍ରକାଶ କରିଛି । ଏଥିସହ ମହିଳାଙ୍କ ବାପା ସୁବାସ ସର୍ଦାର ଏହା ଆତ୍ମହତ୍ୟା ନୁହଁ ପାରିବାରିକ କଳହରୁ ହତ୍ୟା ବୋଲି ରାଇଘର ଥାନାରେ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି, ପ୍ରାୟ ବର୍ଷେ ତଳେ ଦୁଲେଇର ବାହାଘର ହୋଇଥିବା ବେଳେ ବର୍ତ୍ତମାନ ସେ ୪ ମାସର ଗର୍ଭବତୀ ଥିବା ଜଣାପଡିଛି । ଉକ୍ତ ଘଟଣାରେ ରାଇଘର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ସହ ବ୍ୟବଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡିବ ଏବଂ ସ୍ୱାମୀ ଗୋବିନ୍ଦ ଅଟକ ଥିବା ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରକାଶ କରିଛନ୍ତି ।

ବଡ଼ବିଲ୍ ଜିନ୍ଦଲ୍ ସ୍କୁଲର ଉତ୍କଳ ଦିବସ ପାଳନ

କେନ୍ଦୁଝର, ନ୍ୟୁଜ୍

ସୟାବାଲି ସ୍ଥିତ ଜିନ୍ଦଲ୍ ସ୍କୁଲରେ ୮୯ତମ ଉତ୍କଳ ଦିବସ ପାଳନ ହେଇଯାଇଛି । ଏଥିରେ ବିଦ୍ୟାଳୟର ଅଧକ୍ଷା ସୁଶ୍ରୀ ସଙ୍ଗୀତ ରାଣୀ ଦାସ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ଅତିଥି ମାନଙ୍କୁ ପାଛୋଟି ଆଣି ମଞ୍ଚାସୀନ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସ୍କୁଲ ଅଧକ୍ଷା ସଂଗୀତା ଦାସ, ଓଡ଼ିଆ ବିଭାଗର ମିନତୀ ଦାସ ଓ ସମସ୍ତ ସମ୍ମାନୀୟ ଅତିଥି ମାନଙ୍କ ଦ୍ୱାରା ଓଡ଼ିଶାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ପିଲଟ ପ୍ଲାଣ୍ଟର ମୁଖ୍ୟ ଅଧିକାରୀ ତଥା ବିଦ୍ୟାଳୟ ସଭାପତି ପୁରୁଷ୍ଟମ୍ ଏମଡି ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ନିର୍ମାଣର ମୁଖ୍ୟ ପୁରୋଧା ମାନଙ୍କ ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବରେ ଶାରଦା ଲୌହ ଖଣିର ବରିଷ୍ଠ ଉପ ସଭାପତି ବିନୋଦ ବିହାରୀ ସାହୁ, ଉପ ସଭାପତି ହୃଦୟନନ୍ଦ ସିଂ ଜିନ୍ଦଲ୍ ପେଲେଟ ପ୍ଲାଣ୍ଟର ମାନବ ସମ୍ବଳ ବିଭାଗର ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ । ଏତଦ୍ ବ୍ୟତୀତ ଶାରଦା ମହିଳା କ୍ଲବର ଉପସଭାପତି ଅନୁପମା ସାହୁ ଯୋଗ ଦେଇଥିଲେ । ବିଦ୍ୟାଳୟର ବିଭିନ୍ନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଉତ୍କଳ ସମ୍ମିଳନୀ ଭଦ୍ରକ ଶାଖାର ୮୯ତମ ଓଡ଼ିଶା ଦିବସ ପାଳନ

ଭାଷା, ଜାତି ଓ ସଂସ୍କୃତି ହେଉଛି ଏକ ଅବିଚ୍ଛିନ୍ନ ପ୍ରକ୍ରିୟା

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଜଣେ ବ୍ୟକ୍ତି ନିଜର ସାଧାରଣ ଜୀବନ ବୃତ୍ତରେ ଯେତେ ଶବ୍ଦ କୁହେ, ତାହା ତା'ର ନିଜର ନୁହେଁ। ବହୁ ପୂର୍ବରୁ ବା ଅତୀତର ଅଭିଜ୍ଞତାରୁ ତାହା ସାଇତା ହୋଇଆସିଛି । ଯୁଗଯୁଗର ଜାତିର ମଣିଷର ସଂସ୍କୃତି ଓ ବିଶ୍ୱାସ ଏଥିସହ ଜଡ଼ିତ। ଏଣୁ ଭାଷା ଆମ ସଂସ୍କୃତି ସଂଜାତ ଓ ଏହା ଜୀବନଧାରାର ଏକ ଅବିଚ୍ଛିନ୍ନ ପ୍ରକ୍ରିୟା ବୋଲି ଉତ୍କଳ ସମ୍ମିଳନୀ ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ୮୯ତମ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥି ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସମ୍ମିଳନୀର ସମ୍ପାଦକ ଅଜୟ ନାୟକଙ୍କ

ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବୀ ଜମାନ୍ ଏସ.ଏମ୍. ଫାରୁକଙ୍କ ସଭାପତିତ୍ୱ କରିଥିଲେ । ଏଥିରେ 'ଭାଷା ହିଁ ଜାତିର ସୁରକ୍ଷା କବଚ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହପ୍ରାନ୍ତ କାର୍ଯ୍ୟବାହ ରବିନାରାୟଣ ପଣ୍ଡା ସମ୍ମାନିତ ବକ୍ତା ଭାବେ ଗୋବର୍ଦ୍ଧନ ସାମଲ, ଦିବ୍ୟସିଂହ ନାୟକ, ଅଧ୍ୟାପକ ନିହାର ରଞ୍ଜନ କର, ଶାନ୍ତନୁ କୁମାର ରାଉତ, ବୈଲୋଚନ ବେହୁରିଆ, ରୂପକ ବିହାରୀ ରାୟ, କଳ୍ପନା ଜେନା, ଡକ୍ଟର କ୍ଷୀରୋଦ କୁମାର ସାମଲ, ଡକ୍ଟର ପ୍ରଭାତନଳିନୀ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ବସନ୍ତ ମହାନ୍ତି, ମନୋରମା ରାୟ, ଜାନକୀ ପାଢୀ, ପଦ୍ମନ ରାୟ, ଗୟାଧର ପଣ୍ଡା, ଗୌତମ ମହାରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଧାକର ରାଉତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ବାବୁଲାଲ ଦାସ ଅତିଥି ପରିଚୟ ଓ ଚର୍ଚ୍ଚିକା ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୌରାଙ୍ଗ ବାରିକ, ଲକ୍ଷ୍ମୀକାନ୍ତ ବାରିକ ଓ ଚିନ୍ମୟ ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ କୋଷାଧକ୍ଷ ବିଜୟ କୁମାର ବହଳୀ ଧନ୍ୟବାଦ ଅର୍ପଣ କରିଥିଲେ।

|||||||||||||||||||| ମୋରଡ଼ାରେ ବଳ ଗୋଟାଉଛି ବିଜେଡ଼ି ||||||||||||||||||||

ବିଜେଡ଼ିରେ ସାମିଲ ହେଲେ କଂଗ୍ରେସର ଛାମୁଆ ନେତା

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ଦୃଢ଼ ନେତୃତ୍ୱ ଏବଂ ନିରପେକ୍ଷ ଶାସନ ପ୍ରକ୍ରିୟାରେ ଅନୁପ୍ରାଣିତ ହୋଇ ମୋରଡ଼ା ନିର୍ବାଚନ ମଣ୍ଡଳୀର ଛାମୁଆ କଂଗ୍ରେସ ନେତାମାନେ ବିଜେଡିରେ ସାମିଲ ହୋଇଛନ୍ତି । ଏନେଇ ସ୍ଥାନୀୟ ମୁର୍ଗାବାଡ଼ି ନିକଟରେ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡିର ଜିଲ୍ଲା ସଭାପତି ତଥା ଲୋକସଭା ସାଂସଦ ପାର୍ଥୀ ସୁଦାମ ମାରାଣ୍ଡିଙ୍କ ସମେତ ମୋରଡ଼ା ବିଧାୟକ ରାଜକିଶୋର ଦାସ, ବାରିପଦା ପୌରପାଳିକାର ନଗରପାଳ ତଥା ମୋରଡ଼ା ନିର୍ବାଚନ ମଣ୍ଡଳୀ ସଂଯୋଜକ କୃଷ୍ଣାନନ୍ଦ ମହାନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ସୁନୀଲ ଦାଶ, ମୋରଡା ବ୍ଲକ ସଂଯୋଜକ ମୀନକେତନ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ମୋରଡ଼ା ବ୍ଲକ କଂଗ୍ରେସ ସଭାପତି ଘାସିରାମ ବେହେରାଙ୍କ ସମେତ ଗଡ଼ିଆ ଗ୍ରାମ ପଞ୍ଚାୟତର କଂଗ୍ରେସ ନେତା ଶ୍ରୀକାନ୍ତ ପାତ୍ର, ହଳଦୀପାଳର କଂଗ୍ରେସ ନେତା ଜୟନ୍ତ ବେହେରା, ମୋରଡ଼ା ବ୍ଲକର ପୂର୍ବତନ ଯୁବ ସଭାପତି ମୁନା ଧଳ ଓ ଚିତ୍ରଡାର ଜଗନ୍ନାଥ ରାୟବାବୁ ପ୍ରମୁଖ ଶତାଧିକ

କର୍ମୀ ଓ ସମର୍ଥକଙ୍କ ସହ କଂଗ୍ରେସ ଦଳ ଛାଡି ବିଜେଡିରେ ମିଶିଛନ୍ତି । ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କ ସମେତ ମୋରଡ଼ା ନିର୍ବାଚନ ମଣ୍ଡଳୀର ବିଜେଡ଼ି ପାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ ସଂଯୋଜକ କୃଷ୍ଣାନନ୍ଦ ମହାନ୍ତିଙ୍କ ପରାମର୍ଶକ୍ରମେ ବିଜେଡି ହାତ ଧରିଥିବା କହିଛନ୍ତି । ବର୍ତ୍ତମାନ ସମୟରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମଗ୍ର ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ଚାଲିଥିବା ବେଳେ, ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଛାଡି ବିଜେଡିରେ ମିଶି ଅଞ୍ଚଳର ବିକାଶ ଧାରାରେ ସାମିଲ ହୋଇଥିବାର କହିଛନ୍ତି। ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ବିଜେଡି ଦଳକୁ ସ୍ୱାଗତ କରାଯାଇଛି । ନବୀନ ଓଡ଼ିଶା ଗଠନରେ ସମସ୍ତେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଛି ତେବେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ କର୍ମୀମାନଙ୍କ ବିଜେଡିରେ ଯୋଗଦାନ କରିବା ସଙ୍ଗଠନକୁ ତୃଣମୂଳ ସ୍ତରରେ ଆହୁରି ମଜବୁତ କରିବ ବୋଲି ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି କହିଛନ୍ତି ।

ଭାଷା ହିଁ ସମସ୍ତ ଭାବର ପ୍ରତିନିଧିତ୍ୱ କରେ:ନଟବର ଶତପଥୀ

କଟକ, ନ୍ୟୁଜ୍ ବ୍ୟୁରୋ

ଭାଷା ହିଁ ସମସ୍ତ ଭାବର ପ୍ରତିନିଧିତ୍ୱ କରେ। ଭାଷା ମାଧ୍ୟମରେ ଜାତୀୟତା ଓ ମାନବିକତା ପ୍ରସ୍ଫୁଟିତ ହୋଇଥାଏ। ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ । ୮୯ ତମ କଟକ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ବକ୍ତାମାନେ ନବ ଉତ୍କଳ ନିର୍ମାଣର ବିନ୍ଧାଣୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଉପରୋକ୍ତ ମତପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହ ଠାରେ ଆୟୋଜିତ ଓଡ଼ିଶା ଦିବସ ସମାରୋହରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ବିନୀତ ଭରଦ୍ୱାଜ ରାଜ୍ୟର ସମୃଦ୍ଧ ଇତିହାସ ଏବଂ ପୂର୍ବସୂରୀମାନଙ୍କର ସ୍ମୃତିଚାରଣ କରିବା ସହ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ନିମନ୍ତେ ସମସ୍ତେ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ପ୍ରଫେସର ନଟବର ଶତପଥି ଓଡ଼ିଆ ଜାତିର ଇତିହାସ, ଅସ୍ତିତ୍ୱ ଓ ସାଂସ୍କୃତିକ ବିଭବ ଉପରେ ଅବଲୋକନ କରିବା ସହ ଭାଷା ପରିବେଶର ସଙ୍କେତ ବହନ କରିଥାଏ ବୋଲି ମତ ଦେଇଥିଲେ। ଭାଷାକୁ ନେଇ ଆମେ ଗର୍ବ କରିବା ଏବଂ

ଏହାର ସୁରକ୍ଷା ଓ ଏହାର ନିରନ୍ତରତା ପ୍ରତି ସର୍ବଦା ଚେଷ୍ଟିତ ହୋଇ ଭାଷାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିବାକୁ ସେ ମତ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଉମାକାନ୍ତ ରାଜ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଉପଜିଲ୍ଲାପାଳ କଟକ ସଦର ଜ୍ୟୋତିଶଙ୍କର ରାୟ, ତହସିଲଦାର କଟକ ସଦର ସୁଜୟ ପତି ପ୍ରମୁଖ ଓଡ଼ିଶାର ଇତିହାସ, ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ, ସ୍ୱତନ୍ତ୍ର ପ୍ରଦେଶ ଗଠନର କ୍ରମବିକାଶ ଏବଂ ଏଥିପାଇଁ ପୂର୍ବପୁରୁଷ ମାନଙ୍କର ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଅତିଥି ପରିଚୟ ପ୍ରଦାନ ପୂର୍ବକ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

୪ ୩	୨ ବୁଦ୍ଧ	ରରାଲଗ୍ନ ଶୁକ୍ର ୧ ୨
୫	୨୧ / ୧୦	ଚ ୧୧
୬ ୭କେ	୮	୯ ୧୦



ମେଷ: କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ । ମନ ଭଲ ରହିବ ।



ବୃଷ: ଶରୀର ସୁସ୍ଥ ରହିବ । ପରିଶ୍ରମର ପରିମାଣ ବଢ଼ିବ । ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି ।

ମିଥୁନ: ବ୍ୟବସାୟରେ ଲାଭବାନ୍ ହେବେ । ହଠାତ୍ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ବନ୍ଧୁ ଦର୍ଶନ ।



କର୍କଟ: ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେଇପାରେ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



ସିଂହ: ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ସତ କଥା କହି ନିଜର ଲୋକଙ୍କ ପାଖେ ବିରୋଧି ହୋଇପାରନ୍ତି । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ କଳହ ଦେଖାଦେଇପାରେ ।

କନ୍ୟା: ଯଶ ଖ୍ୟାତି ଲାଭ ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଘରେ ଆନନ୍ଦ ଦେଖାଦେବ । ଭ୍ରମଣ ଯୋଗ ।



ତୁଳା: ଦୂର ସ୍ଥାନକୁ ଯାତ୍ରା କରିବେ । ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉତ୍ତମ ଫଳ ଲାଭ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



ବିଛା: ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ କରିବେ । ମନ ଭଲ ରହିବ । ଉତ୍ତମ ଭୋଜନ କରିପାରନ୍ତି । ରୋଜଗାର ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

ଧନୁ: ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ । ସମସ୍ତ ଦିଗକୁ ନଜର ରଖି କାର୍ଯ୍ୟ କରିବେ ।

ମକର: ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଚାକିରୀ କ୍ଷେତ୍ରରେ ସଫଳତା ହାସଲ କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଗୃହେ ଆନନ୍ଦ ଦେଖାଦେବ ।

କୁମ୍ଭ: ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବାପୂଜା ମଧ୍ୟ କରିପାରନ୍ତି ।

ମୀନ: ମନ ପ୍ରସନ୍ନ ରହିବ । ନୂତନ କର୍ମ ଆରମ୍ଭ ହୋଇପାରେ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ପରିବାରରେ ସୁଖ ଶାନ୍ତି ରହିବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି ବିତିପାରେ ।

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୩।୪।୨୦୨୪, ଚୈତ୍ର ଦି୨୧ନ, ବୁଧବାର

ସୂର୍ଯ୍ୟୋଦୟ- ଘ୦୫।୩୯।୨୯ **ଚନ୍ଦ୍ରୋଦୟ- ରାଘ୨।୧୪।୧୩**

ନବମୀ- ସଂଘ ୬।୩୦ ପର୍ଯ୍ୟନ୍ତ । ଉତ୍ତରାଷାଢା ନକ୍ଷତ୍ର - ରାଘ ୯।୪୭ ପର୍ଯ୍ୟନ୍ତ । **ମକର ଚନ୍ଦ୍ର -** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ସନ୍ଧ୍ୟା ଘ ୬।୩୦ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୨ ଗତେ ଘ ୭।୨୦ ମଧ୍ୟେ ଦିଘ ୧।୫୨ ଗତେ ଘ ୫।୦୮ ମଧ୍ୟେ ।

ପର୍ବୋତ୍ସବ - ଛତ୍ରପତି ଶିବାଜୀଙ୍କ ତିରୋଧାନ ଦିବସ ।

୧୫ କ୍ୱିଣ୍ଟାଲ ଗଞ୍ଜେଇ ସହ ବନ୍ଧୁକ ଜବତ:୪ ବେପାରୀ ଫେରାର

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରିବା ପାଇଁ କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବାଲିଗୁଡା ପୁଲିସ ପକ୍ଷରୁ ପାଟ୍ରୋଲିଂକୁ କଡାକଡି କରିବା ସହ ଅବକାରୀ ଚଢାଉକୁ ମଧ୍ୟ ଜୋର୍‌ଦାର କରାଯାଇଛି । ଏହି ଆଧାରରେ ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ସହ ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଖବରପାଇ ବାଲିଗୁଡା ଥାନା ଅନ୍ତର୍ଗତ ମୁସୁକୁଲି ଜଙ୍ଗଲ ରାସ୍ତା ପାର୍ଶ୍ୱରେ ଚାଲାଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ୧୫୦୪ କେଜି ଗଞ୍ଜେଇ ସହ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛନ୍ତି। ପୋଲିସ ଚଢ଼ଉ ଖବର ଜାଣି ସେଠାରୁ ୪ ଜଣ ଗଞ୍ଜେଇ ବ୍ୟାବସାୟୀ ଫେରାର ହୋଇଯାଇଥିଲେ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୫୦ ଲକ୍ଷ ଟଙ୍କାର ହେବ ବୋଲି ବାଲିଗୁଡା ଏସ୍‌ଡିପିଓ ରାହୁଲ ଗୋଏଲ ସୂଚନା ଦେଇଛନ୍ତି । ଏ ନେଇ ବାଲିଗୁଡା ପୋଲିସ କେଶ ନଂ.୮୪/୨୪ ପ୍ରକାରେ ଏକ ମକଦ୍ଦମା ରୁଜୁ କରି ଫେରାର ହୋଇଥିବା ଗଞ୍ଜେଇ ବ୍ୟବସାୟୀଙ୍କୁ ଖୁବ୍‌ଶିଘ୍ର ଧରିବା ପାଇଁ ଯୋଜନା କରୁଥିବା ଜଣାପଡିଛି ।

ଆଗାମୀ କାଲିର ପଞ୍ଜିକା

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୪।୪।୨୦୨୪, ଚୈତ୍ର ଦି୨୨ନ, ଗୁରୁବାର

ସୂର୍ଯ୍ୟୋଦୟ- ଘ୦୫।୩୮।୩୮ **ଚନ୍ଦ୍ରୋଦୟ- ରାଘ୩।୨।୦୭**

ଦଶମୀ- ଦିଘ ୪।୧୫ ପର୍ଯ୍ୟନ୍ତ । ଶ୍ରବଣା ନକ୍ଷତ୍ର - ରାଘ ୮।୧୧ ପର୍ଯ୍ୟନ୍ତ । **ମକର ଚନ୍ଦ୍ର -** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୪।୧୫ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଘ ୭।୨୦ ମଧ୍ୟେ ଦିଘ ୧୦।୩୬ ଗତେ ଘ ୧।୦୩ ମଧ୍ୟେ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

ରେଳଯାତ୍ରା ହେବ ମହଙ୍ଗା

ଭାରତୀୟ ରେଲୱେରେ ଏବେ ଯାତ୍ରା କରିବା ମହଙ୍ଗା ହେବ। କାରଣ ରେଲୱେ ବୋର୍ଡ ପକ୍ଷରୁ କୁଲିଙ୍କର ମଜୁରୀ ବଢ଼ାଯାଇଛି। ବହୁ ବର୍ଷ ପରେ ରେଲୱେ ବୋର୍ଡ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। କୁଲିଙ୍କର ଆର୍ଥିକ ସ୍ଥିତିରେ ସୁଧାର ପାଇଁ ଏଭଳି ନିଷ୍ପତ୍ତି ରେଲୱେ ବୋର୍ଡ ପକ୍ଷରୁ ନିଆଯାଇଛି। ରେଲୱେ ବୋର୍ଡ ପକ୍ଷରୁ କୁଲିଙ୍କୁ ମଧ୍ୟ ରେଳ କର୍ମଚାରୀଙ୍କ ଭଳି ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ପ୍ରାୟ ୫ ବର୍ଷ ପରେ ରେଲୱେ ବୋର୍ଡ ସାମଗ୍ରୀ ପରିବହନ କରୁଥିବା କୁଲିଙ୍କର ମଜୁରୀ ବୃଦ୍ଧି କରାଯାଇଛି। ଦେଶର ସମସ୍ତ ୬୮ ରେଲୱେ ଡିଭିଜନରେ ଏହା ଲାଗୁ କରାଯିବ। ନୂଆ ନିୟମ ଅନୁସାରେ କୁଲିଙ୍କୁ ଏବେ ୪୦ କିଲୋଗ୍ରାମରୁ ଅଧିକ ଓଜନର ସାମଗ୍ରୀ ପରିବହନ ପାଇଁ ୩୪୦ ଟଙ୍କା ମଜୁରୀ ଦେବାକୁ ପଡ଼ିବ। ପୂର୍ବରୁ ଏହା ୨୫୦ ଟଙ୍କା ଥିଲା। ସେହିପରି ଷ୍ଟ୍ରେଚରରେ ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ନେବା ପାଇଁ ମଜୁରୀ ୨୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏହା ୨୦୦ ଟଙ୍କା ଥିଲା। ସେହିପରି ହ୍ୱିଲ୍ ଚେୟାରରେ ବୟସ୍କ ବ୍ୟକ୍ତି ବିଶେଷଙ୍କ ନେବା ପାଇଁ ମଜୁରୀ ଏଣିକି ୧୮୦ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହା ୧୩୦ ଟଙ୍କା ଥିଲା। ନୂଆ ମଜୁରୀ ଦର ଦେଶର ସମସ୍ତ ରେଲୱେ ଷ୍ଟେସନରେ ଲାଗୁ ହେବ। 'ଏ-୧' ଏବଂ 'ଏ' ବର୍ଗର ରେଲୱେ ଷ୍ଟେସନରେ ଏହି ନୂଆ ମଜୁରୀ ଲାଗୁ ହେଉଥିବା ବେଳେ ଛୋଟ ଷ୍ଟେସନରେ ମଜୁରୀ କମ୍ ରହିବ।

ରେଲୱେ ବୋର୍ଡ ପକ୍ଷରୁ କୁଲିଙ୍କ ପାଇଁ ଆୟୁଷ୍ମାନ କାର୍ଡ ଉପଲବ୍ଧ କରାଯାଉଛି। ଯାହାଦ୍ୱାରା ସେମାନଙ୍କ ପରିବାର ମାଗଣା ଚିକିତ୍ସା ସୁବିଧା ପାଇ ପାରିବେ। କୁଲିଙ୍କ ପାଇଁ ବିଶ୍ରାମ କକ୍ଷ ଉପଲବ୍ଧ କରାଯାଉଥିବା ବେଳେ ସେମାନଙ୍କ ସନ୍ତାନମାନଙ୍କ ପାଇଁ ମାଗଣା ଶିକ୍ଷାଦାନ ଏବଂ ବର୍ଷକୁ କୁଲିଙ୍କୁ ୩ ଟଟ ଲାଲ୍ ସର୍ଟ ଏବଂ ଶୀତରୁ ରକ୍ଷା ପାଇବା ପାଇଁ ଗୋଟିଏ ସ୍ୱେଟର ଲାଲ୍ ସର୍ଟ ମଧ୍ୟ ପ୍ରଦାନ କରାଯାଇଥାଏ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା, କମଳା, ଶ୍ରୀ ହରପ୍ରିୟା ଇନ୍ଦିରା, ଲୋକ ମାତା, ମା' କ୍ଷୀରବ୍ଧୀ ତନୟା ରମା ।'


ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

ବ୍ରଜ ପରିକ୍ରମା

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଯମୁନା କୂଳର ଗୋକୁଳ ଏକ ବଡ଼ ଜନପଦ। ଏଠାର ଗୋଟିଏ ଉଚ୍ଚ ମାଟି ଗଦା ଉପରେ ନନ୍ଦଙ୍କ ପ୍ରାସାଦ ଥିବାର କିମ୍ବଦନ୍ତୀ ରହିଛି ଯାହାକି ଆଜି ଦୃଶ୍ୟମାନ ହୁଏ ନାହିଁ। ମାତ୍ର ତାହା ଉପରେ ୮୪ଟି ପ୍ରସ୍ତର ଖମ୍ବ ଥିବା ଏକ ବିରାଟ ପ୍ରକୋଷ୍ଠ ରହିଛି। ସେଠାର ଅନ୍ୟ ଏକ ମନ୍ଦିରରେ ଶ୍ରୀକୃଷ୍ଣ ଓ ବଳରାମଙ୍କ ବିଗ୍ରହ ପୂଜିତ ହେଉଛନ୍ତି ଓ ଅନ୍ୟ ସ୍ଥାନରେ ଶ୍ରୀରାଧାକୃଷ୍ଣ, ସାକ୍ଷୀଗୋପାଳ ଓ ମହାମାୟାଙ୍କ ମନ୍ଦିର ମଧ୍ୟ ବିଦ୍ୟମାନ। ଯେଉଁ ବାଟରେ ବସୁଦେବ ମହାପ୍ରଭୁଙ୍କୁ ମଥୁରାର ବନ୍ଦୀଶାଳାରୁ ନେଇ ଆସିଥିଲେ ସେହି ବାଟ ଏବେ ରହିଛି ବୋଲି ଲୋକେ ଦେଖାଇ ଦିଅନ୍ତି। ଉପରୋକ୍ତ ବିରାଟ ପ୍ରକୋଷ୍ଠ ମଧ୍ୟରେ ଭଗବାନଙ୍କର ବିଭିନ୍ନ ଲୀଳାର ଚିତ୍ରମାନ ଦେଖାଯାଏ। ପ୍ରାଚୀରଟି ଉତ୍ତୁଙ୍ଗ ଥିଲେ ମଧ୍ୟ ତାହାର ବହୁ ଅଂଶ ଭାଙ୍ଗି ଯାଇଛି। ଆନୁମାନିକ ଦଶମ ଶତାବ୍ଦୀରେ ଏହା ନିର୍ମିତ ହୋଇଥିବାର କୁହାଯାଇପାରେ। ସେହି ପ୍ରାଚୀନ କୀର୍ତ୍ତିର ଭଗ୍ନାଂଶଗୁଡ଼ିକ ଚାରିଆଡ଼େ ବିଛେଇ ହୋଇ ପଡ଼ିଥିବାର ଦେଖାଯାଏ। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ସଂରକ୍ଷଣ ଫଳକ ଏଠାରେ ଲଗାଯାଇଥିଲେ ମଧ୍ୟ ସଂପୃକ୍ତ ବିଭାଗ ତରଫରୁ କୌଣସି ଆଖିଦୃଶିଆ କାମ ହେଉଥିବାର ଜଣାପଡେ ନାହିଁ। ରମଣରେତି ଆଶ୍ରମଟି ଯମୁନା କୂଳରେ ଅବସ୍ଥିତ। ସଂସାର ବୈରାଗୀ କହୁଥିବା କେତେକ ଗୃହତ୍ୟାଗୀ ସାଧୁ ଏଠାରେ ରହୁଥିବା ଦେଖାଯାଏ। ଆଶ୍ରମଟି ଠିକ୍ ଓଡ଼ିଶାର ଯୋରନ୍ଦା ପୀଠ ଭଳି। ସେଠାରେ ରହିଛି ଭରପୁର ଫୁଲ ଫଳ ବଗିଚା ଓ ତାହା ସହିତ ଚାରିଆଡ଼େ ମୟୂର ମୟୂରୀମାନଙ୍କ ବିଚରଣର ଦୃଶ୍ୟ ବେଶ୍ ଆମୋଦଦାୟକ।

ରାୱଲ ହେଉଛି ଯମୁନା ନଦୀକୂଳର ଏକ ତୀର୍ଥସ୍ଥାନ। ଏହିଠାରେ ରାଧାଙ୍କର ଆବିର୍ଭାବ ହୋଇଥିଲା। ସେତେବେଳର ରାୱଲର ରାଜା ବୃଷଭାନୁ ପଦ୍ମପତ୍ର ଉପରେ ଶୋଇଥିବା ଶିଶୁ କନ୍ୟାଟିକୁ ନିଜେ ଗ୍ରହଣ କରି ରାଜପୁରକୁ ନେଇ ଯାଇଥିଲେ। କଥିତ ଅଛି ପ୍ରଥମେ ଶିଶୁଟିର ଆଖି ଖୋଲିଲା ନାହିଁ। ରାଜା ବୃଷଭାନୁ ଶିଶୁଟିର ଏପରି ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହୋଇପଡ଼ିଲେ। ଗୋକୁଳରୁ ମାତା ଯଶୋଦା ନିଜ ଶିଶୁପୁତ୍ର ଶ୍ରୀକୃଷ୍ଣଙ୍କୁ ନେଇ ସେଠାକୁ ଯାଆନ୍ତେ ଶିଶୁ କନ୍ୟାଟିର ଆଖି ଖୋଲିଗଲା ଏବଂ ଏହି ରାୱଲଠାରେ ହିଁ ରାଧା ଓ ଶ୍ରୀକୃଷ୍ଣଙ୍କର ପ୍ରଥମ ସାକ୍ଷାତ ହୋଇଥିଲା ବୋଲି ପ୍ରବାଦ ଅଛି। ଏଠାରେ ଶ୍ରୀ ରାଧାକୃଷ୍ଣଙ୍କର ମନ୍ଦିର ରହିଛି ଯାହାକି ବିଶେଷ ପୁରାତନ ନୁହେଁ।

ମଥୁରାର ପଶ୍ଚିମକୁ ପ୍ରାୟ ୪ କିଲୋମିଟର ବ୍ୟବଧାନରେ ପଡ଼େ ମଧୁପୁରୀ ବା ମଧୁବନର ଧ୍ରୁବନାରାୟଣଙ୍କ ମନ୍ଦିର। ଏହାକୁ ମହୁଲି ବି କହିଥାନ୍ତି। ଏଠାରେ ମହର୍ଷି ନାରଦ ଧ୍ରୁବଙ୍କୁ ମନ୍ତ୍ରସିଦ୍ଧ କରାଇ ଏହି ମଧୁବନରେ ଶ୍ରୀକୃଷ୍ଣଙ୍କୁ ପାଇବାର ଉପାୟ ବତାଇ ଦେଇଥିଲେ। ଗୌଡ଼ୀୟପନ୍ଥୀ ବଙ୍ଗୀୟ ସନ୍ଥ ରଘୁନାଥ ଭାଗବତାଚାର୍ଯ୍ୟ ତାଙ୍କ ରଚିତ ଶ୍ରୀକୃଷ୍ଣପ୍ରେମ ତରଙ୍ଗିଣୀ ଗ୍ରନ୍ଥରେ ଏହି ମଧୁବନ ସମ୍ପର୍କରେ ସବିଶେଷ ବର୍ଣ୍ଣନା କରିଛନ୍ତି। ମଧୁବନରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରୀ ନାରାୟଣଙ୍କ ସହ ମାହାତ୍ମା ଧ୍ରୁବଙ୍କର ବିଗ୍ରହ ପୂଜା ପାଉଛନ୍ତି। ମଧୁପୁର ନିକଟରେ ମଧୁ କୈଟଭଙ୍କ ଗୁମ୍ଫା ଓ ଧ୍ରୁବଙ୍କର ତପସ୍ୟାସ୍ଥଳୀ ଗୋଟିଏ ପାହାଡ଼ ଉପରେ ରହିଛି। ସେଠାରେ ଥିବା ମନ୍ଦିରରେ ଲକ୍ଷ୍ମୀନାରାୟଣ, ଶିବ ଓ ହନୁମାନଙ୍କ ବିଗ୍ରହମାନ ପୂଜା ପାଉଛନ୍ତି। ଏହି ମହୁଲି ବା ମଧୁପୁରଠାରୁ ପଶ୍ଚିମକୁ ତିନି କିଲୋମିଟର ଦୂରରେ ପଡ଼େ ତାଳବନ। ଯେଉଁଠାରେ ଧେନୁକାସୁରକୁ ବଧ କରାଯାଇଥିଲା। ବର୍ତ୍ତମାନ ସେଠାରେ ସେପରି ବନ ନାହିଁ। ମାତ୍ର ବଳରାମ ଓ ମାତା ରେବତୀଙ୍କର ମୂର୍ତ୍ତି ପୂଜା ପାଉଛନ୍ତି। ସେବକମାନେ ସେଠାରେ ଥିବା କେତୋଟି ତାଳ ଗଛକୁ ଦେଖାଇ ପୂର୍ବର ସ୍ମୃତିଚାରଣ କରିଥାନ୍ତି। ତାଳବନ ପାଖରେ ରହିଛି ଖଦିରବନ। ମଧୁପୁରର ମଧୁକୁଣ୍ଡରେ ସ୍ନାନ କଲେ ଅଶେଷ ପୂର୍ଣ୍ଣ ଫଳ ମିଳେ ବୋଲି ଭକ୍ତମାନଙ୍କର ବିଶ୍ୱାସ।

ମଧୁପୁରଠାରୁ ପଶ୍ଚିମକୁ କିଛି ବାଟ ଗଲେ ପଡ଼େ ମୁକୁନ୍ଦପୁର ଗ୍ରାମର ବିହାରବନ। ଏଠାରେ ଗୋପାଳଜୀଙ୍କ ମନ୍ଦିର ରହିଛି ଓ ଏହାକୁ ଲାଗି ରହିଛି ଉସ୍‌ପାର ଗ୍ରାମ। ଯେଉଁ ସ୍ଥାନର ଧୂଳି ସ୍ପର୍ଶରେ ସଂସାରରୁ ସମସ୍ତ ମୁକ୍ତି ମିଳିଯାଏ ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରିଥାନ୍ତି। ସେଥିପାଇଁ ଏହାର ନାମ ଉସ୍‌ପାର ହୋଇଛି। ଏହାସହ ଗୌଡ଼ୀୟ ଗୋସ୍ୱାମୀମାନେ ମଧ୍ୟ ସ୍ଥାନର ପୁଣ୍ୟତା ସମ୍ପର୍କରେ ଲେଖିଥିବା ଜଣାପଡ଼େ। ଉସ୍‌ପାର ଗ୍ରାମ ନିକଟରେ ରହିଛି କୁମୁଦବନ। ଏଠାର ଏକ ସ୍ୱଚ୍ଛ ସରୋବରରେ ପ୍ରସ୍ଫୁଟିତ କୁମୁଦଗୁଡ଼ିକର ଶୋଭା ଅତ୍ୟନ୍ତ ଚିତ୍ତାର୍କଷକ। ପ୍ରଭୁ ଏହି ସରୋବରରେ ଜଳକ୍ରୀଡ଼ା କରୁଥିବାର ବର୍ଣ୍ଣନା ରହିଛି। କେତେକ ଏହାକୁ ଜଳଶଯ୍ୟା ବିହାର ସ୍ଥାନ ବୋଲି କହିଥାନ୍ତି। ଏହି ବଣରେ ଦନ୍ତବକ୍ର ନାମକ ଅସୁରକୁ ପ୍ରଭୁ ମାରି ଦେଇଥିବାର କିମ୍ବଦନ୍ତୀ ପ୍ରଚଳିତ। କପିଳମୁନି ଏଠାରେ କୁଆଡ଼େ ତପସ୍ୟା କରି ମୁକ୍ତି ପାଇଥିଲେ ବୋଲି କୁହାଯାଏ। ଗୋଟିଏ ପୁରୁଣା ପକ୍କା କୋଠରି ମଧ୍ୟରେ ଧଳା ମାର୍ବଲ ପ୍ରସ୍ତରରେ ନିର୍ମିତ କପିଳମୁନିଙ୍କ ବିଗ୍ରହ ଏଠାରେ ପୂଜା ପାଉଛନ୍ତି। ତାଙ୍କ ହସ୍ତରେ ରହିଛି ଏକ ମାଳା। ଗିରିରାଜ ଗୋବର୍ଦ୍ଧନଙ୍କ ଖଣ୍ଡେ ଶିଳା ମଧ୍ୟ ଏଠାରେ ପୂଜା ହେଉଛି। ଏହି ମନ୍ଦିରକୁ ଲାଗି ରହିଛି ଗଙ୍ଗାସାଗର। ଏହା ପରେ ପଡ଼େ ତାଳବଣ। ଧେନୁକାସୁର ଏହି ତାଳବଣର ରକ୍ଷକ ଥିଲା। ପ୍ରଭୁ ବଡ଼ଭାଇ ବଳରାମଙ୍କ ସହିତ ଏହି ବଣରେ ପଶି ତାଳ ଝାଡ଼ି ଖାଇଥିଲେ। ଏହା ଶୁଣି ମଥୁରାପତି କଂସ ସେହି ଦୁଇଭାଇଙ୍କୁ ମାରିଦେବା ନିମନ୍ତେ ଧେନୁକାସୁରକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ସେ ନିଜେ ସେମାନଙ୍କଦ୍ୱାରା ନିହତ ହୋଇଗଲା। ଗୋପୀମାନଙ୍କ ଇଚ୍ଛାରେ ମହାପ୍ରଭୁ ଗଙ୍ଗାନଦୀ ସହିତ ସମସ୍ତ ତୀର୍ଥଜଳ ଏହି ପୁଷ୍କରିଣୀରେ ଆଣି ପକାଇଥିବାରୁ ଏହାର ନାମ ଗଙ୍ଗାସାଗର ହୋଇଛି। ଏହି ଗଙ୍ଗାସାଗରରେ ସ୍ନାନ କଲେ ସମସ୍ତ ପାପ କ୍ଷୟ ହୋଇଯାଏ ବୋଲି ଦର୍ଶନାର୍ଥୀ ଭକ୍ତମାନଙ୍କର ବିଶ୍ୱାସ।

ଏହି ଗଙ୍ଗାସାଗରର ପଶ୍ଚିମକୁ ଗଲେ ପଡ଼େ ଶାନ୍ତନୁ କୁଣ୍ଡ। ଏହାକୁ ଲାଗି ରହିଛି ଏକ କ୍ଷୁଦ୍ର ପାହାଡ଼। ଯାହା ଉପରେ ଶାନ୍ତନୁବିହାରୀ ଅର୍ଥାତ୍ ପ୍ରଭୁ ଶ୍ରୀକୃଷ୍ଣଙ୍କର ମନ୍ଦିର ରହିଛି। ପାହାଚ ଉପରେ ଚଢ଼ି ବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ଯିବାକୁ ପଡ଼େ। ଶାନ୍ତନୁ ମହାରାଜ ପୁତ୍ର ସନ୍ତାନ ପାଇବା ନିମନ୍ତେ ଶ୍ରୀକୃଷ୍ଣଙ୍କୁ ପୂଜା କରିଥିବାରୁ ବିଗ୍ରହଙ୍କର ଏପରି ନାମକରଣ ହୋଇଛି। ଏହିଠାରୁ ବଂଶୀ ବଜାଇ ପ୍ରଭୁ ବ୍ରଜଗୋପୀମାନଙ୍କୁ ଆକୃଷ୍ଟ କରୁଥିବାର ସ୍ଥାନୀୟ ଲୋକମାନେ କହିଥାନ୍ତି ଏବଂ ପୁତ୍ର ଲାଭ ଆଶାରେ ବହୁ ଅପୁତ୍ରିକ ବ୍ରଜବାସୀ ଶାନ୍ତନୁବିହାରୀଙ୍କ ପୂଜା ଏଠାରେ କରିଥାନ୍ତି। ଏହାର ନାମ ସତୌଲା ସହର। ତାହା ନିକଟରେ ଅଛି ଖେଚର ଓ ବାଟୀ ଗ୍ରାମ। ଯାହାର ପୂର୍ବ ନାମ ଥିଲା ବହୁଳ ବନ। ଏଠାରେ ପ୍ରଭୁଙ୍କର ଅଚିନ୍ତ୍ୟ ଲୀଳା ବହୁଳ ଭାବରେ ପ୍ରଚଳିତ ହୋଇଥିବାରୁ ଏହାର ଏପରି ନାମକରଣ ହୋଇଛି। ଏଠାରେ ଶ୍ରୀକୃଷ୍ଣ ବହୁଳବିହାରୀ ନାମରେ ପୂଜା ପାଆନ୍ତି। ମନ୍ଦିର ସଲଗ୍ନରେ ଅଛି ବହୁଳକୁଣ୍ଡ ନାମରେ ଗୋଟିଏ ପୁଷ୍କରିଣୀ। ଏହା ସମ୍ବନ୍ଧରେ ଗୋଟିଏ ସୁନ୍ଦର କିଂବଦନ୍ତୀ ପ୍ରଚଳିତ ଅଛି। ବହୁଳା ନାମରେ ଏକ ଗାଈକୁ ବାଘ ଆକ୍ରମଣ କରିବାରୁ ପ୍ରଭୁ ସେହି ବାଘକୁ ବଧ କରି ବହୁଳାକୁ ରକ୍ଷା କରିଥିଲେ। ତେଣୁ ତାହାର ଏପରି ନାମକରଣ ହୋଇଥିବାର କୁହାଯାଏ। ଅନ୍ୟଏକ ଗପରେ ଗୋଟିଏ ବାଘ ବହୁଳା ବନକୁ ଆସି ସେଠାରେ ଚରୁଥିବା ଜଣେ ବ୍ରାହ୍ମଣର ଗୋଟିଏ ଗାଈକୁ ଖାଇବାକୁ ଇଚ୍ଛା କଲା।(କ୍ରମଶଃ)

ଉତ୍କଳ:ଉତ୍କୃଷ୍ଟ କଳାର ଦେଶ

ମଧୁସ୍ମିତା ସାହୁ
ଭାରତୀୟ ଜନ ସଞ୍ଚାର ସଂସ୍ଥାନ,
ଢେଙ୍କାନାଳ
ମୋ : ୮୧୪୪୯୬୯୨୩୭

> ୧୫୫୮ ମସିହାର କଥା, ଓଡ଼ିଶାର ଶେଷ ସ୍ୱାଧୀନ ରାଜ୍ୟ ତେଲେଙ୍ଗା ମୁକୁନ୍ଦଦେବ ଗୋହିରାଟିକିରି ଯୁଦ୍ଧରେ ପରାସ୍ତ ହେଲେ। ସେହିଦିନ ଓଡ଼ିଶାର ସ୍ୱାଧୀନ ସୂର୍ଯ୍ୟ ଅସ୍ତମିତ ହୋଇଗଲା। ଓଡ଼ିଆମାନେ ସୁଦୀର୍ଘ ୨୯୦ ବର୍ଷ ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ମାନଙ୍କଦ୍ୱାରା ପରାଧିନ ବେଡ଼ିରେ ଆବଦ୍ଧ ହେଲେ। ସେମାନଙ୍କ ଦ୍ୱାରା ଶାସିତ ହେଲେ ଅତ୍ୟାଚାରିତ ହେଲେ। ଦୀର୍ଘଦିନ ଧରି ରାଜତନ୍ତ୍ରର ଚକ ତଳେ ଦଳିତ ଏବଂ ନଷ୍ପେସିତ ହୋଇ ଆସୁଥିବା ପ୍ରଜାମାନେ ସ୍ୱାଧୀନତାର ସ୍ୱାଦ ଉପଲବ୍ଧି କରିଥିଲେ ୧୯୩୬ ମସିହା ଏପ୍ରିଲ ପହିଲା ଦିନ। ଶାସକ ଓ ଶାସିତ ମଧ୍ୟରେ ଥିବା ଭେଦଭାବର ପ୍ରାଚୀର ଭାଙ୍ଗିଯାଇଥିଲା । ଉତ୍କଳ ଜନନୀର ସନ୍ତାନ ରୂପେ ସମସ୍ତେ ନିଜକୁ ଗର୍ବିତ ଏବଂ ଗୌରବାନ୍ୱିତ ମନେକରିଥିଲେ। ଓଡ଼ିଶା ଥିଲା ଭାରତର ଏକାଦଶ ସ୍ୱତନ୍ତ୍ର ରାଜ୍ୟ। ସାରା ଭାରତରେ ଓଡ଼ିଶା ସର୍ବପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେଲା। ବାସ୍ତବିକ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣର ସ୍ମୃତି ପ୍ରତ୍ୟେକ ଓଡ଼ିଆମାନଙ୍କୁ ଆନନ୍ଦବିଭୋର କରିଥିଲା ସେଦିନ। ଇତିମଧ୍ୟରେ ୧୯୩୬ରୁ ୨୦୨୪ ଦୀର୍ଘ ୮୮ ବର୍ଷ ହୋଇଗଲାଣି।

ବନ୍ଦେ ଉତ୍କଳ ଜନନୀ। ଉତ୍କଳ ଉତ୍କୃଷ୍ଟ କଳାର ଦେଶ। ଭାଷା ନାହିଁ ତ ଆମର ଜାତି ନାହିଁ। ଉତ୍କଳର କାରୁକାର୍ଯ୍ୟ, ପର୍ବପର୍ବାଣି, ପ୍ରଥା ଓ ପରମ୍ପରା ବିଶ୍ୱବିଦିତ। ଇତିହାସର ପୃଷ୍ଠା ଭିତରେ ଉତ୍କଳୀୟମାନଙ୍କର ବୀରତ୍ୱ, ତ୍ୟାଗ, ଆଦର୍ଶ ଓ ପରମ୍ପରା ଚର୍ଚ୍ଚିତ ବିଶ୍ୱବିଖ୍ୟାତ। ଅତୀତରେ ଆମର ଏହି ଉତ୍କଳ ଥିଲା ଛିନ୍ନମସ୍ତା। ବିଶ୍ୱରେ, କେଉଁଠାରେ ବି ଏପରି ମନମୁଗ୍ଧକର ସୌନ୍ଦର୍ଯ୍ୟମୟୀ କଳା, ଭାଷା, ସଂସ୍କୃତି ତଥା ସାମାଜିକ ମୂଲ୍ୟବୋଧ ଭଳି ଅନେକ ବୈଶିଷ୍ଟ୍ୟତାର ସମିଶ୍ରଣ ଦେଖିବାକୁ ମିଳିବ ନାହିଁ ଯାହା କେବଳ ଓଡ଼ିଶାରେ ଅନୁଭୂତ ହୁଏ। ତେବେ ଏହାକୁ ମନେରଖିବା ପାଇଁ ଏପ୍ରିଲ ୧କୁ ଉତ୍କଳ ଦିବସ ରୂପେ ପାଳନ କରିବା ହେଉଛି ପ୍ରତ୍ୟେକ ଓଡ଼ିଆ ପାଇଁ ଗୌରବର ବିଷୟ। ଅତୀତର ମହାନାୟକ, ସେନାନାୟକ ଏବଂ ଚିନ୍ତାନାୟକମାନଙ୍କ ଅବଦାନକୁ ମନେ ପକାଇବା ପାଇଁ ଏହି ଦିବସଟି ଉତ୍ସର୍ଗୀକୃତ। ୧୫୫୮ ମସିହାର କଥା, ଓଡ଼ିଶାର ଶେଷ ସ୍ୱାଧୀନ ରାଜ୍ୟ ତେଲେଙ୍ଗା ମୁକୁନ୍ଦଦେବ ଗୋହିରାଟିକିରି ଯୁଦ୍ଧରେ ପରାସ୍ତ ହେଲେ। ସେହିଦିନ ଓଡ଼ିଶାର ସ୍ୱାଧୀନ ସୂର୍ଯ୍ୟ ଅସ୍ତମିତ ହୋଇଗଲା। ଓଡ଼ିଆମାନେ ସୁଦୀର୍ଘ ୨୯୦ ବର୍ଷ ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ମାନଙ୍କଦ୍ୱାରା ପରାଧିନ ବେଡ଼ିରେ ଆବଦ୍ଧ ହେଲେ। ସେମାନଙ୍କ ଦ୍ୱାରା ଶାସିତ ହେଲେ ଅତ୍ୟାଚାରିତ ହେଲେ। ଦୀର୍ଘଦିନ ଧରି ରାଜତନ୍ତ୍ରର ଚକ ତଳେ ଦଳିତ ଏବଂ ନଷ୍ପେସିତ ହୋଇ ଆସୁଥିବା ପ୍ରଜାମାନେ ସ୍ୱାଧୀନତାର ସ୍ୱାଦ ଉପଲବ୍ଧି କରିଥିଲେ ୧୯୩୬ ମସିହା ଏପ୍ରିଲ ପହିଲା ଦିନ। ଶାସକ ଓ ଶାସିତ ମଧ୍ୟରେ ଥିବା ଭେଦଭାବର ପ୍ରାଚୀର ଭାଙ୍ଗିଯାଇଥିଲା । ଉତ୍କଳ ଜନନୀର ସନ୍ତାନ ରୂପେ ସମସ୍ତେ ନିଜକୁ ଗର୍ବିତ ଏବଂ ଗୌରବାନ୍ୱିତ ମନେକରିଥିଲେ। ଓଡ଼ିଶା ଥିଲା ଭାରତର ଏକାଦଶ ସ୍ୱତନ୍ତ୍ର ରାଜ୍ୟ। ସାରା ଭାରତରେ ଓଡ଼ିଶା ସର୍ବପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେଲା। ବାସ୍ତବିକ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣର ସ୍ମୃତି ପ୍ରତ୍ୟେକ ଓଡ଼ିଆମାନଙ୍କୁ ଆନନ୍ଦବିଭୋର କରିଥିଲା ସେଦିନ। ଇତିମଧ୍ୟରେ ୧୯୩୬ରୁ ୨୦୨୪ ଦୀର୍ଘ ୮୮ ବର୍ଷ ହୋଇଗଲାଣି। ବ୍ୟକ୍ତିହେଉ କିମ୍ବା ଜାତିହେଉ ଆତ୍ମ ପରିଚୟ ହିଁ ତା'ର ନିଜସ୍ୱ ଜୀବନର ବୈଶିଷ୍ଟ୍ୟ। ବିନା ଆତ୍ମ ପରିଚୟରେ କୌଣସି ଜାତି ନିଜକୁ ବିଶ୍ୱଦରବାରରେ ଉପସ୍ଥାପନ କରିପାରିନଥାଏ। ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତି ହିଁ ଉତ୍କଳ ପ୍ରଦେଶର ଏକ ସ୍ୱତନ୍ତ୍ର ପରିଚୟ ବହନ କରିଛି।

ବର୍ଷ ବର୍ଷ ଧରି ପରାଧୀନତାର ଶୃଙ୍ଖଳରେ ବନ୍ଧାହୋଇ ମଧ୍ୟ ଓଡ଼ିଶାବାସୀ ଜାବୁଡ଼ି ଧରିଛନ୍ତି ନିଜର ଭାଷା, ସାହିତ୍ୟ, ସଂସ୍କୃତି ତଥା ପରମ୍ପରାକୁ। ଯେତେ ଗରିବ ହେଲେ ମଧ୍ୟ ଉତ୍କଳର ଗୌରବୋଜ୍ଜ୍ୱଳ ଐତିହ୍ୟ ଏ ଜାତିର ଆତ୍ମ ଉପଲବ୍ଧ ଓ ଆତ୍ମ ପରିଚୟର ସଂଜ୍ଞା ବହନ କରିଆସୁଛି। ଉତ୍କଳ ଦିବସର ମହାନତା ଆଜି ଓଡ଼ିଆ ଜାତିର ଇତିହାସ ଓ ଓଡ଼ିଆ ଜାତିର ପ୍ରାଚୀନ ଗୌରବ ଓ ଆଭିଜାତ୍ୟକୁ ମନେପକାଇ ଦେବା ସଂଗେ ସଂଗେ ଆମର ସ୍ୱାଭିମାନ ଜାଗ୍ରତ କରିବା ପାଇଁ ଅଜସ୍ର ପ୍ରେରଣା ଯୋଗାଇଥାଏ। ଉତ୍କଳ ଦିବସ ହିଁ ପ୍ରତ୍ୟେକ ଓଡ଼ିଆର ଆତ୍ମବିଶ୍ୱାସର ମାପକାଠି। ଯେଉଁ ମହାନ ଓଡ଼ିଆମାନଙ୍କର ତ୍ୟାଗ, ତପସ୍ୟା ଓ ସାଧନାର ଫଳ ସ୍ୱରୂପ ଓଡ଼ିଶା ଆଜି ଏକ ସ୍ୱତନ୍ତ୍ର ପରିଚୟ ପାଇପାରିଛି, ସେମାନଙ୍କୁ ଆଜିର ଏହି ପବିତ୍ର ଦିବସରେ ଭକ୍ତିପୂତ ପ୍ରଣାମ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନପରେ ଭାରତବର୍ଷ ସ୍ୱାଧୀନ ହୋଇଛି। ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହୋଇଛି ଏହି ଉତ୍କୃଷ୍ଟ ରାଜ୍ୟ ଉତ୍କଳ। ଆଜି ଅବଶ୍ୟ ଅନେକବର୍ଷ ବିତିଗଲାଣି।

ଉତ୍କଳ ପ୍ରଦେଶ ଗଠନରେ ଯେଉଁ ବରପୁତ୍ର ମାନଙ୍କ ଅବଦାନ ରହିଛି, ସେମାନଙ୍କ ମଧ୍ୟରୁ ଉତ୍କଳ ମଣି ଗୋପବନ୍ଧୁ ଦାସ ଥିଲେ ଅନ୍ୟତମ। ଉତ୍କଳ ମଣି ଗୋପବନ୍ଧୁ ଦାସ କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଗୋପବନ୍ଧୁଙ୍କ ସମେତ ଅନେକ ଓଡ଼ିଆ ନେତା ଆନ୍ଦୋଳନ ଆରମ୍ଭ କରିଥିଲେ । ସେ କର୍ତ୍ତବ୍ୟ ବୋଧିନୀ ସମିତି ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କରିଥିଲେ। ତାଙ୍କର ଆହ୍ୱାନ ଥିଲା 'ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ପରିଚୟ ହେଉଛି ତାହାର ଭାଷା । ଭାଷାହିଁ ଜାତିର 'ପ୍ରାଣସ୍ପନ୍ଦନ'। ସେ ଓ ରାମଚନ୍ଦ୍ର ଦାଶ ରମ୍ଭାଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ପରିଚାଳନା କରିଥିଲେ। ସେ ୧୯୦୩ରେ ମଧୁସୂଦନ ଦାସଙ୍କଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭାବେ ଭାଗନେଇଥିଲେ। ଏହି ଆନ୍ଦୋଳନ କ୍ରମେ ତୀବ୍ର ହୋଇ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଇଥିଲା। ଏମାନଙ୍କ ବ୍ୟତୀତ ଏହି ଆନ୍ଦୋଳନକୁ ଓଡ଼ିଶାର ବହୁ ବରପୁତ୍ର ପରିପୃଷ୍ଟ କରାଇଥିଲେ ସେମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ଗଜପତି, ଗୌରୀଶଙ୍କର ରାୟ,ଫକୀରମୋହନ ସେନାପତି, ଗୋଦାବରୀଶ ମିଶ୍ର ଆଦି ପ୍ରଧାନ।

ଜନଜାତୀୟ ଜନସଂଖ୍ୟାରେ ଓଡ଼ିଶା ଭାରତର ତୃତୀୟ ରାଜ୍ୟ। ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ସମ୍ପଦ ଏହାର ଅନ୍ୟ ଏକ ବିଶେଷତ୍ୱ। ଓଡ଼ିଶା ମାନବ ସଭ୍ୟତାର ବିଭିନ୍ନ ବିଭବକୁ ବହନ କରିଛି। ଓଡ଼ିଆଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। ଏହି ରାଜ୍ୟ ୧୮୬୬ ନ'ଅଙ୍କ ଦୁର୍ଭିକ୍ଷକୁ ଦେଖିଛି ଏବଂ ମହାବାତ୍ୟା, ବନ୍ୟା ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଛି। କିନ୍ତୁ କେବେ ହାରିଯାଇନାହିଁ। ଆଜି ବିଶ୍ୱସ୍ତରରେ ଓଡ଼ିଶାର ଅନେକ କାର୍ଯ୍ୟ ଓ ପଦକ୍ଷେପକୁ ପ୍ରଶଂସା କରାଯାଉଛି। ଅନେକ କ୍ଷେତ୍ରରେ ଓଡ଼ିଶା ଉଦାହରଣ ପାଲଟିଛି।

କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଆମେ ଅନ୍ୟ ରାଜ୍ୟ ଅପେକ୍ଷା ବର୍ତ୍ତମାନ ବହୁତ ପଛରେ ପଡ଼ିରହିଛୁ। ସବୁ ଥାଇ ଆଜି ଆମେ ଗରିବ, ଭୋକିଲା ଓ ପଛୁଆ ଆଜିର ଏହି ପବିତ୍ର ଉତ୍କଳ ଦିବସ ଅବସରରେ ଆମେ ଶପଥ ନେବା ଉତ୍କଳକୁ ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ଗଢ଼ିବା, ନିଜର ରକ୍ତ ଦେଇ ଉତ୍କଳ ମାତାର ସେବା କରିବା। ମାତୃଭୂମିକୁ ଭଲ ପାଇବା ମାତୃଭାଷାକୁ ଉଚ୍ଚରେ ରଖିବା। ଓଡ଼ିଶା ପାଇଁ କିଛି ଭାବିବା କିଛି କରିବା ତା' ହେଲେ ଆଜି ଦିନର ତାତ୍ପର୍ଯ୍ୟ ରହିବ। ଅଧିକରୁ ଅଧିକ ନିଜ ମାତୃଭାଷାକୁ ଭଲ ପାଇବା।

ଆପଣା କଲା କର୍ମମାନ

ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ-୯୪୩୭୬୪୨୯୪୭

> ମରୁଡ଼ି କିମ୍ବା ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ଦେଶରେ ପ୍ରାୟ ୨୦ ଲକ୍ଷ ହେକ୍ଟର ଜମି ପ୍ରଭାବିତ ହୋଇଥିଲା । ଗତବର୍ଷ ହିମାଳୟ ରାଜ୍ୟ ଉତ୍ତରାଖଣ୍ଡରେ ପାଣିପାଗ ଯୋଗୁଁ ପାଖାପାଖି ୧୫୦ ଦିନ ବ୍ୟାପୀ କୌଣସି ନା କୌଣସି ଖରାପ ପରିସ୍ଥିତି ଦେଖାଦେଇଥିଲା । ସେହିପରି ମଧ୍ୟପ୍ରଦେଶରେ ୧୪୧ ଦିନ ଥିବା ବେଳେ ଉତ୍ତରପ୍ରଦେଶ ଓ କେରଳରେ ୧୧୯ ଦିନ ଶଙ୍କଟ ପୂର୍ଣ୍ଣ ଥିଲା। ପାଣିପାଗର ଏହି ଅସ୍ୱାଭାବିକତାର ସବୁଠାରୁ ବଡ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ସମଗ୍ର ଦେଶରେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୧୨୩ ଦିନ ଏପରି ଥିଲା, ଯାହାକୁ ଅସ୍ୱାଭାବିକ କୁହାଯାଇପାରେ। ଆମେ ଏହି ପରିସଂଖ୍ୟାନରୁ ଜାଣିବା ଦରକାର ଯେ ଆମ ଚାରିପାଖରେ ପରିସ୍ଥିତି କେତେ ଖରାପ ହୋଇଛି ଏବଂ ଆଗାମୀ ଦିନରେ ଆମକୁ ଆହୁରି ମାରାତ୍ମକ ପରିଣାମ ଭୋଗିବାକୁ ପଡିବ । ଦେଶର ପ୍ରାୟ ୮ଟି ରାଜ୍ୟରେ ୧୦୦ରୁ ଅଧିକ ଅସ୍ୱାଭାବିକ ଘଟଣା ଘଟିଥିଲା। ସେଥିରେ ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ ଆଦି ଘଟଣା ସାମ୍ନାକୁ ଆସିଛି।

ଏବେ ସବୁଠାରୁ ଆଲୋଚନାର ବିଷୟ ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରଭାବ। ଆଗାମୀ ଦିନରେ ଏହା ସଙ୍କଟ ସୃଷ୍ଟି କରିବ ବୋଲି ଆଶଙ୍କାରେ ସାରା ବିଶ୍ୱ। ଏହା କେବଳ ବିଶ୍ୱସ୍ତରୀୟ ପ୍ରସଙ୍ଗ ନୁହେଁ, ବରଂ ଏହାର ବଡ଼ ସ୍ଥାନୀୟ ପ୍ରଭାବ ମଧ୍ୟ ପଡୁଛି । ଉଦାହରଣ ସ୍ୱରୂପ, ଯଦି ଆମେ ନିଜ ଦେଶକୁ ଦେଖୁ, ତେବେ ୨୦୨୩ ର ରିପୋର୍ଟ ଅନୁଯାୟୀ, ଦେଶର ସମସ୍ତ ସ୍ଥାନରେ କୌଣସି ନା କୌଣସି ରୂପରେ ପାଣିପାଗର ଅନିୟମିତତା ଅନୁଭୂତ ହୋଇଛି ଏବଂ ପ୍ରାୟ ପ୍ରତ୍ୟେକ ରାଜ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । କେଉଁଠି ପ୍ରବଳ ବର୍ଷା ତ କେଉଁଠି ବଜ୍ରପାତ, କେତେକ ସ୍ଥାନରେ ମରୁଡ଼ି ଓ କେଉଁଠି ଶୀତ ଲହରୀ। ଖାଲି ସେତିକି ନୁହେଁ ଅସ୍ୱାଭାବିକ ପାଗ ଯୋଗୁଁ ଆମ ଦେଶରେ ପ୍ରାୟ ୩,୨୮୭ ନାଗରିକଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ୧,୨୪,୦୦୦ ପଶୁମଧ୍ୟ କୌଣସି ନା କୌଣସି ପାଣିପାଗ ଜନିତ ମୃତ୍ୟୁର ଶିକାର ହୋଇଥିଲେ। ମରୁଡ଼ି କିମ୍ବା ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ଦେଶରେ ପ୍ରାୟ ୨୦ ଲକ୍ଷ ହେକ୍ଟର ଜମି ପ୍ରଭାବିତ ହୋଇଥିଲା । ଗତବର୍ଷ ହିମାଳୟ ରାଜ୍ୟ ଉତ୍ତରାଖଣ୍ଡରେ ପାଣିପାଗ ଯୋଗୁଁ ପାଖାପାଖି ୧୫୦ ଦିନ ବ୍ୟାପୀ କୌଣସି ନା କୌଣସି ଖରାପ ପରିସ୍ଥିତି ଦେଖାଦେଇଥିଲା । ସେହିପରି ମଧ୍ୟପ୍ରଦେଶରେ ୧୪୧ ଦିନ ଥିବା ବେଳେ ଉତ୍ତରପ୍ରଦେଶ ଓ କେରଳରେ ୧୧୯ ଦିନ ଶଙ୍କଟ ପୂର୍ଣ୍ଣ ଥିଲା। ପାଣିପାଗର ଏହି ଅସ୍ୱାଭାବିକତାର ସବୁଠାରୁ ବଡ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ସମଗ୍ର ଦେଶରେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୧୨୩ ଦିନ ଏପରି ଥିଲା, ଯାହାକୁ ଅସ୍ୱାଭାବିକ କୁହାଯାଇପାରେ। ଆମେ ଏହି ପରିସଂଖ୍ୟାନରୁ ଜାଣିବା ଦରକାର ଯେ ଆମ ଚାରିପାଖରେ ପରିସ୍ଥିତି କେତେ ଖରାପ ହୋଇଛି ଏବଂ ଆଗାମୀ ଦିନରେ ଆମକୁ ଆହୁରି ମାରାତ୍ମକ ପରିଣାମ ଭୋଗିବାକୁ ପଡିବ । ଦେଶର ପ୍ରାୟ ୮ଟି ରାଜ୍ୟରେ ୧୦୦ରୁ ଅଧିକ ଅସ୍ୱାଭାବିକ ଘଟଣା ଘଟିଥିଲା। ସେଥିରେ ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ ଆଦି ଘଟଣା ସାମ୍ନାକୁ ଆସିଛି। କେବଳ ଏତିକି ନୁହେଁ, ୨୦୨ ଦିନ ବନ୍ୟା ୫୦ ଦିନ ଶୀତ ଲହରୀ, ୨୯ ଦିନ ମେଘ ଗର୍ଜନ , ୯ ଦିନ ତୁଷାରପାତ ଓ ୫ ଦିନ ଘୂର୍ଣ୍ଣିଝଡ଼ରେ ବଜ୍ରପାତ ଓ ଝଡ଼ତୋଫାନ। ଏସବୁ ଘଟଣାରୁ ସ୍ପଷ୍ଟ ହୋଇଛି ଯେ ଜଳବାୟୁ ପରିବର୍ତ୍ତନର ମାରାତ୍ମକ ପ୍ରଭାବ ଏବେ ଭୟଙ୍କର ସ୍ଥିତି ଆଡକୁ ଗତି କରୁଛି। ୨୦୨୪ ଜାନୁଆରୀ ପରଠାରୁ ପାଗ ସେପରି ସ୍ୱାଭାବିକ ହୋଇନାହିଁ ଯେପରି ହେବା କଥା। ବୈଜ୍ଞାନିକଙ୍କ ମତରେ କ୍ରମାଗତ ୯ ମାସ ଧରି ତାପମାତ୍ରା ପୂର୍ବ ଦଶନ୍ଧି ଭଳି ହୋଇନାହିଁ। ଅର୍ଥାତ୍ ହାରାହାରି ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଥିଲା। ୨୦୨୩ ମସିହାର ଜୁଲାଇ ମାସ ସବୁଠାରୁ ଉତ୍ତପ୍ତ ମାସ ବୋଲି କୁହାଯାଉଥିଲେ ହେଁ ଚଳିତ ବର୍ଷ ମଧ୍ୟ ବିଶ୍ୱ ବଡ଼ ଗ୍ରୀଷ୍ମ ସଙ୍କଟର ସମ୍ମୁଖୀନ ହେବ ବୋଲି ଆଶଙ୍କା କରାଯାଉଛି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଜୁନ୍-ଜୁଲାଇ ସୁଦ୍ଧା ଏଲ୍ ନିନୋ ଶାନ୍ତ ହୋଇଯିବ। କିନ୍ତୁ ତୁରନ୍ତ ଏହା ପରେ ଏଲ୍ ନିନୋ ଅନ୍ୟାନ୍ୟ ପ୍ରକାରର ପାଣିପାଗ ପରିବର୍ତ୍ତନ ସୃଷ୍ଟି କରିବ।ଶୀତ ଦିନ ଆହୁରି ଭୟଙ୍କର ହେବ। ଏସବୁ କେବଳ ଆମ ଦେଶରେ ନୁହେଁ, ସମଗ୍ର ବିଶ୍ୱରେ ଘଟିବ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମଗ୍ର ବିଶ୍ୱରେ ଏଥର ବସନ୍ତ ଋତୁ ସମୟ ପୂର୍ବରୁ ଆରମ୍ଭ ହୋଇଛି । ସମୟ ପୂର୍ବରୁ ଖରାର ପ୍ରକୋପ ଦେଖିବାକୁ ମିଳିଛି। ଜାପାନ ଓ ମେକ୍ସିକୋରେ ଫୁଲସବୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଫୁଟିଥିଲା। ୟୁରୋପରେ ବରଫ ଦ୍ରୁତ ଗତିରେ ତରଳିବାକୁ ଲାଗିଲା । ଅତ୍ୟଧିକ ଗରମ ସ୍ଥାନ ଟେକ୍ସାସରେ ଏବେ ଠାରୁ ତାପମାତ୍ରା ବଢ଼ିବାରେ ଲାଗିଛି। ଏହି ପରିସଂଖ୍ୟାନ ଅତ୍ୟନ୍ତ ଭୟଙ୍କର। ଏପରି ପରିବର୍ତ୍ତନ ଜାରିରହିଲେ ଆଗାମୀ ଦିନରେ ବୋଧହୁଏ ଆମେ ବାୟୁ, ମାଟି, ପାଣି ଅଭାବର ସମ୍ମୁଖୀନ ହେବା । ଆମେରିକାର ନ୍ୟାସନାଲ ଓସାନିକ୍ ଆଣ୍ଡ ଆଟ୍ମୋସ୍ଫେରିକ ଆଡମିନିଷ୍ଟ୍ରେସନ୍ କହିଛି- ପରିବେଶର ପ୍ରାରମ୍ଭିକ ତଥ୍ୟର ସଙ୍କେତ ଠିକ୍ ମନେ ହୁଏ ନାହିଁ । ଖୁବଶୀଘ୍ର ଏହି ଅନୁଷ୍ଠାନ ଏକ ରିପୋର୍ଟ ଉପସ୍ଥାପନ କରିବ, ଯେଉଁଥିରେ ବିଶ୍ୱର ପରିବେଶ ସ୍ଥିତି ବିଷୟରେ ଅବଗତ କରାଯିବ । ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି ଯେ ୨୦୨୪ ମଧ୍ୟଭାଗ ସୁଦ୍ଧା ଏଲ୍ ନିନୋର ଶେଷ ଭାଗରୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିବ। କିନ୍ତୁ ଅତୀତର ଅଭିଜ୍ଞତା ଦର୍ଶାଉଛି ଯେ ଯେତେବେଳେ ସବୁ କିଛି ବିଭ୍ରାନ୍ତ ହୋଇଯାଏ, ପ୍ରକୃତ ପରିସ୍ଥିତି ଜଣାପଡ଼େ ନାହିଁ। ଆମ ଦେଶର ପାଣିପାଗର ଅନିୟମିତତା ଦେଖିଲେ ଏହା ସଠିକ୍ ମନେହୁଏ। ବର୍ତ୍ତମାନ ଅନ୍ତର୍ଜାତିକ ସ୍ତରରେ ବିଶ୍ୱାସ କରାଯାଉଛି ଯେ ୨୦୨୪ ସବୁଠାରୁ ଉଷ୍ମ ହେବ ଏବଂ ଏହା ସବୁଠାରୁ ଗରମ ପାଞ୍ଚ ବର୍ଷ ମଧ୍ୟରେ ସାମିଲ ହେବ । ଆଗାମୀ ବର୍ଷଗୁଡ଼ିକରେ ଆମେ ଅତ୍ୟଧିକ ଗରମର ସମ୍ମୁଖୀନ ହେବାର ୯୯ ପ୍ରତିଶତ ସମ୍ଭାବନା ରହିଛି। ଗତ ଦୁଇ-ତିନି ଦଶନ୍ଧି ଧରି ଆମେ ସମାନ ଧାରା ଦେଖିଛନ୍ତି ଏବଂ କୌଣସି ଉନ୍ନତି ହୋଇନାହିଁ । ଆଗାମୀ ଦିନରେ ଆମେ ଏପରି କିଛି କରିନାହିଁ ଯାହା ଆମକୁ ଏଥିରୁ ମୁକ୍ତି ଦେଇପାରିବ । ସବୁଠାରୁ ବଡ଼ କଥା ହେଉଛି ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଦେଖିବା ସତ୍ତ୍ୱେ ଭିତ୍ତିଭୂମି ବିକାଶ ହେଉ କି ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକଳାପ, ଆମର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇନାହିଁ ବରଂ ଏହା ଜାରି ରହିଛି। ବିଶେଷ କରି ନିର୍ମାଣ, ଯାତାୟାତ, ଶିଳ୍ପାୟନ ଇତ୍ୟାଦି ଉପରେ କୌଣସି ନିୟନ୍ତ୍ରଣ ନାହିଁ।

ଏହାବ୍ୟତୀତ ଯେଉଁଭଳି ଭାବରେ ଶକ୍ତି ବ୍ୟବହାରକାରୀ ଜୀବନଶୈଳୀ କ୍ରମାଗତ ଭାବେ ବୃଦ୍ଧି ପାଉଛି, ତାହା ମାରାତ୍ମକ ସାବ୍ୟସ୍ତ ହେବାକୁ ଯାଉଛି। ଏହାବ୍ୟତୀତ ହିମାଳୟ ଶିଖରରେ ଏରୋସୋଲର ଚାପ ଏବେ ବୃଦ୍ଧି ପାଇଛି। ଇସ୍ରୋ ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁଯାୟୀ, ହିମାଳୟର ଉପର ମୁଣ୍ଡରେ ଏରୋସୋଲର ଘନତା ବଢୁଥିବାରୁ ଏହାର ବଢୁଥିବା ଅପ୍ଟିକାଲ ଘନତ୍ୱ ବୃଦ୍ଧି ପାଇବ, ଯାହା ସିଧାସଳଖ ହିମଖଣ୍ଡକୁ ପ୍ରଭାବିତ କରି ହ୍ରଦରେ ପରିଣତ ହେବ । ଏଭଳି ହ୍ରଦ ଗୁଡ଼ିକରେ ଦୁଇ-ତିନୋଟି ବଡ଼ ପ୍ରଭାବ ପଡ଼ିବ। ପ୍ରଥମତଃ ଆଗାମୀ ଦିନରେ ଜଳ ସଙ୍କଟ ବଢ଼ିବ। ଦ୍ୱିତୀୟତଃ, ଏହି ହ୍ରଦଗୁଡ଼ିକ ମିଥେନ୍ ଗ୍ୟାସ୍ ନିର୍ଗତ କରନ୍ତି, ଯାହା ସ୍ଥାନୀୟ ତାପମାତ୍ରାକୁ ଆହୁରି ବଢ଼ାଇବ ଏବଂ ତୃତୀୟ ବଡ଼ କଥା ହେଉଛି ଏହା ମଧ୍ୟ ବନ୍ୟା ସୃଷ୍ଟି କରିପାରେ। ଏହି ସବୁ କଥାକୁ ଦୃଷ୍ଟିରେ ରଖି ଯଦି ଆମେ ଆମର ବିପର୍ଯ୍ୟୟ ପରିଚାଳନା ରଣନୀତି ପ୍ରସ୍ତୁତ କରିବୁ, ତେବେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକି ନପାରିଲେ ମଧ୍ୟ ନିଶ୍ଚିତ ଭାବରେ ସେମାନଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତିକୁ ହ୍ରାସ କରିପାରିବା । ବିଶେଷ କରି ପରିବେଶ ଦୃଷ୍ଟିକୋଣରୁ ଆମ ନୀତିକୁ ଦେଖିବାର ସମୟ ଆସିଛି। ନଚେତ୍ ପରବର୍ତ୍ତୀ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଅଧିକ ଚିନ୍ତା କରିବାର ସୁଯୋଗ ଦେବ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୩ ଅପ୍ରେଲ ୨୦୨୪ ବୁଧବାର

ଆଭା

ଶ୍ରୀରାମଙ୍କ ପଥ: ଆମର ତୀର୍ଥ, ଶୃଙ୍ଗବେରପୁର

ରାମ, ଲକ୍ଷ୍ମଣ ଓ ସୀତା ବନବାସ କାଳରେ ଅଯୋଧ୍ୟାରୁ ତାଙ୍କ ଯାତ୍ରା ଆରମ୍ଭ କରି ଶ୍ରୀଲଙ୍କାରେ ଶେଷ କରିଥିଲେ। ତାଙ୍କର ଏହି ଯାତ୍ରା ଥିଲା ସଂପୂର୍ଣ୍ଣ ସ୍ମୃତିବହୁଳ। ତେଣୁ ଏହାକୁ ପ୍ରତ୍ୟେକ ହିନ୍ଦୁ 'ରାମ ବନଗମନ ପଥପରିକ୍ରମା' ଭାବରେ ଅଭିହିତ କରିଥାନ୍ତି। ଏହି ଯାତ୍ରା କାଳରେ ରାମ ଅନେକ ମୁନିରଷିଙ୍କ ଆଶ୍ରମ ଭ୍ରମଣ କରିଥିଲେ। ଅନେକ ଆଶୀର୍ବାଦ ଲାଭ କରିଥିଲେ ଏବଂ ଅନେକଙ୍କୁ ସେମାନଙ୍କର ଐକାନ୍ତିକ ଭକ୍ତିର ଫଳ ମଧ୍ୟ ପ୍ରଦାନ କରିଥିଲେ। ଅନେକ ରାକ୍ଷସଙ୍କୁ ବଧ କରି ସେମାନଙ୍କୁ ମୋକ୍ଷ ଦାନ କରିଥିଲେ। ଶୃଙ୍ଗବେରପୁରରୁ ଶ୍ରୀଲଙ୍କା- ଦୀର୍ଘପଥ, ଦୀର୍ଘଯାତ୍ରା, ଅସଂଖ୍ୟ ଘଟଣା, ଅନେକ ପ୍ରାତଃ ସ୍ମରଣୀୟ ଚରିତ୍ର।

ତାହାର ଆଲେଖ୍ୟ 'ଶ୍ରୀରାମଙ୍କ ପଥ: ଆମର ତୀର୍ଥ'।

ଶ୍ରୀରାମଚନ୍ଦ୍ରଙ୍କର ବନବାସ ପର୍ବରେ ଶୃଙ୍ଗବେରପୁରର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଶ୍ରୀରାମ କୋଶଳ ରାଜ୍ୟ ପରିତ୍ୟାଗ କରି ଯେତେବେଳେ ତାହାର ସୀମାରେ ଥିବା ନିଷାଦ ରାଜ୍ୟ ଶୃଙ୍ଗବେରପୁରରେ ପ୍ରବେଶ କଲେ, ନିଷାଦରାଜ ଗୁହକ ତାହାର ସୂଚନା ପାଇ ନିଜର ବନ୍ଧୁ ପରିଜନ, ସୈନ୍ୟ ସାମନ୍ତ ଏବଂ ଅନେକ ଉପହାର ସାମଗ୍ରୀ ଧରି ତାଙ୍କୁ ନିଜ ରାଜଧାନୀକୁ ନେବାପାଇଁ ଆସି ପହଞ୍ଚିଲେ। କିନ୍ତୁ ଶ୍ରୀରାମଙ୍କ ବନବାସୀ ବେଶ ଦେଖି ଆଶ୍ଚର୍ଯ୍ୟଚକିତ ହେବା ସହିତ ଅଶ୍ରୁବର୍ଷଣ କରିବାକୁ ଲାଗିଲେ। ଶ୍ରୀରାମ ଅଯୋଧ୍ୟାରୁ ନିର୍ବାସିତ ହେବା ଜାଣି ସେ ତାଙ୍କୁ ନିଷାଦ ରାଜ୍ୟରେ ରାଜତ୍ୱ କରିବାପାଇଁ ଅନୁରୋଧ କଲେ। ଶ୍ରୀରାମ ବିନୟର ସହିତ ତାଙ୍କୁ ଆଲିଙ୍ଗନ କରି ସେହି ପ୍ରସ୍ତାବକୁ ଅସ୍ୱୀକାର କଲେ। ରାତ୍ରିକାଳରେ ଶ୍ରୀରାମ ଏକ ଇଙ୍ଗୁଦୀ ବୃକ୍ଷ ତଳେ, କୁଶ ଶଯ୍ୟାରେ ଶୟନ କଲେ। ନିଷାଦରାଜ ଗୁହକ ବେଦନାବିଗଳିତ ଚିତ୍ତରେ ସମଗ୍ର ରାତ୍ରି ଉଜାଗର ରହି ଶ୍ରୀରାମଙ୍କ ପାଦ ପାଖରେ ବସି ରହିଲେ। ପ୍ରାତଃକାଳରେ ଶ୍ରୀରାମ ବଲ୍ ?କଳ ପରିଧାନ କରି, ଜଟା ବାନ୍ଧି, ଗଙ୍ଗା ପାର ହୋଇ ବନପ୍ରଦେଶକୁ ଗମନ କରିବା ନିମିତ୍ତ ଗୁହକଙ୍କୁ ଏକ ନୌକା ଯୋଗାଇ ଦେବା ନିମିତ୍ତ ଅନୁରୋଧ କଲେ। ନିଷାଦମାନେ ସାଧାରଣତଃ ଥିଲେ କୈବର୍ତ୍ତ ସଂପ୍ରଦାୟର। ନିଷାଦରାଜ ଗୁହକ ଶ୍ରୀରାମଙ୍କର ପଦଧୌତ କରି ଏକ ସୁଦୃଶ୍ୟ ନୌକାରେ ତାଙ୍କୁ ଏବଂ ଲକ୍ଷ୍ମଣ ଓ ସୀତାଙ୍କୁ ବସାଇ ବିଦାୟ ଦେଲେ। ଗୁହକଙ୍କର ଶ୍ରୀରାମଙ୍କ ପଦ ପ୍ରକ୍ଷାଳନକୁ ନେଇ ଅନେକ ସୁନ୍ଦର କାହାଣୀ ରହିଛି। ଉତ୍ତରପ୍ରଦେଶର ପ୍ରୟାଗରାଜ ଜିଲ୍ଲାରେ ଶୃଙ୍ଗବେରପୁର ଅବସ୍ଥିତ। ଏହା ଅଯୋଧ୍ୟାଠାରୁ ପ୍ରାୟ ୧୭୦ କି.ମି. ଦୂର। ଶ୍ରୀରାମଙ୍କର ପ୍ରକୃତ ବନଗମନ ଏହିଠାରୁ ଆରମ୍ଭ ହୋଇଥିବାରୁ ଏହି ସ୍ଥାନଟି ମହତ୍ତ୍ୱପୂର୍ଣ୍ଣ। ଶ୍ରୀରାମ ଯେଉଁ ଇଙ୍ଗୁଦୀ ବୃକ୍ଷ ତଳେ ଶୟନ କରିଥିଲେ, ସେଠାରେ ଶ୍ରୀରାମ ଶୟନ ଆଶ୍ରମ ରହିଛି। ଯେଉଁଠାରେ ଶ୍ରୀରାମ ଗଙ୍ଗାପାର ହୋଇଥିଲେ ସେଠାରେ ଅଛି ରାମଚଉରା ଘାଟ। ଶୃଙ୍ଗବେରପୁରର ନାମକରଣ ମହାମୁନି ରଷ୍ୟଶୃଙ୍ଗଙ୍କ ନାମାନୁସାରେ ହୋଇଥିବା ଜଣାଯାଏ। ଏହା ତାଙ୍କର ତପସ୍ୟା କ୍ଷେତ୍ର ଥିଲା। ରଷ୍ୟଶୃଙ୍ଗ ଦଶରଥଙ୍କ ନିମିତ୍ତ ପୁତ୍ରେଷ୍ଟି ଯଜ୍ଞ କରିଥିଲେ। ତାହା ଫଳରେ ଶ୍ରୀରାମ ଜନ୍ମଗ୍ରହଣ କରିଥିଲେ। ଏଠାରେ ଶୃଙ୍ଗୀରଷିଙ୍କ ଆଶ୍ରମ ଦେଖାଯାଏ। ସଂପ୍ରତି ନିଷାଦରାଜ ଗୁହକ ଓ ଶ୍ରୀରାମଙ୍କ ମିତ୍ରତାର ସାକ୍ଷ୍ୟ ସ୍ୱରୂପ, ତନ୍ମଧ୍ୟରେ ନିର୍ମିତ ୫୧ଫୁଟ ଉଚ୍ଚର ଗୁହକ ଓ ଶ୍ରୀରାମଙ୍କର ଏକ ଆଲିଙ୍ଗନାବଦ୍ଧ ମୂର୍ତ୍ତି 'ନିଷାଦରାଜ ପାର୍କ'ରେ ଶୋଭା ପାଉଛି। ଶୃଙ୍ଗବେରପୁରଠାରୁ ୪୫ କି.ମି. ଦୂରରେ ରହିଛି ପ୍ରୟାଗ- ଯେଉଁଠାରେ ଅଛି ମହର୍ଷି ଭରଦ୍ୱାଜଙ୍କର ଆଶ୍ରମ।

ଏକଲାପଣକୁ 'ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା' ଘୋଷଣା



ବର୍ତ୍ତମାନ ଏକଲାପଣ ଏକ ପ୍ରକାର ମାନସିକତା ନୁହେଁ ଏକ ବଡ ରୋଗରେ ପରିଣତ ହୋଇଛି। ଯେଉଁଥିରେ ଲୋକେ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାନ୍ତି ନାହିଁ। ବର୍ତ୍ତମାନ ଏହାକୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଘୋଷଣା କରିଛି ଏହି ରାଜ୍ୟ।

ଫକ୍ସ ନ୍ୟୁଜ ଅନୁଯାୟୀ, ସିଲିକନ ଭ୍ୟାଲି କାର୍ଲିଫର୍ନିଆର ଏକ ଅଞ୍ଚଳ ସ୍ୟାନ ମ୍ୟାଟିଓରେ ଏହାକୁ ଲାଗୁ କରାଯିବା ପାଇଁ ପ୍ରସ୍ତାବ ପାରିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଦ୍ୱାରା ମାସେ ତଳେ ଏହାକୁ ବୈଶିକ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଅଭିହିତ କରିବା ପରେ ଏହି ଅଞ୍ଚଳରେ ଏହାକୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା ବୋଲି ଘୋଷଣା କରାଯାଇଛି। ହୁ ଏହାକୁ ହୃଦରୋଗ, ଡେମନ୍ସିଆ ଷ୍ଟ୍ରୋକ୍, ଡିପ୍ରେସନ, ଆନଜାଇଟି ଠାରୁ ମାରାତ୍ମକ ବୋଲି ଦର୍ଶାଇଛି।

ସ୍ୟାନ ମ୍ୟାଟିଓର ବୋର୍ଡ ଅଫ୍ ସୁପରଭାଇଜର ଡ୍ୟାଭିଡ କ୍ୟାନେପା ଏନେଇ ସୋସିଆଲ ମିଡିଆ ଏକ୍ସରେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, 'ଏକଲାପଣ ଦିନକୁ ଗୋଟିଏ ପ୍ୟାକେଟ ସିଗାରେଟ ପିଇବା ସହ ସମାନ'।

ଖବରକାଗଜରେ ଖାଦ୍ୟ ଖାଉଥିଲେ ସାବଧାନ

ଖବରକାଗଜରେ ଖାଦ୍ୟ ଗୁଡ଼ାଇ ଖାଉଛନ୍ତି କି ହୋଇ ଯାଆନ୍ତୁ ସାବଧାନ। ଏହା ଭୟାନକ ରୋଗକୁ ଡାକି ଆଣିପାରେ। ଏଥିସହ ସାଂଘାତିକ ପ୍ରମାଣିତ ହୋଇପାରେ। ଅଧିକାଂଶ ସମୟରେ ଦେଖାଯାଏ ବାହାର ଖାଦ୍ୟ ବିଶେଷ କରି ଛଣାଛଣି ଖାଦ୍ୟ କିଣିବା ସମୟରେ ଏହାକୁ ସାଧାରଣତଃ ଖବରକାଗଜରେ ପ୍ୟାକିଙ୍ଗ କରି ଦିଆଯାଏ। ଫୁଟପାଥରେ ମଧ୍ୟ ଖବୀକାଗଜରେ ଖାଦ୍ୟ ବିକ୍ରି ହେଉଥିବାର ଦେଖାଯାଏ ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। କିନ୍ତୁ ଆମେ ଏଥିପ୍ରତି ଧ୍ୟାନ ନ ଦେଇ ଖବରକାଗଜରେ ଗୁଡ଼ାଇ ଦିଆଯାଇଥିବା ସିଙ୍ଗଡା, ପାକୋଡା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ଖାଇଥାଉ। ଖବରକାଗଜରେ ଆବୃତ ଥିବା ଖାଦ୍ୟ କେବେବି ଖାଇବା ଉଚିତ ନୁହେଁ। ବିଶେଷକରି ଖବରକାଗଜରେ ଗରମ ଖାଦ୍ୟ ରଖିବା ଏବଂ ଏହାକୁ ଗୁଡ଼ାଇ ରଖିବା ଠାରୁ ସର୍ବଦା ଦୂରେଇ ରହିବା ଉଚିତ୍। ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଖବରକାଗଜରେ ପ୍ରିଣ୍ଟିଂ ଇଙ୍କ ବ୍ୟବହୃତ ହୁଏ। ଏହି ଇଙ୍କ ଦାଗ ଖାଦ୍ୟରେ ଲାଗି ଆପଣଙ୍କୁ ଅସୁସ୍ଥ କରିପାରେ। ଖବରକାଗଜରେ ଖାଦ୍ୟ ଗୁଡ଼ାଇବା ଦ୍ୱାରା ଏହା ବିଷାକ୍ତ ହୋଇପାରେ ଏବଂ ପେଟ ବ୍ୟଥା ହୋଇପାରେ। କେବେ ଖବରକାଗଜରେ ଆବୃତ ଖାଦ୍ୟକୁ ଅଫିସକୁ ଆଣନ୍ତୁ ନାହିଁ। କିମ୍ବା ଖବରକାଗଜରେ ଖାଦ୍ୟ ଖାଆନ୍ତୁ ନାହିଁ। ଏହା କରିବା ଦ୍ୱାରା ଆପଣଙ୍କ ଶରୀରର ପୌଷ୍ଟିକ ବିକାଶ ମଧ୍ୟ ବନ୍ଦ ହୋଇପାରେ। ପିଲାମାନଙ୍କୁ କେବେ ଖବରକାଗଜରେ ଗରମ ଖାଦ୍ୟ ଦିଅନ୍ତୁ ନାହିଁ, ଏହା ସେମାନଙ୍କର ଶାରୀରିକ ବିକାଶରେ ବାଧା ସୃଷ୍ଟି କରିଥାଏ। ଖବରକାଗଜ ଇଙ୍କ୍ ଆପଣଙ୍କ ଭିତରକୁ ଯାଇ ପାଟି କ୍ୟାନସର ଠାରୁ ଆରମ୍ଭ କରି ଲିଭର କ୍ୟାନସର ହେବାର ଆଶଙ୍କା ରହିଛି। ୨୦୧୬ରେ ଦେଶର ଖାଦ୍ୟ ସୁରକ୍ଷା ନିୟାମକ FSSAI ମଧ୍ୟ ଖବରକାଗଜରେ ଆବୃତ ଖାଦ୍ୟ ସାମଗ୍ରୀ ଖାଇବା ବିଷୟରେ ସତର୍କ କରାଇଛି। ଫୁଡ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ ଅନୁଯାୟୀ, ଇଙ୍କରେ କ୍ଷତିକାରକ ରଙ୍ଗ, ପିଗମେଣ୍ଟ ରହିଥାଏ ଯାହା ପେଟ ସଂକ୍ରମଣର କାରଣ ହୋଇପାରେ। ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଅଫ ଇଣ୍ଡିଆ ଅନୁଯାୟୀ, ଖବରକାଗଜରେ ଆବୃତ ଖାଦ୍ୟ ବୃଦ୍ଧ, କିଶୋର, ଶିଶୁ ଏବଂ ଯେକୌଣସି ରୋଗରେ ପୀଡିତ ଲୋକଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଖବରକାଗଜରେ ରଖାଯାଇଥିବା ଖାଦ୍ୟ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ହରାଇବାର ଆଶଙ୍କା ମଧ୍ୟ ଅଛି। କେବଳ ଏତିକି ନୁହେଁ, ଏହା ହଜମ ପ୍ରକ୍ରିୟାକୁ ମଧ୍ୟ କ୍ଷତି ପହଞ୍ଚାଏ।

ଅଙ୍ଗ ପ୍ରତିରୋପଣରେ ଭାରତ ସବୁଠୁ ଆଗରେ

ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆମେରିକା ସମେତ ଅନେକ ଦେଶକୁ ପଛରେ ପକାଇ ଭାରତ ଆଗୁଆ ରହିଛି। ଏଥି ସହିତ, ଏହା ବିଶ୍ୱର ଶ୍ରେଷ୍ଠ ଦଶ ଦେଶ ମଧ୍ୟରେ ତୃତୀୟ ସ୍ଥାନରେ ପହଞ୍ଚିଛି। କେବଳ ଏତିକି ନୁହେଁ, ୭୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ମୃତ ଦାତାମାନଙ୍କଠାରୁ ସ୍ଥାନାନ୍ତରିତ ଅଙ୍ଗ ସଂଖ୍ୟା ଏକ ହଜାର ସଂଖ୍ୟା ଅତିକ୍ରମ କରିଛି। ତେବେ ଅଙ୍ଗ ପ୍ରତିରୋପଣର ଏହି ସଂଖ୍ୟାରେ ସରକାର ସନ୍ତୁଷ୍ଟ ନୁହନ୍ତି।

ନ୍ୟାଶନାଲ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ନୋଟୋ)ର ନିର୍ଦ୍ଦେଶକ ଡକ୍ଟର ଅନିଲ କୁମାର କହିଛନ୍ତି ୨୦୨୩ ମସିହାରେ ଭାରତୀୟ ଡାକ୍ତରଖାନାଗୁଡ଼ିକ ଗୋଟିଏ ବର୍ଷରେ ୧୬,୯୪୧ ଅଙ୍ଗ ପ୍ରତିରୋପଣ କରିଛନ୍ତି। ସେଥିମଧ୍ୟରେ ୧୨,୩୪୩ କିଡନୀ, ୪,୧୬୦ ଯକୃତ, ୨୧୫ ହୃଦୟ, ୧୮୯ ଫୁସଫୁସ, ୨୦ ଟି ଅଗ୍ନାଶୟ ଏବଂ ୧୪ ଟି କ୍ଷୁଦ୍ର ଅନ୍ତନଳୀ ପ୍ରତିରୋପଣ ଅନ୍ତର୍ଭୁକ୍ତ ହୋଇଥିଲା। କିନ୍ତୁ ମୃତ୍ୟୁ ପରେ ଟ୍ରାନ୍ସପ୍ଲାଣ୍ଟ ବିଷୟରେ କହିବାକୁ ଗଲେ, ୧୬,୯୪୧ ପ୍ରତିରୋପଣ ମଧ୍ୟରୁ କେବଳ ୧,୦୬୨ ମୃତ୍ୟୁ ପରେ ପ୍ରାପ୍ତ ଅଙ୍ଗରୁ କରାଯାଇଥିଲା। ଡକ୍ଟର କୁମାର କହିଛନ୍ତି, ମୃତ୍ୟୁ ପରେ ଦାତାମାନଙ୍କଠାରୁ ଅଙ୍ଗ ସଂଗ୍ରହ କରିବାରେ ଭାରତ ବହୁ ପଛରେ ଅଛି। ଏଥିପାଇଁ ଲୋକମାନେ ନିଜ ଶରୀର ଦାନ କରିବାକୁ ଆଗକୁ ଆସିବା ଉଚିତ।

ଡ. କୁମାର କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ କି ବାତ କାର୍ଯ୍ୟକ୍ରମରେ ଅଙ୍ଗ ଦାନ ଏବଂ ପ୍ରତିରୋପଣ ବିଷୟରେ ଅନେକ ଥର ଆଲୋଚନା କରିଛନ୍ତି।

ଏହାର ଫଳ ସ୍ୱରୂପ, ଭାରତ ଆମେରିକା, ଇଟାଲୀ, ଫ୍ରାନ୍ସ ପରି ଦେଶଗୁଡ଼ିକୁ ଅଙ୍ଗ ଦାନରେ ପଛରେ ପକାଇ ଦେଇଥିଲା। ତେବେ ଏହି ଚାହିଦାକୁ ନେଇ ସରକାର ଖୁସି ନୁହନ୍ତି କାରଣ ଦେଶରେ ଚାହିଦା ଏବଂ ଯୋଗାଣ ମଧ୍ୟରେ ଏକ ବିରାଟ ବ୍ୟବଧାନ ରହିଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଦାଖଲ ହୋଇଥିବା ରିପୋର୍ଟରେ ନୋଟୋ ଦର୍ଶାଇଛନ୍ତି ଚାହିଦା ଏବଂ ଯୋଗାଣ ମଧ୍ୟରେ ଏକ ବଡ଼ ବ୍ୟବଧାନ ରହିଛି। ଭାରତ ପ୍ରତିବର୍ଷ ଦୁଇ ଲକ୍ଷ କିଡନୀ ପ୍ରତିରୋପଣ ଆବଶ୍ୟକ କରେ, କିନ୍ତୁ ୨୦୨୩ ମସିହାରେ ୧୨,୩୪୩ ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା, ସେଥିମଧ୍ୟରୁ ୧,୬୧୩ କିଡନୀ ମୃତ ଦାତାମାନଙ୍କଠାରୁ ଆସିଥିଲା। ଅର୍ଥାତ ପ୍ରତି ୧୦୦ ରୋଗୀଙ୍କ ମଧ୍ୟରୁ ପ୍ରାୟ ୬ ଜଣ କିଡନୀ ପାଇଥିଲେ। ଡକ୍ଟର କୁମାର କହିଛନ୍ତି ଦେଶରେ ହୃଦଘାତ ହେତୁ ପ୍ରତିବର୍ଷ ୮୦ ହଜାର ରୋଗୀଙ୍କୁ ଟ୍ରାନ୍ସପ୍ଲାଣ୍ଟ ତାଲିକାରେ ଯୋଡାଯାଉଛି, ମାତ୍ର ୨୦୨୩ ମସିହାରେ କେବଳ ୨୧୫ ହୃଦ ପ୍ରତିରୋପଣ କରାଯାଇଥିଲା। ଏହାର ଅର୍ଥ ୫୦୦ରୁ କେବଳ ଜଣେ ରୋଗୀ ହୃଦୟ ପ୍ରାପ୍ତ କରୁଛନ୍ତି। ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମୃତ୍ୟୁ ପରେ ଅଙ୍ଗ ଦାନ କାରଣ ଏହା ହୃଦୟ, ଫୁସଫୁସ, ଅଗ୍ନାଶୟ ଏବଂ କ୍ଷୁଦ୍ର ଅନ୍ତନଳୀ ସହିତ ବିଭିନ୍ନ ପ୍ରକାରର ଅଙ୍ଗ ଗ୍ରହଣ କରି ଏକ ସମୟରେ ଅତି କମରେ ଆଠଟି ଜୀବନ ରକ୍ଷା କରିପାରିବ।

ନାଇଟ୍ ଡ୍ୟୁଟି



ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ନାଇଟ୍ ସିଫ୍ଟ ସିଷ୍ଟମ ରହିଛି। ଯୁବତୀ ହୁଅନ୍ତୁ ଅବା ଯୁବକ, ସିଫ୍ଟ ଅନୁଯାୟୀ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ରାତିଅନିଦ୍ରା ହେବା ତଥା ଲାଇଫ୍ ଷ୍ଟାଇଲ୍ ବଦଳିଯିବା ଦ୍ୱାରା ଅନେକଙ୍କଠାରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜୁଛି। ତେବେ ଏଭଳି ପରିସ୍ଥିତିରେ ସୁସ୍ଥ ରହିବା ଲାଗି କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଜରୁରୀ...

ହେଲ୍‌ଦି ଡାଏଟ୍: ଏକ ସୁସ୍ଥ ଜୀବନ ପାଇଁ ଶରୀରର ଆବଶ୍ୟକତା ଓ ପରିଶ୍ରମ ଅନୁଯାୟୀ ଖାଦ୍ୟ ଖାଇବା ଆବଶ୍ୟକ। ଯଦି ଆପଣ ନାଇଟ୍ ସିଫ୍ଟରେ କାମ କରୁଛନ୍ତି, ତେବେ ସୁଷମ ଖାଦ୍ୟ ଖାଆନ୍ତୁ। ତଟକା ପନିପରିବା, ଫଳ ଆଦି ଖାଆନ୍ତୁ। ରାତ୍ର ଭୋଜନରେ ସବୁବେଳେ ହାଲୁକା ଖାଦ୍ୟ ଖାଆନ୍ତୁ। କାରଣ ଭାରି ଖାଦ୍ୟ ଖାଇଲେ ନିଦ ଆସିଥାଏ ଏବଂ କେବେକେବେ ଗ୍ୟାସ୍, ବଦହଜମି ଭଳି ସମସ୍ୟା ବି ଉପୁଜିପାରେ। କେବଳ ଏତିକି ନୁହେଁ, ଭାରି ଖାଦ୍ୟ ଖାଇ ଅଧିକ ସମୟ ବସି କାମ କରିବା ଦ୍ୱାରା ଶରୀରରେ ଚର୍ବି ଜମା ହୋଇ ମେଦବହୁଳତା ଦେଖାଦେବାର ଆଶଙ୍କା ଅଧିକ। ତେଣୁ ଲାଇଟ୍ ଡିନର କରନ୍ତୁ, ଯାହା ଶରୀରକୁ ଫୂର୍ତ୍ତି ରଖିବା ସହ ମେଦବହୁଳତା ସମସ୍ୟା ବି ଦେଖାଦେବ ନାହିଁ। ଏହା ବ୍ୟତୀତ ଯଦି ଆପଣଙ୍କୁ ରାତିରେ କାମ କରିବା ବେଳେ ଭୋକ ଲାଗୁଛି ତେବେ ତେଲ ମସଲା, ଛଣାଛଣି ବଦଳରେ ମଝିରେ ମଝିରେ କିଛି ହାଲୁକା ସ୍ନାକ୍ସ ଖାଆନ୍ତୁ। ନିଦ ଦୂର କରିବା ଲାଗି ଅଧିକ ଚା, କଫି ପିଇବା ବି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ।

ନିଅନ୍ତୁ ପର୍ଯ୍ୟାପ୍ତ ନିଦ୍ରା: ସାଧାରଣତଃ ଆମେ ଦିନରେ କାମ କରି ରାତିରେ ଶୋଇଥାଉ। ହେଲେ ନାଇଟ୍ ସିଫ୍ଟରେ କାମ କରୁଥିବା ଯୁବପିଢ଼ିଙ୍କୁ ରାତିରେ ନ ଶୋଇ କାମ କରିବାକୁ ପଡ଼ିଥାଏ। ଫଳରେ ସେମାନଙ୍କ ଜୀବନଶୈଳୀ ପରିବର୍ତ୍ତନ ହୋଇଯାଏ। ଏମିତିରେ କାମବେଳେ ନିଦ ଲାଗିବା କିମ୍ବା ରାତି ଅନିଦ୍ରାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ବୃଦ୍ଧି ପାଇଥାଏ। ହେଲେ ଏପରି ନ ହେବା ଲାଗି ଦିନରେ ଭଲ ଭାବେ ଶୋଇବା ପାଇଁ ଚେଷ୍ଟା କରନ୍ତୁ। ଦେଖିବେ, ରାତିରେ କାମ ବେଳେ ନିଦ ଆସିବ ନାହିଁ ଏବଂ କାମରେ ଧ୍ୟାନ କେନ୍ଦ୍ରିତ ହେବା ସହ ସ୍ୱାସ୍ଥ୍ୟ ସମସ୍ୟା ବି ଦେଖା ଦେବ ନାହିଁ।

ପାଣି ପିଅନ୍ତୁ: ଆମେ ଦିନରେ ଅଧିକ ପାଣି ପିଉଥିବା ବେଳେ ରାତିରେ ଅପେକ୍ଷାକୃତ କମ୍ ପାଣି ପିଇଥାଉ। ଏହାର ମୁଖ୍ୟ କାରଣ ହେଉଛି ରାତିରେ ଶୋଇବା। ହେଲେ ନାଇଟ୍ ସିଫ୍ଟ କରୁଥିଲେ ରାତିରେ ଅଧିକ ସମୟ ଅନିଦ୍ରା ରହିବାକୁ ପଡୁଥିବାରୁ ଆଦୌ କମ୍ ପାଣି ପିଇବା ଠିକ୍ ନୁହେଁ। ନଚେତ୍ ଖାଦ୍ୟ ଭଲ ଭାବେ ହଜମ ହୋଇ ନ ପାରି ବଦହଜମି, ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଭଲ ଭାବେ ପାଣି ପିଅନ୍ତୁ।

ମଝିରେ ମଝିରେ ନିଅନ୍ତୁ ବ୍ରେକ୍: ରାତିରେ ଅଧିକ ସମୟ ବସି କାମ ବା ଡେସ୍କ ଜବ୍ କରୁଥିଲେ ମଝିରେ ମଝିରେ ବ୍ରେକ୍ ନିଅନ୍ତୁ। ନିଜ ସିଟ୍‌ରୁ ଉଠି କିଛି ସମୟ ଚାଲନ୍ତୁ, କିଛି ସ୍ନାକ୍ସ ଖାଆନ୍ତୁ, ପାଣି ପିଅନ୍ତୁ। ଏହାଦ୍ୱାରା ଉଭୟ ଶରୀର ଏବଂ ଆଖିକୁ ରେଷ୍ଟ ମିଳିବ। ଡେସ୍କ ଜବ୍ କରୁଥିଲେ କିଛି ଦିନ ପରେ ଅନେକଙ୍କଠାରେ ପିଠି ଯନ୍ତ୍ରଣା ଦେଖାଦିଏ। ଏପରି ହେଉଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ।

ଲାଇଟ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ: ବର୍ତ୍ତମାନ ଅଧିକାଂଶ କାମ କମ୍ପ୍ୟୁଟରରେ କରାଯାଉଛି। ଦିନରେ ଜବ୍ କରୁଥିଲେ ସୂର୍ଯ୍ୟାଲୋକ ଥିବାରୁ ଅଫିସ ଭିତରେ ଅଳ୍ପ ଲାଇଟ୍ ବ୍ୟବସ୍ଥା ଥିଲେ ବି ଏହା ବ୍ୟାକ୍‌ଗ୍ରାଉଣ୍ଡ ଲାଇଟ୍ ପାଇଁ ବେଶ୍ କାମରେ ଆସିଥାଏ। ହେଲେ ରାତିରେ ଚାରିଆଡ଼ ଅନ୍ଧାର ହୋଇଥିବାରୁ ଲାଇଟ୍ ବ୍ୟବସ୍ଥା ଠିକ୍ ରହିବା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। କାରଣ କମ୍ ଲାଇଟ୍‌ରେ କାମ କଲେ ଚାପ ପଡ଼ିବା ଯୋଗୁ ଚକ୍ଷୁ ସମସ୍ୟା ଉପୁଜିବାର ଆଶଙ୍କା ରହିଛି।

ଯୋଗ, ବ୍ୟାୟାମ ବେଶ୍ ଜରୁରୀ: ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରିବା ଆବଶ୍ୟକ। ବିଶେଷକରି ଯଦି ଆପଣ ନାଇଟ୍ ସିଫ୍ଟ ଡ୍ୟୁଟି କରୁଛନ୍ତି, ତେବେ ଦିନରେ ଏଥିପାଇଁ କିଛି ସମୟ ନିହାତି ବାହାର କରନ୍ତୁ। ଦେଖିବେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାରେ ଏହା ବେଶ୍ ସାହାଯ୍ୟ କରିବ।

ଗାଡି ଚଳାଇବା ବେଳେ ରୁହନ୍ତୁ ସତର୍କ: ଯେଉଁମାନେ ଲେଟ୍ ନାଇଟ୍ ପର୍ଯ୍ୟନ୍ତ ବାହାରେ କାମ କରନ୍ତି ବା ଫିଲ୍ଡ ଜବ୍ କରନ୍ତି ସେମାନଙ୍କୁ ଗାଡି ଚଳାଇବା ସମୟରେ ଯେପରି ନିଦ ନ ଆସେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ସେହିପରି ରାତିରେ ଗାଡି ସ୍ପିଡ୍ ନ ଚଳାଇ ଧିରେ ଧିରେ ଚଳାନ୍ତୁ। କାରଣ ଏହାଦ୍ୱାରା ଦୁର୍ଘଟଣା ହେବାର ଆଶଙ୍କା ଅଧିକ।

ପୃଥିବୀର ରହସ୍ୟମୟ ସ୍ଥାନ

ପୃଥିବୀରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ଏଭଳି କିଛି ଘଟଣା ଦେଖିବାକୁ ମିଳେ; ଯାହାକି ଏବେବି ରହସ୍ୟମୟ। ବହୁ ଗବେଷଣା ପରେ ମଧ୍ୟ ଉକ୍ତ ସ୍ଥାନ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ଜାଣିବା ସେମିତି କେତେକ ସ୍ଥାନ ବିଷୟରେ...

ଯେଉଁଠି ପଥର ଚାଲେ: କାଲିଫର୍ନିଆ ଏବଂ ନେଭାଡା ସୀମାରେଖାକୁ ଲାଗି ରହିଥିବା ଡେଥ୍ ଭ୍ୟାଲି ନ୍ୟାଶନାଲ୍ ପାର୍କରେ ଚାଲେ ପଥର। ଏକଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବ। ହେଲେ ଆପଣ ଜାଣନ୍ତି କି, ଏହି ପାର୍କରେ ରହିଛି ଏକ ଶୁଖିଲା ହ୍ରଦ। ଏହାକୁ କୁହାଯାଏ ରେସ୍‌ଟ୍ରାକ୍ ପ୍ଲାୟା। ଏଠାରେ ଛୋଟ ଛୋଟ ପଥରରୁ ଆରମ୍ଭ କରି ପ୍ରାୟ ୧୦୦ ପାଉଣ୍ଡରୁ ଅଧିକ ଓଜନ ବିଶିଷ୍ଟ ପଥର ହ୍ରଦର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଶହ ଶହ ମିଟର ଦୂର ଆପେ ଆପେ ଘୁଞ୍ଚିତ୍ ଘୁଞ୍ଚିତ୍ ଯାଉଥିବା ଦେଖିବାକୁ ମିଳେ। ତେବେ କେତେକ ବୈଜ୍ଞାନିକ ସେଠାରେ ଅଧିକ ପବନ ବହିବା ଫଳରେ ଏପରି ହେଉଛି ବୋଲି ଅନୁମାନ କରୁଥିବା ବେଳେ ଏହା ପଛର ପ୍ରକୃତ ତଥ୍ୟ ଏଯାଏଁ ଜଣାପଡ଼ିନାହିଁ। ଯଦିଓ ପଥର ଘୁଞ୍ଚୁଥିବା ବେଳେ କେହି ଏହାକୁ ଦେଖିନାହାନ୍ତି, ହେଲେ ଘୁଞ୍ଚିବା ଦ୍ୱାରା ମାଟିରେ ହେଉଥିବା ଦାଗରୁ ଏହା ଜଣାଯାଏ।

ଗୁମ୍ଫାରେ ଜଳେ ନିଆଁ: ଆମେରିକାର ନ୍ୟୁୟର୍କ ସହରରେ ରହିଛି ଚେଷ୍ଟନଟ୍ ରିଜ୍ ପାର୍କ। ଏଠାରେ ରହିଛି ଏକ ଛୋଟ ଝରଣା। ଯାହା ତଳକୁ ଏକ ଗୁମ୍ଫା ରହିଛି, ଯେଉଁଠାରେ ଅହ ରହ ନିଆଁ ଜଳୁଥିବାର ଦେଖିବାକୁ ମିଳେ, ଯାହାର ନାମ ରହିଛି ଏଟର୍ନାଲ୍ ଫ୍ଲେମ୍ ଫଲ୍ସ। ସେଠାରେ ପ୍ରାକୃତିକ ଉପାୟରେ ମିଥେନ୍ ଗ୍ୟାସ୍ ପ୍ରସ୍ତୁତ ହେଉଥିବାରୁ ନିଆଁ ଜଳୁଥିବା ଅନେକ ବୈଜ୍ଞାନିକ ମତ ଦେଉଥିଲେ ବି ଏହାର ପ୍ରକୃତ କାରଣ ଏବେବି ରହସ୍ୟମୟ।

ସମୁଦ୍ର କୂଳରେ ଗଦା ଗଦା ଅଣ୍ଡା: ନ୍ୟୁଜିଲାଣ୍ଡର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଗୁଡିକ ମଧ୍ୟରେ ରହିଛି ଡ୍ରାଗନ୍ ଏଗ୍ ବିଚ୍। ଏହାର ନାମ ଏପରି ହେବାର କାରଣ ଏହି ବେଳାଭୂମୀରେ ଥିବା ବହୁ ସଂଖ୍ୟାରେ ଗୋଲାକାର ପଥର ଯାହାକି ଡ୍ରାଗନ ଭଳି କୌଣସି ବଡ ଜୀବ ଅଣ୍ଡାର ଭ୍ରମ ସୃଷ୍ଟି କରେ। ତା'ଛଡା ଏହି ପଥରଗୁଡିକରେ ଥିବା ବହୁସଂଖ୍ୟାରେ ଫାଟ ଅଣ୍ଡାରୁ ଛୁଆ ଫୁଟି ବାହାରିବା ଭଳି ଦେଖାଯାଇଥାଏ। ତେବେ ଏହି ପଥର ୬୦ ମିଲିୟନ ବର୍ଷ ପୁରୁଣା ବୋଲି ଅନୁମାନ କରାଯାଏ। ଏହି ବେଳାଭୂମୀର ନିଆରା ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିବାରୁ ଏଠାରେ ନା କେବଳ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଜମେ ବରଂ ଅନେକ ଚଳଚ୍ଚିତ୍ର ମଧ୍ୟ ଦୃଶ୍ୟାୟନ କରାଯାଇଛି।

ସକାଳେ ପିଅନ୍ତୁ ତେଜପତ୍ର ପାଣି, ଦୂରେଇ ଯିବ ଅନେକ ରୋଗ

ତେଜପତ୍ର ହେଉଛି ଏକ ଔଷଧ ଯାହା ଆମ ରୋଷେଇ ଘରେ ସହଜରେ ଉପଲବ୍ଧ। ଏହା ଏମିତି ଏକ ଜଡିବୁଟି ଯାହାର ଅନେକ ଲାଭ ଅଛି, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଆମ ରୋଷେଇ ଘରେ ମସଲା ଭାବରେ ବ୍ୟବହୃତ ହେଉଥିବା ଏହି ପତ୍ର ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ହୋଇପାରେ। ସକାଳେ ତେଜପତ୍ରକୁ ସିଝାଇ ଏହାର ପାଣି ପିଇବା ଦ୍ୱାରା ଅନେକ ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଉପକାର ମିଳିପାରେ। ଏହା କେବଳ ପାରମ୍ପାରିକ ରେସିପି ନୁହେଁ, ବୈଜ୍ଞାନିକ ଅନୁସନ୍ଧାନ ଦ୍ୱାରା ସମର୍ଥିତ ଏକ ସ୍ୱାସ୍ଥ୍ୟ ବର୍ଦ୍ଧକ ପ୍ରକ୍ରିୟା ମଧ୍ୟ। ପାଣିରେ ଫୁଟାଯାଇଥିବା ତେଜପତ୍ର ପିଇବା ଦ୍ୱାରା ଓଜନ ହ୍ରାସ କରିବାରେ ଏହା ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଉପାଦାନଗୁଡ଼ିକ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ସକାଳେ ଏହି ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ। ଏହା ଆମ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ମଧ୍ୟ ସହାୟକ ହୋଇଥାଏ।

- ◆ତେଜପତ୍ରର ଜଳ ଓଜନ ହ୍ରାସ ପ୍ରକ୍ରିୟାରେ ସାହାଯ୍ୟ କରେ। ଏହା ଆମର ଭୋକକୁ ହ୍ରାସ କରିଥାଏ ଏବଂ ଶରୀରକୁ ଡିଟକ୍ସାଇଫ କରିବାରେ ସାହାଯ୍ୟ କରିଥାଏ।
- ◆ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଅଟେ ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ଆଣ୍ଟିଅକ୍ସିଡାଣ୍ଟଗୁଡିକ ମୁକ୍ତ ରେଡିକାଲ ନାମକ କ୍ଷତିକାରକ ପଦାର୍ଥ ସହିତ ଲଢେ ଯାହା ଅନେକ ରୋଗ ସୃଷ୍ଟି କରେ।
- ◆ତେଜପତ୍ର ଜଳରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଆମ କୋଷକୁ କ୍ଷତିରୁ ରକ୍ଷା କରିଥାଏ।
- ◆କୋଷ୍ଠକାଠିନ୍ୟ ଏବଂ ଅଦୃଶ୍ୟତା ଭଳି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ଶରୀରକୁ ଶକ୍ତି ଆଣେ ଏବଂ ଥକ୍କାପଣ ଦୂର କରେ।
- ◆ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରିବ। ଏହି ପତ୍ରରେ ପ୍ରଚୁର ପରିମାଣରେ ଭିଟାମିନ ସି ମିଳିଥାଏ। ଆମ ସ୍ୱାସ୍ଥ୍ୟ ପାଇଁ ଭିଟାମିନ ସି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଫୁସଫୁସ ଏବଂ ହୃଦରୋଗ ସହିତ ଲଢ଼ିବାରେ ମଧ୍ୟ ସକ୍ଷମ।

ମୁଣ୍ଡରେ ସାମାନ୍ୟ ଆଘାତ ସାଜିପାରେ ମୃତ୍ୟୁର କାରଣ, ସତର୍କତା ଜରୁରୀ

ମାନବ ଶରୀରର ମସ୍ତିଷ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ। ତେବେ ମୁଣ୍ଡରେ କୌଣସି ଛୋଟ ଆଘାତ ଲାଗିବା ଦ୍ୱାରା ମଧ୍ୟ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀ ଏବଂ ମସ୍ତିଷ୍କର ବଡ କ୍ଷତି ଘଟାଇବାର ସମ୍ଭାବନା ରହିଥାଏ। ବେଳେବେଳେ ଏହା ଅକ୍ଷମତା କରିଦେବା ସହିତ ମୃତ୍ୟୁ ହେବାର ସମ୍ଭାବନା ମଧ୍ୟ ଅଧିକ ରହିଥାଏ। ତେଣୁ ମୁଣ୍ଡରେ କୌଣସି ପ୍ରକାର ଆଘାତକୁ ଅଣଦେଖା କରିବା ଉଚିତ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ଯଦି କୌଣସି ପ୍ରକାର ଲକ୍ଷଣ, ଆଘାତ ଲାଗେ ତାହାଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇବା ଜରୁରୀ ଅଟେ। ତେବେ ପ୍ରତିବର୍ଷ ମାର୍ଚ୍ଚ ୨୦ରେ 'ବିଶ୍ୱ ମସ୍ତିଷ୍କ ଆଘାତ ସଚେତନତା ଦିବସ' ବା ୱାର୍ଲ୍ଡ ହେଡ୍ ଇଞ୍ଜୁରି ଆୱାରନେସ୍ ଡେ' ପାଳନ କରାଯାଏ। ମୁଣ୍ଡରେ ଆଘାତର ଗମ୍ଭୀରତାକୁ ଏଡାଇବା ପାଇଁ ସତର୍କତା କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ମୁଣ୍ଡରେ ଆଘାତ କାହିଁକି ବିପଜ୍ଜନକ ?: ମୁଣ୍ଡରେ ଆଘାତକୁ ବୟସ୍କଙ୍କଠାରେ ଅକ୍ଷମତା ଏବଂ ମୃତ୍ୟୁର ଏକ ସାଧାରଣ କାରଣ ଭାବରେ ବିବେଚନା କରାଯାଇଥାଏ। କେବଳ ଦୁର୍ଘଟଣା ଯୋଗୁଁ ମୁଣ୍ଡରେ ଆଘାତ ଲାଗିଥାଏ ତାହା ନୁହେଁ ବରଂ ଖେଳିବା, ଡେଇଁବା ସମୟରେ ମଧ୍ୟ ଲାଗିଥିବା ସାମାନ୍ୟ ଆଘାତ ଗୁରୁତର ସମସ୍ୟା ସୃଷ୍ଟି କରିପାରେ ଏବଂ କେତେକ କ୍ଷେତ୍ରରେ ମୃତ୍ୟୁର ମଧ୍ୟ କାରଣ ସାଜିଥାଏ। ଉତ୍ତରାଖଣ୍ଡର ଜଣେ ଅର୍ଥୋପେଡିକ୍ ବିଶେଷଜ୍ଞ ଡାକ୍ତର ହେମ ଯୋଶୀଙ୍କ କହିବା ଅନୁସାରେ, 'କୌଣସି କାରଣରୁ ମୁଣ୍ଡରେ ଆଘାତ ଲାଗିବା ପରେ ଯଦି ମୁଣ୍ଡରେ କ୍ଷତ ଚିହ୍ନ ଦେଖାଯାଏ, ଯନ୍ତ୍ରଣା ହୁଏ, ଆଖି ଫୁଲିଯିବା ଏବଂ ଆଖିପତା ବନ୍ଦ ହେବା, ନାକ କିମ୍ବା କାନରୁ ରକ୍ତସ୍ରାବ, ବେକରେ କଠିନତା, ଦେଖିବା ଏବଂ କହିବାରେ ଅସୁବିଧା ହୁଏ ତାହାଲେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ ନେବା ଆବଶ୍ୟକ। ଯଦି ପ୍ରାରମ୍ଭିକ ଲକ୍ଷଣକୁ ଅଣଦେଖା କରାଯାଏ ଏବଂ ସଠିକ ସମୟରେ ଚିକିତ୍ସା କରାନଯାଏ ତାହାଲେ ପରିଣାମ ଗମ୍ଭୀର ହେବାର ସମ୍ଭାବନା ରହିଛି।' ଦିବସ ପାଳନର ଉଦ୍ଦେଶ୍ୟ: ସରକାରୀ ଆକଳନ ଅନୁସାରେ, ସାରା ବିଶ୍ୱରେ ପ୍ରତି ୪ମିନିଟରେ ଜଣେ ମୁଣ୍ଡରେ ଆଘାତ ଲାଗି ମୃତ୍ୟୁବରଣ କରିଥାଆନ୍ତି। ଭାରତରେ ଏହା ୭ ମିନିଟ ରହିଛି। ଅର୍ଥାତ ପ୍ରତି ୭ ମିନିଟରେ ଜଣଙ୍କର ମୃତ୍ୟୁ ହୋଇଥାଏ। ବିଶ୍ୱରେ ପ୍ରାୟ ୫ ପ୍ରତିଶତରୁ ଅଧିକ ଲୋକ ଦୁର୍ଘଟଣାରେ ମୁଣ୍ଡରେ ଆଘତ ଯୋଗୁଁ ମୃତ୍ୟୁ ହୋଇଥାଏ। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୨ ମସିହାରେ ଭାରତରେ ମୋଟ ୪ ଲକ୍ଷ ୬୧ ହଜାରରୁ ଅଧିକ ସଡକ ଦୁର୍ଘଟଣା ଘଟିଥିଲା। ଯେଉଁଥିରେ ୧ ଲକ୍ଷ ୬୮ ହଜାର ଲୋକ ମୃତ୍ୟୁ ବରଣ କରିଥିଲେ। ସଡକ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମୁଣ୍ଡରେ ଆଘାତ ଲାଗିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ବିଷୟରେ ସଚେତନ କରାଇବା ବିଶ୍ୱ ମସ୍ତିଷ୍କ ଆଘାତ ସଚେତନତା ଦିବସର ମୂଳ ଉଦ୍ଦେଶ୍ୟ ଅଟେ। ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ସ୍କାଏକିଂ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଖେଳ ସମୟରେ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ। କିଭଳି ରହିବେ ସତର୍କ: ଯାନବାହାନ ଚଳାଇବା ସମୟରେ ସତର୍କତା ଅବଲମ୍ବନ, ହେଲମେଟ୍ ପିନ୍ଧିବା ଜରୁରୀ ଅଟେ। ନିୟନ୍ତ୍ରଣ ଗତିରେ ଗାଡ଼ି ଚଳାନ୍ତୁ। ଗାଡ଼ି ଚଳାଇବା ସମୟରେ ମଦ୍ୟପାନ କିମ୍ବା କୌଣସି ପ୍ରକାର ନିଶା ସେବନ କରନ୍ତୁ ନାହିଁ। ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତୁ ନାହିଁ। ଖେଳକୁଦ ସମୟରେ ବ୍ୟାପକ ସତର୍କତା ଅବଲମ୍ବନ କରନ୍ତୁ।

ପଏଣ୍ଟ ଟେବୁଲ ଶୀର୍ଷରେ ରାଜସ୍ଥାନ ରୟାଲ୍ସ

ମୁମ୍ବାଇ

ଚଳିତ ସଂସ୍କରଣରେ ରାଜସ୍ଥାନ ରୟାଲ୍ସର ବିଜୟ ପଥ ଆଗକୁ ବଢ଼ିଚାଲିଛି । ଅନ୍ୟପଟେ ଘରୋଇ ପଡ଼ିଆରେ ପରାଜୟରୁ ବର୍ତ୍ତିନାହିଁ ମୁମ୍ବଇ ଇଣ୍ଡିଆନ୍ସ । ଟ୍ରେଣ୍ଟ ବୋଲ୍ଟ ଓ ଯୁଜବେନ୍ଦ୍ର ଚହଲଙ୍କ ଘାତକ ବୋଲିଂ ପରେ ରିୟାନ ପରାଗଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଆଇପିଏଲରେ ୧୪ତମ ମ୍ୟାଚ୍‌ରେ ମୁମ୍ବାଇକୁ ୬ ୱିକେଟରେ ପରାସ୍ତ କରିଛି ରାଜସ୍ଥାନ ରୟାଲ୍ସ । ହ୍ୟାଟ୍ରିକ ବିଜୟ ସହ ରାଜସ୍ଥାନ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି । କ୍ରମାଗତ ୩ୟ ଥର ପରାଜିତ ହୋଇଛି ମୁମ୍ବାଇ । ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ ହରାଇ ୧୨୯ ରନ କରିଥିଲା । ଜବାବରେ ରିୟାନ ପରାଗଙ୍କ ଅପରାଜିତ ୫୪ରନ ବଳରେ ରାଜସ୍ଥାନ ରୟାଲ୍ସ ୪ ୱିକେଟ ହରାଇ ୧୫.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ରାଜସ୍ଥାନ ଚଳିତ ସିଜିନରେ ହ୍ୟାଟ୍ରିକ ବିଜୟ ହାସଲ କରିଥିବା ବେଳେ ମୁମ୍ବାଇ ହ୍ୟାଟ୍ରିକ୍ ପରାଜୟ ହୋଇଛି । ୬ ପଏଣ୍ଟ ସହ ରାଜସ୍ଥାନ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି । ମୁମ୍ବାଇ ଏପର୍ଯ୍ୟନ୍ତ ଖାତା ଖୋଲିନାହିଁ ।

ଅଧିନାୟକ ଦାୟିତ୍ୱକୁ ଫେରିପାରନ୍ତି ରୋହିତ ଶର୍ମା : ମନୋଜ ତିୱାରୀ

ମୁମ୍ବାଇ

ରୋହିତ ଶର୍ମାଙ୍କୁ ପୁଣିଥରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଦାୟିତ୍ୱ ଦିଆଯାଇପାରେ । ଏପରି କହିଛନ୍ତି ଭାରତର ପୂର୍ବତନ ବ୍ୟାଟ୍ସମ୍ୟାନ ମନୋଜ ତିୱାରୀ ଆଇପିଏଲ ଯାତ୍ରାରେ ସର୍ବାଧିକ ଟାଇଟଲ ହାସଲ କରିଥିବା ମୁମ୍ବାଇ ଚଳିତ ସିଜିନରେ ଲଗାତାର ତିନିଟି ମ୍ୟାଚ୍ ହାରିବା ପରେ ଏପରି କହିଛନ୍ତି ତିୱାରୀ ।

ସେ କହିଛନ୍ତି, ରୋହିତ ଶର୍ମାଙ୍କୁ ପୁନର୍ବାର ଅଧିନାୟକତ୍ୱ ଦାୟିତ୍ୱ ଦିଆଯାଇପାରେ । ମୋତେ ଲାଗୁଛି ଏପରି କରିବାରେ ମୁମ୍ବାଇ ମ୍ୟାନେଜମେଣ୍ଟ ଦ୍ୱିଧା କରିବନି । ରୋହିତ ଶର୍ମା ପାଞ୍ଚଥର ଟ୍ରଫି ଜିତିବା ପରେ ମଧ୍ୟ ସେମାନେ ତାଙ୍କଠାରୁ ଅଧିନାୟକତ୍ୱ ଦାୟିତ୍ୱ ନେଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେଇଛନ୍ତି । ଅଧିନାୟକ ପରିବର୍ତ୍ତନ କରିବା ଏକ ବଡ଼ ଆହ୍ୱାନ ।

ସେ ଆହୁରି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦଳ ଗୋଟିଏ ପଏଣ୍ଟ ବି ହାସଲ କରିପାରିନାହିଁ । କ୍ୟାପ୍ଟେନ୍ସି ଭଲ ଥିଲା, ଦୁର୍ଭାଗ୍ୟବଶତଃ ଏପରି ହେଲା ବୋଲି କହିପାରିବାନି । ବାସ୍ତବରେ ଠିକ୍ ଭାବରେ ଅଧିନାୟକତ୍ୱ ହୋଇନାହିଁ ବୋଲି ତିୱାରୀ କହିଛନ୍ତି । ୨୦୨୨ରେ ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ି ଗୁଜରାଟ ଟାଇଟନ୍ସ କ୍ୟାପ୍ଟେନ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଚଳିତ ସଂସ୍କରଣରେ ଦଳକୁ କ୍ୟାପ୍ଟେନ ଭାବେ ଫେରିଛନ୍ତି । ସେ ରୋହିତଙ୍କ ପରିବର୍ତ୍ତେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକତ୍ୱ ଦାୟିତ୍ୱ ତୁଲାଉଛନ୍ତି । କିନ୍ତୁ ତାଙ୍କ ଅଧିନାୟକତ୍ୱରେ ଦଳର ସ୍ଥିତି ଦୁର୍ବଳ ରହିଛି । ମୁମ୍ବାଇ ପ୍ରଥମ ମ୍ୟାଚ୍ ଗୁଜରାଟ ଏବଂ ଦ୍ୱିତୀୟଟି ହାଇଦ୍ରାବାଦଠାରୁ ହାରିଥିଲା ।

ସୋମବାର ଘରୋଇ ମାଟି ୱାଙ୍ଖେଡରେ ରାଜସ୍ଥାନ ବିପକ୍ଷରେ ମ୍ୟାଚ୍ ଥିଲା, ଏଥିରେ ମଧ ମୁମ୍ବାଇ ଅତି ଶୋଚନୀୟ ଭାବେ ପରାଜିତ ହୋଇଥିଲା । ମୁମ୍ବାଇର ଏପରି ବପର୍ଯ୍ୟୟ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱକୁ ନେଇ ସମାଲୋଚନା କରାଯାଉଛି । ତେବେ ଆଗକୁ ଟିମ୍ ମ୍ୟାନେଜମେଣ୍ଟ ଏନେଇ କି ପଦକ୍ଷେପ ନେଉଛି ତା' ଉପରେ ନଜର ରହିଛି ।

ଆଇପିଏଲ୍‌ରେ ୨ଟି ମ୍ୟାଚ୍‌ର ତାରିଖ ବଦଳିଲା



ନୂଆଦିଲ୍ଲୀ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ ମ୍ୟାଚ୍ ତାଲିକାରେ ପରିବର୍ତ୍ତନ ହେବ । ଟୁର୍ଣ୍ଣାମେଣ୍ଟର ୨ଟି ମ୍ୟାଚ୍ ଘୁଞ୍ଚିବା ନେଇ ବିସିସିଆଇ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି । କୋଲକାତା ପୋଲିସଠାରୁ ଏକ ଚିଠି ପାଇବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି ।

ଇଡେନ୍ ଗାର୍ଡେନ୍ସରେ ଏପ୍ରିଲ ୧୭ ତାରିଖରେ କୋଲକାତା ନାଇଟ୍ ରାଇଡର୍ସ(କେକେଆର୍) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବାର ଥିଲା । ତେବେ ସମାନ ଦିନରେ ରାମ ନବମୀ ପଡୁଥିବାରୁ ମ୍ୟାଚ୍‌କୁ ଗୋଟିଏ ଦିନ ପୂର୍ବରୁ ଆୟୋଜନ କରିବାକୁ ବୋର୍ଡ ନିଷ୍ପତ୍ତି ନେଇଛି । ସେହିପରି ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଏପ୍ରିଲ ୧୬ରେ ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ଗୋଟିଏ ଦିନ ଆଗକୁ ଘୁଞ୍ଚାଇ ଦିଆଯାଇଛି ।

ରାମନବମୀ ଓ ନିର୍ବାଚନ ରହିଥିବାରୁ ଆଇପିଏଲ ମ୍ୟାଚ୍ ପାଇଁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ନେଇ କୋଲକାତା ପୋଲିସ ଅକ୍ଷମତା ପ୍ରକାଶ କରିଥିଲା । କ୍ରିକେଟ ଆସୋସିଏସନ ଅଫ୍ ବେଙ୍ଗଲର ସଭାପତି ସ୍ନେହାଶିଷ ଗାଙ୍ଗୁଲି ପତ୍ର ଲେଖି ଅନୁରୋଧ କରିବା ପରେ ମ୍ୟାଚ୍ ଗୋଟିଏ ଦିନ ପଛକୁ କରି ଦିଆଯାଇଛି ।

ଗାଏକ୍ୱାଡ଼ଙ୍କୁ ଧୋନୀଙ୍କ ଅଧିନାୟକତ୍ୱ ହସ୍ତାନ୍ତର ନେଇ ମୁହଁ ଖୋଲିଲେ ରବି ଶାସ୍ତ୍ରୀ

ନୂଆଦିଲ୍ଲୀ

ଚଳିତ ବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ ୨୦୨୪)ର ଦିନକ ପୂର୍ବରୁ ମହେନ୍ଦ୍ର ସିଂହ ଧୋନୀ ଚେନ୍ନାଇ ସୁପରକିଙ୍ଗ୍ସ(ସିଏସକେ)ର ଅଧିନାୟକତ୍ୱ ଛାଡି ଋତୁରାଜ ଗାଏକ୍ୱାଡ଼ଙ୍କୁ ପଦ ହସ୍ତାନ୍ତର କରିଥିଲେ, ଯାହା ପ୍ରଶଂସକଙ୍କୁ ବଡ଼ ଝଟ୍‌କା ଦେଇଥିଲା । ଏହି ଘୋଷଣା ସହିତ ଧୋନୀଙ୍କ ଚେନ୍ନାଇ ଅଧିନାୟକତ୍ୱର ସ୍ୱର୍ଣ୍ଣିମ ଅଧ୍ୟାୟ ସମାପ୍ତ ହୋଇଗଲା । ତାଙ୍କ ଅଧିନାୟକତ୍ୱରେ ଧୋନୀ ସିଏସ୍‌କେକୁ ପାଞ୍ଚଥର ଟାଇଟଲ ଜିତାଇଛନ୍ତି । ତଥାପି ଏହି ପରିବର୍ତ୍ତନ ସକରାତ୍ମକ ହୋଇଛି । ଚେନ୍ନାଇ ଏହାର ଦୁଇଟି ପ୍ରାରମ୍ଭିକ ମ୍ୟାଚ୍ ଜିତିଛି, ଯଦ୍ୱାରା ସମସ୍ତେ ଋତୁରାଜ ଗାଏକ୍ୱାଡ଼ଙ୍କ ଅଧିନାୟକତ୍ୱକୁ ପ୍ରଶଂସା କରିଛନ୍ତି । ଏବେ ପୂର୍ବତନ କୋଚ ରବି ଶାସ୍ତ୍ରୀ ଏ ସମସ୍ତ ଘଟଣା ଉପରେ ନିଜର ମତ ରଖିଛନ୍ତି ।

ଷ୍ଟାର ସ୍ପୋର୍ଟସ୍‌ରେ କମେଣ୍ଟ୍ରି ସମୟରେ ଶାସ୍ତ୍ରୀ କହିଛନ୍ତି, ଏଥିରୁ ଜଣାପଡୁଛି ଯେ ଧୋନୀଙ୍କ ଏହି ନିଷ୍ପତ୍ତି ତାଙ୍କ ଫିଟନେସ ଏବଂ ସମଗ୍ର ସିଜନ୍ ପାଇଁ ତାଙ୍କ ଶରୀର କ'ଣ ଆବଶ୍ୟକ କରୁଛି ତା ଉପରେ ନିର୍ଭର କରୁଛି । ସେ କହିଛନ୍ତି, ଏହା ଧୋନୀଙ୍କ ଶେଷ ସିଜନ୍ । ଏହା ସଂପୂର୍ଣ୍ଣ ସ୍ପଷ୍ଟ । ତେବେ ତାଙ୍କ ଶରୀର ସମଗ୍ର ସିଜନ୍‌ରେ କିପରି ତାଳମେଳ ରକ୍ଷା କରୁଛି ବର୍ତ୍ତମାନ ତା ଉପରେ ସବୁକିଛି ନିର୍ଭର କରୁଛି । ଧୋନୀ ପୂରା ସିଜନ୍‌ରେ ଖେଳିବେ କି ନାହିଁ ତାହା କେବଳ ସମୟ କହିବ ।

ସେହିପରି ଧୋନୀ ଗାଏକ୍ୱାଡ଼ଙ୍କୁ ଦେଇଥିବା ସ୍ୱାଧୀନତା ବିଷୟରେ ଶାସ୍ତ୍ରୀ କହିଛନ୍ତି ଯେ, ଯେତେବେଳେ ଆବଶ୍ୟକ ପଡ଼େ ଧୋନୀ ହସ୍ତକ୍ଷେପ କରନ୍ତି, କିନ୍ତୁ ଧୋନୀ ଯାହା କହିଛନ୍ତି ତାହା କରିଛନ୍ତି । ଧୋନୀ କହିଛନ୍ତି ଯେ ମୁଁ ପଛରୁ ଦେଖୁଛି ଯଦି ସେ କୌଣସି ପ୍ରକାରର ସାହାଯ୍ୟ ଆବଶ୍ୟକ କରନ୍ତି, ମୁଁ ତାଙ୍କ ପାଇଁ ଉପଲବ୍ଧ । ଯେତେବେଳେ ଜାଡ଼େଜା ଅଧିନାୟକ ଥିଲେ, ସେତେବେଳେ ଧୋନୀ ମଧ ସମାନ କାର୍ଯ୍ୟ କରିଥିଲେ । ସେତେବେଳେ ବି ଧୋନୀ ନିଜକୁ ପଛରେ ରଖିଥିଲେ ଏବଂ ବିରତି ସମୟରେ ଅଳ୍ପ ବହୁତ ହସ୍ତକ୍ଷେପ କରିଥିଲେ ।

ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ରୋଶନଙ୍କ ଅର୍ଦ୍ଧ ଶତକ ବଳରେ ଟିମ୍-ଏ ବିଜୟୀ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ସ୍ଥାନୀୟ ମଧୁବନ ମିନି ଷ୍ଟାଡ଼ିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିନର ମ୍ୟାଚ୍‌ରେ ଟିମ୍-ଏ ଟିମ୍-ସିକୁ ୩୫ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଟିମ୍-ଏ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ରୋଶନ ଚୌଧୁରୀ ସର୍ବାଧିକ ୫୫ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଭିଷେକ ଶର୍ମା ଓ ସୁରାଇ ହେମ୍ବ୍ରମ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଟିମ୍-ସି ୧୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିପାରିଥିଲେ । ଆଦିତ୍ୟ ଦାସ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । କାଶୀନାଥ ରଣା, ମୋହନା ବେହେରା, ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ଜାତୀୟ ଉପକନିଷ୍ଠ ଉଷୁ

ଓଡ଼ିଶାକୁ ୧୩ ପଦକ, ରାମଙ୍କୁ ସ୍ୱର୍ଣ୍ଣ, ସବିତାଙ୍କୁ ରୌପ୍ୟ

ଭୁବନେଶ୍ୱର

ଜମ୍ମୁ କଶ୍ମୀରରେ ଶେଷ ହୋଇଥିବା ୨୩ତମ ଜାତୀୟ ଉପକନିଷ୍ଠ ଉଷୁ ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ୍ ୧୩ ପଦକ ମିଳିଛି । ରାମ ମୁଣ୍ଡା ସାଣ୍ଡା ବିଭାଗର ୨୪ କିଲୋଗ୍ରାମ ବର୍ଗରେ ଏକମାତ୍ର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସବିତା ମୁଣ୍ଡା ଏକମାତ୍ର ରୌପ୍ୟ ପଦକ ୫୨ କିଲୋଗ୍ରାମରୁ ଅର୍ଜନ କରିଥିଲେ । ରମେଶ ମୁଣ୍ଡା, ରଶ୍ମିତା ମୁଣ୍ଡା, ସାବିନି ମୁଣ୍ଡା, ଶିବାନୀ ମୁଣ୍ଡା, ଲାବଣ୍ୟ ପତି, ଅକ୍ଷିତା ତ୍ରିପାଠୀ, ଆହାନା ମହାପାତ୍ର, ପ୍ରିୟବ୍ରତ ପରିଡ଼ା, ଭୌମିକ ଭରଦ୍ୱାଜ, ସାଧନା ମାଝୀ, ବଂଶିକା ପତି ନିଜ ନିଜ ବର୍ଗରେ କାଂସ୍ୟ ପଦକ ଜିତିଥିଲେ । ୩୦ ଜଣ ଖେଳାଳିଙ୍କୁ ନେଇ ଏକ ୩୯ ଜଣିଆ ଓଡ଼ିଶା ଦଳ ଗସ୍ତ କରିଥିଲା । ପଙ୍କଜ ମହାନ୍ତ ଓ ନବୀନ ସିଂହ ପ୍ରଶିକ୍ଷକ ଭାବେ, ଯୁଧିଷ୍ଠିର ଗୁରୁହାଣ୍ଡି, କ୍ରିଷ୍ଣା ସାହୁ ପ୍ରବନ୍ଧକ ଭାବେ ଜମ୍ମୁ ଗସ୍ତ କରିଥିଲେ । ପ୍ରଦ୍ୟୁମ୍ନ ବେହେରା ପ୍ରତିଯୋଗିତାର ମୁଖ୍ୟ ବିଚାରକ ଥିଲେ । ଖେଳାଳିମାନଙ୍କୁ ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ଏସ୍‌ଏସ୍ ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ସମ୍ପାଦକ ଯୁବରାଜ ହରିଚନ୍ଦନ ଅଭିନନ୍ଦନ ଜଣାଇଛନ୍ତି ।

ମୁମ୍ବାଇର ହ୍ୟାଟ୍ରିକ୍ ପରାଜୟ ପାଇଁ ନିଜକୁ ଦାୟୀ କଲେ ହାର୍ଦ୍ଦିକ ପାଣ୍ଡ୍ୟା

ମୁମ୍ବାଇ

ମୁମ୍ବାଇ ଇଣ୍ଡିଆନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଆଇପିଏଲ ୨୦୨୪ର କ୍ରମାଗତ ତୃତୀୟ ପରାଜୟର ସମ୍ମୁଖୀନ ହୋଇଛି । ରାଜସ୍ଥାନ ରୟାଲ୍ସ ବିପକ୍ଷ ତୃତୀୟ ମ୍ୟାଚ୍ ନିଜ ଘରୋଇ ୱାଙ୍ଖେଡେ ଷ୍ଟାଡିୟମରେ ୬ ଉଇକେଟରେ ହାରିଥିଲା । ଅଦ୍ୟାବଧି ହାର୍ଦ୍ଦିକଙ୍କ ଅଧିନାୟକତ୍ୱ ମୁମ୍ବାଇ ପାଇଁ ଏକ ବିଫଳତା ବୋଲି ପ୍ରମାଣିତ ହୋଇଛି । ହାର୍ଦ୍ଦିକ ଅଧିନାୟକ ହେବା ପୂର୍ବରୁ ପ୍ରଶଂସକମାନେ କ୍ରୋଧିତ ହୋଇଥିଲେ ଏବଂ ଦଳର ଖରାପ ପ୍ରଦର୍ଶନ ସେମାନଙ୍କୁ ଆଉରି ଅଧିକ କ୍ରୋଧିତ କରିଛି । ତେବେ ପରାଜୟର ହ୍ୟାଟ୍ରିକ ସ୍କୋର କରିବା ପରେ ମୁମ୍ବାଇ ଅଧିନାୟକ ନିଜକୁ ଦାୟୀ କରିଛନ୍ତି । ମ୍ୟାଚ୍ ପରେ ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି, ଏହା ଏକ କଷ୍ଟଦାୟକ ରାତି, ଆମେ ଚାହୁଁଥିବା ଆରମ୍ଭ ପାଇଲୁ ନାହିଁ । ୧୫୦-୧୬୦ କରିବା ପାଇଁ ଆମେ ଭଲ ସ୍ଥିତିରେ ଥିଲୁ, କିନ୍ତୁ ମୋର ଉଇକେଟ ଯୋଗୁ ମ୍ୟାଚ୍ ହରାଇବାକୁ ପଡିଥିଲା । ମୋତେ ଆହୁରି ଅନେକ କିଛି କରିବାକୁ ଥିଲା । ଆମେ ଏପରି ଉଇକେଟ ଆଶା କରି ନ ଥିଲୁ । ଏକ ଦଳ ଭାବରେ ଆମେ ନିଶ୍ଚିତ ଯେ ଆମେ ବହୁତ ଭଲ କରିପାରିବା, କିନ୍ତୁ ଆମକୁ ଆହୁରି ଭଲ କରିବା ଆବଶ୍ୟକ । ଶୃଙ୍ଖଳିତ ହୁଅ ଆଗକୁ ସାହସ ଦେଖାଇବାକୁ ପଡିବ ।

ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ମୁମ୍ବାଇ ଦଳ ୨୦ ଓଭରରେ ବୋର୍ଡରେ ୯ ଉଇକେଟ ହରାଇ ମାତ୍ର ୧୨୫ ରନ ସ୍କୋର କରିପାରଥିଲା । ଦଳରେ କେବଳ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ତିଲକ ବର୍ମା ୩୦ ରନ ମାର୍କ ଅତିକ୍ରମ କରିଥିଲେ । ରାଜସ୍ଥାନ ରୟାଲ୍ସ ୧୫.୩ ଓଭରରେ ୪ ଉଇକେଟ ହରାଇ ଜିତିଥିଲା ।

ଆଗାମୀ ମ୍ୟାଚ୍ ଖେଳି ନ ପାରନ୍ତି ଧୋନୀ

ନୂଆଦିଲ୍ଲୀ

ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ସନରାଇଜର୍ସ ଖେଳିବ । ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଉଭୟ ଦଳ ମୁହାଁମୁହିଁ ହେବେ । କିନ୍ତୁ ମହେନ୍ଦ୍ର ସିଂ ଧୋନୀ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳିବେ ନାହିଁ । ଦିଲ୍ଲୀ କ୍ୟାପିଟାଲ୍ ବିପକ୍ଷ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀ ପଡ଼ିଆରୁ ଯାଉଥିବାବେଳେ ଗୋଡ଼ରେ ପଟି ବାନ୍ଧିଥିବାର ନଜର ଆସିଥିଲେ । କ୍ୟାପଟେନ କୁଲ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଏକାଦଶ ଖେଳରୁ ବାଦ୍ ପଡ଼ିପାରନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀ ଏକ ଚମତ୍କାର ଇନିଂସ ଖେଳିଥିଲେ । କ୍ୟାପଟେନ କୁଲ ୧୬ଟି ବଲରେ ୩୭ ରନ ସ୍କୋର କରିଥିଲେ । ସେ ତାଙ୍କ ଇନିଂସରେ ୪ ଚୌକା ଓ ୩ ଛକା ମାରିଥିଲେ, କିନ୍ତୁ ଦଳକୁ ବିଜୟ ଆଡ଼କୁ ନେଇପାରି ନ ଥିଲେ । ତେବେ ଏହି ମ୍ୟାଚ୍ ପରେ ମହେନ୍ଦ୍ର ସିଂ ଧୋନୀ ଯେଉଁଭଳି ଭାବରେ ପଡ଼ିଆରୁ ବାହାରି ଯାଇଥିଲେ ତାହା ପ୍ରଶଂସକଙ୍କ ପାଇଁ ଖୁସି ଖବର ନୁହେଁ । ଯଦି କ୍ୟାପଟେନ କୁଲ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଏକାଦଶ ଖେଳରୁ ଦୂରେଇ ଯାଆନ୍ତି ତେବେ ଡିଫେଣ୍ଡିଂ ଚାମ୍ପିଅନ ପାଇଁ ଏହା ଏକ ବଡ଼ ଝଟ୍‌କା ହେବ । ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପରାଜୟ ପରେ ଚେନ୍ନାଇ ସୁପର କିଙ୍ଗ୍ସ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି । ଚେନ୍ନାଇ ସୁପର କିଙ୍ଗ୍ସ ୩ ମ୍ୟାଚ୍‌ରେ ୨ଟି ଜିତିଥିବାବେଳେ ଗୋଟିଏ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଛି ।

ଦିଲ୍ଲୀପ ପଣ୍ଡା ମେମୋରିଆଲ କ୍ରିକେଟ୍ ଲିଗ୍

ଟାଉନ୍ କ୍ଲବ୍ ୨୬ ରନରେ ବିଜୟୀ

ଭୁବନେଶ୍ୱର

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ନହରକଣ୍ଟା ଖେଳ ପଡ଼ିଆରେ ଚାଲିଥିବା ଦିଲ୍ଲୀପ ପଣ୍ଡା ମେମୋରିଆଲ ୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍ ମ୍ୟାଚ୍‌ରେ ଟାଉନ୍ କ୍ଲବ ବିଜୟୀ ହୋଇଛି । ଲୋ ସ୍କୋରିଂ ମ୍ୟାଚ୍‌ରେ ଟାଉନ୍ କ୍ଲବ ୨୬ ରନରେ କେନ୍ଦୁଝରର ବଡ଼ବିଲ୍ ଟାଇଗର୍ସକୁ ପରାସ୍ତ କରିଛି । ଟସ୍ ଜିତି ବ୍ୟାଟିଂ କରିଥିବା ଟାଉନ କ୍ଲବ ଦଳ ୨୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୫ ରନ କରିଥିଲା । ସୁମିତ ମହାପାତ୍ର ସର୍ବାଧିକ ୨୯ ଓ ସ୍ୱସ୍ତି ନନ୍ଦ ୨୨ ରନ କରିଥିଲେ । ବିପକ୍ଷ ଦଳର ସରଓ୍ୱନ ସାହୁ ଓ ଆୟୁଷ ସେଠୀ ୩ଟି ଲେଖାଏଁ, ରାଜ ଚୌଧୁରୀ ଓ ରାହୁଲ ଦେବ ନାୟକ ୨ଟି ଲେଖାଏଁ ଉଇକେଟ ନେଇଥିଲେ ।

୧୧୬ ରନ ବିଜୟ ଲକ୍ଷ୍ୟ ନେଇ ବଡ଼ବିଲ୍ ଟାଇଗର୍ସ ୨୬.୨ ଓଭରରେ ୮୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଆଶୁତୋଷ କୁମାର ନାୟକ ସର୍ବାଧିକ ୧୮ ରନ କରିଥିଲେ । ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ପ୍ରଜ୍ୟୋତ ସାମଲ ୩ଟି, ପ୍ରିୟାଂଶୁ ଦାସ ୨ଟି ଏବଂ ଶ୍ଳୋକ ସଂକଳ୍ପ, ଆୟୁଷ କୁମାର ସାହୁ, ଆୟୁଷ ଅମ୍ଳାନ ଓ ଓଁକାର ଶୁଭ ସଙ୍କେତ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ । ପ୍ରଜ୍ୟୋତ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ମ୍ୟାଚ୍‌କୁ ଶାଶ୍ୱତି ଶତପଥୀ ଓ ସନ୍ତୋଷ ପଟ୍ଟନାୟକ ପରିଚାଳନା କରିଥିଲେ । ମାନସ ରଞ୍ଜନ ମହାନ୍ତି, ବ୍ରହ୍ମାନନ୍ଦ ପଣ୍ଡା, ପୂର୍ବତନ ଖେଳାଳି ରଞ୍ଜନ ନାୟକ ଏବଂ ଗିରିଶ ଚନ୍ଦ୍ର ହୋତା ଅତିଥି ଭାବେ ଯୋଗ ଦେଇଥିଲେ ।

ଆଘାତ କାରଣରୁ ଅବଶିଷ୍ଟ ଆଇପିଏଲରୁ ବାଦ୍ ପଡ଼ିଲେ ୱାନିନ୍ଦୁ ହାସରାଙ୍ଗା

ନୂଆଦିଲ୍ଲୀ

ସନରାଇଜର୍ସ ହାଇଦ୍ରାବାଦର ସ୍ପିନର ୱାନିନ୍ଦୁ ହାସରାଙ୍ଗା ଚଳିତ ସିଜିନର ଅବଶିଷ୍ଟ ମ୍ୟାଚ୍ ଆଉ ଖେଳିବେ ନାହିଁ । ସନରାଇଜର୍ସ ହାଇଦ୍ରାବାଦ ପାଇଁ ଏହା ଏକ ବଡ଼ ଝଟକା ବୋଲି ବିବେଚନା କରାଯାଇପାରେ, କାରଣ ହାସରାଙ୍ଗା ତାଙ୍କ ମ୍ୟାଜିକାଲ ସ୍ପିନ ଏବଂ ବିସ୍ଫୋରକ ବ୍ୟାଟିଂ ସହିତ ଏକୁଟିଆ ଦଳକୁ ଅନେକ ମ୍ୟାଚ ଜିତାଇ ପାରିଥାନ୍ତେ । ତେବେ ବର୍ତ୍ତମାନ ସେ ପୂରା ସିଜିନରୁ ବାଦ୍ ପଡିଛନ୍ତି । କାରଣ ବାମ ଗୋଇଠିରେ ଆଘାତ ହେତୁ ୱାନିନ୍ଦୁ ହାସରାଙ୍ଗା ଆଇପିଏଲର ଏହି ସିଜିନର ଅବଶିଷ୍ଟ ମ୍ୟାଚ ଆଉ ଖେଳିବେ ନାହିଁ । ଧୀର ପିଚରେ ହାସାରଙ୍ଗା ବହୁତ ପ୍ରଭାବଶାଳୀ ହୋଇଥିବାବେଳେ ଏହି ଖବର ସାମ୍ନାକୁ ଆସିବା ପରେ ଏବେ ଏସଆରଏଚ ପ୍ରଶଂସକମାନେ ଚିନ୍ତାରେ ପଡିଯାଇଛନ୍ତି । ବାସ୍ତବରେ, ୨୦୨୪ ଟି-୨୦ ବିଶ୍ୱକପ, ଆଇପିଏଲ ୨୦୨୪ ପରେ ଖେଳାଯିବ । ଏହାକୁ ଦୃଷ୍ଟିରେ ରଖି ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏହି ନିଷ୍ପତ୍ତି ନେଇଛି ।

ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ-୨୦୨୪ ପାଳିତ

ବାଲେଶ୍ୱର, ନ୍ୟୁଜ୍

ପ୍ରତିବର୍ଷ ଭଳି ବାଲେଶ୍ୱର ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଓଡ଼ିଶା ଦିବସ ପାଳନ ଅବସରରେ ଜିଲ୍ଲାପାଳ ଆଶୀଷ ଠାକ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ଓ ଅତିରିକ୍ତ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଉପସ୍ଥିତ ରହି ବାଲେଶ୍ୱର ସହରସ୍ଥିତ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସଭାବନା ସଭାଗୃହଠାରେ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦେଶ୍ୟରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ସଭା ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ପାଇଁ ସଂଗ୍ରାମ କରିଥିବା ମହାପୁରୁଷଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ସେମାନଙ୍କ ଅବଦାନକୁ ସ୍ମରଣ କରି କୃତଜ୍ଞତାର ଶ୍ରଦ୍ଧାଞ୍ଜଳି ଦେବାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହା ପରେ ମଞ୍ଚାସୀନ ଅତିଥିମାନେ ଦୀର୍ଘ ୮୮ ବର୍ଷ ତଳେ ସ୍ୱାଧୀନ ପୂର୍ବ ଭାରତ ବର୍ଷରେ ଭାଷା ଭିତ୍ତିକ ଏକ ରାଜ୍ୟ ଗଠନ ତଥା ଗୋଟିଏ ପଟେ ଦେଶର ସ୍ୱାଧୀନତା ଲାଗି ଲଢ଼େଇ ଓ ତାରି ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ରକ୍ଷା ସହ ନିଜ ଭାଷାର ସୁରକ୍ଷା ପାଇଁ ହୋଇଥିବା ବଡ଼ ସଂଗ୍ରାମରେ ଆମ ମହାନ ବରପୁତ୍ରମାନେ କିଭଳି ସଂଘର୍ଷ କରି ଆମକୁ ଏହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡ଼ିଶା ରାଜ୍ୟ ଉପହାର ଦେଇଥିଲେ । ସେ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ପଡ଼ିଆରେ ବେହୋସ୍ ହେଲେ ଫ୍ରିଡ଼ା ମାନମ୍

ଓଲଭରହାମ୍ପଟନ୍,

ଇଂଲିଶ ଲିଗ୍ କପ୍ ଫାଇନାଲ ମ୍ୟାଚ୍‌ରେ ଆର୍ସେନଲ ମହିଳା ଦଳର ମିଡ୍‌ଫିଲ୍ଡର ଫ୍ରିଡା ମାନମ୍ ବେହୋସ ହୋଇଯାଇଥିଲେ । ମୋଲିନକ୍ସ ଷ୍ଟାଡିୟମରେ ଖେଳା ଯାଇଥିବା ଫାଇନାଲ ମ୍ୟାଚ୍‌କୁ ଆର୍ସେନଲ ୧-୦ରେ ବିଜୟୀ ହୋଇଥିବା ବେଳେ ଫ୍ରିଡା ମ୍ୟାଚ୍ ସମୟରେ ପଡିଆରେ ବେହୋସ୍ ହୋଇ ଯାଇଥିଲେ । ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା । ୫ ମିନିଟର ଇଞ୍ଜୁରୀ ଟାଇମ୍ ପରେ ମଧ୍ୟ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା । ତେବେ ହଠାତ୍ ଫ୍ରିଡା ବେହୋସ ହେବା ପରେ ତାଙ୍କୁ ପଡ଼ିଆ ମଧ୍ୟରେ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା । ନରୱେ ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ଫ୍ରିଡା ଚେତା ହରାଇ ପଡିଯାଇଥିବା ବେଳେ ଆର୍ସେନଲର କେଟି ମ୍ୟାକବେ ଓ ଚେଲ୍‌ସିର ନିଆମ୍ ଚାଲରସ ତାଙ୍କ ନିକଟରେ ପହଞ୍ଚିଥିଲେ । ଅତିରିକ୍ତ ସମୟରେ ମାନମଙ୍କ ସ୍ଥାନରେ ଆଲେସିଆ ରୁସୋ ବଦଳ ଖେଳାଳି ଭାବରେ ଆସିଥିଲେ । ୭ ମିନିଟ ଧରି ମ୍ୟାଚ୍ ବନ୍ଦ ରହିବା ପରେ ପୁନର୍ବାର ଆରମ୍ଭ କରାଯାଇଥିଲା । ୧୧୬ତମ ମିନିଟରେ ଷ୍ଟିନା ବ୍ଲାକଷ୍ଟେନିୟସଙ୍କ ଏକମାତ୍ର ଗୋଲ ବଳରେ ଏହି ମ୍ୟାଚକୁ ଜିତି ନେଇଥିଲେ ।

ପ୍ରତି ଓଡ଼ିଆ ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଗର୍ବ କରନ୍ତୁ

କେନ୍ଦୁଝର, ନ୍ୟୁଜ୍

୮୯ତମ ଓଡ଼ିଶା ଦିବସ ସମାରୋହ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ଣରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଅତିଥିମାନେ ଓଡ଼ିଆ ଭାବେ ଗର୍ବ କରିବା ସହ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଜଣାଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଅତିଥି ଭାବେ ଯୋଗଦେଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଉଦ୍‌ବୋଧନ ଦେଇ ଓଡ଼ିଆ ଜାତିର ସ୍ୱାଭିମାନକୁ ସର୍ବଦା ବଜାୟ ରଖିବା ନିମନ୍ତେ ଉପସ୍ଥିତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତ୍ୟାଗ ଓ ବଳିଦାନ ଦେଇଥିବା ଉତ୍କଳର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ । ଭାଷଣପ୍ରସଙ୍ଗରେ ଉତ୍କଳର ପୂର୍ବ ଗୌରବ, ପୂର୍ବ ମହିମାକୁ ମନେ ପକାଇ ନିଜ ମାଆକୁ, ମାଟିକୁ ଓ ଜାତିକୁ ଭଲ ପାଇଲେ ଓଡ଼ିଶାର ଓ ଓଡ଼ିଆମାନଙ୍କର ମର୍ଯ୍ୟାଦା ବିଶ୍ୱ ଦରବାରରେ ବୃଦ୍ଧି ପାଇବ ବୋଲି କହିଥିଲେ । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆର୍ଯ୍ୟେ ନିଜ ଅଭିଭାଷଣରେ ଓଡ଼ିଶାର ପ୍ରାଚୀନ କଳା ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ମନେ ପକାଇ ଭବିଷ୍ୟତରେ କିପରି ଏହାକୁ ଅଧିକ ରଚ୍ଛିମନ୍ତ କରିବା ସେଥିପାଇଁ ଚିନ୍ତା କରିବା ଦରକାର ବୋଲି କହିଥିଲେ । ଭାଷଣପ୍ରସଙ୍ଗରେ ସେ କହିଥିଲେ ଯେ ଓଡ଼ିଶାରେ ସାଂସ୍କୃତିକ ବିବିଧତା ରହିଥିଲେ ମଧ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ହୋଇପାରିଛି, ଯାହାକି ଓଡ଼ିଶାର ଭୂଷଣ ସଂସ୍କୃତି ଗୋଟିଏ ଜାତିର ଆଧାର ଓ ସମାଜର ଭିତିଭୂମି ସଂସ୍କୃତି ଓ ଭାଷା ସମୃଦ୍ଧ ହେଲେ ରାଜ୍ୟ ସମୃଦ୍ଧ ହେବ । ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲ୍ଲୀପ କୁମାର ନାୟକ, ଉପ-ଜିଲ୍ଲାପାଳ ତ୍ରିଲୋଚନ ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଏବଂ ଜିଲ୍ଲାର ଅନ୍ୟ ପଦାଧିକାରୀ ଉପସ୍ଥିତ ରହିଥିଲେ । ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ରାୟ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଚାଳନା କରିବା ଓ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ସକାଳେ ସହରରେ ଅବସ୍ଥାପିତ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଓଡ଼ିଶା ଦିବସ ପାଳନ ଅବସରରେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଂଗୀତ ପ୍ରସାରଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ନିର୍ବାଚନ ଆଦର୍ଶ ଆଚରଣ ବିଧି ଅନୁଯାୟୀ ସଂପାଦିତ ହୋଇଥିଲା ।

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୦୩ ଅପ୍ରେଲ ୨୦୨୪ ବୁଧବାର

ଧାନ ବସ୍ତା ଭିତରୁ ୭୭୦ କେଜି ଗଞ୍ଜେଇ ଜବତ

ବୌଦ୍ଧ, ନ୍ୟୁଜ ବ୍ୟୁରୋ

ବୌଦ୍ଧ ପୋଲିସକୁ ବଡ ସଫଳତା । ରାଜ୍ୟବାହାରକୁ ଚାଲାଣ ହେଉଥିଲା ଗଞ୍ଜେଇ ମାଡିବସିଲା ବୌଦ୍ଧ ପୋଲିସ। ଧାନ ବସ୍ତା ଭିତରୁ ୭୭୦ କେଜି ଗଞ୍ଜେଇ ଜବତ। ବୌଦ୍ଧ ଥାନା ପଦ୍ମନପୁର ଛକ ନିକଟରୁ ଗୋଟିଏ ଟ୍ରକ ସହ ଦୁଇଜଣ ଗିରଫ। ଅଭିଯୁକ୍ତ ଦୁଇ ଦୁଇଜଣ ହେଲେ ମଧ୍ୟପ୍ରଦେଶ ରାଜ୍ୟର ହନୁମାନ ଥାନା ଅଞ୍ଚଳ ର ରାମଡିଲଭର ହରିଜନ ଅନ୍ୟଜଣେ ହେଲେ ଦିନେସ ଯାଦବାସୀ । ସୂଚନାମୁତାବକ ଆଜି ବୌଦ୍ଧ ପୋଲିସ କୁ ଏକ ବିଶେଷ ସୂତ୍ର ଗୋଟିଏ ଟ୍ରକ ଯୋଗେ ବହୁ ପରିମାଣ ର ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିଥିଲା । ଖବର ପାଇ ଏସଡିପିଓ କୁଳଦୀପ ମିନାଙ୍କ ନେତୃତ୍ୱରେ ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମୁନିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା । ବୌଦ୍ଧ ଥାନା ଅନ୍ତର୍ଗତ ପଦ୍ମନପୁର ଛକ ରେ ଏକ ଟ୍ରକ ଉପରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଟ୍ରକ ରେ ଥିବା ଧାନ ବସ୍ତା ଭିତରୁ ବିପୁଳ ପରିମାଣର ଗଞ୍ଜେଇ ମିଳିଥିବା ବେଳେ ଦୁଇ ଜଣ ଅଭିଯୁକ୍ତ ଙ୍କୁ ମାଡିବସିଥିଲା ପୋଲିସ କିନ୍ତୁ ଜଣେ ଖସି ଯିବାରେ ସଫଳ ହୋଇଥିଲେ । ପୋଲିସ ଟ୍ରକ କୁ ଜବତ କରିବା ସହ ମଧ୍ୟପ୍ରଦେଶ ରାଜ୍ୟର ହନୁମାନ ଥାନା ଅଞ୍ଚଳ ର ରାମଡିଲଭର ହରିଜନ ଅନ୍ୟଜଣେ ହେଲେ ଦିନେସ ଯାଦବାସୀ ଗିରଫ କରିଛି । ଜବତ ଗଞ୍ଜେଇ ର ଓଜନ ପ୍ରାୟ ୭୭୦କେଜି ହୋଇଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୦ହଜାର ହେବ । ସାଧାରଣ ନିର୍ବାଚନ କୁ ଆଖି ଆଗରେ ରଖି ଜିଲ୍ଲାରେ ଆଜି ପଯ୍ୟନ୍ତ ଘଉଚଝ ସ୍ପେଶାଲ ଡ୍ରାଇଭ କରି ପ୍ରାୟ ୧୧ଯାହାର କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ୪୧ଜଣ ଗଞ୍ଜେଇ ମାଫିଆ ଙ୍କୁ ଗିରଫ କଲାଣି ପୋଲିସ ବୋଲି ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ବୌଦ୍ଧ ଏସଡ଼ିପିଓ।

ପୂର୍ବତଟ ରେଳପଥର ୨୫୬ ନିୟୁତ ଟନ୍ ପଣ୍ୟ ବୋଝେଇ ହାସଲ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

୧ ଏପ୍ରିଲ୍ ୨୦୨୩ ରୁ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ପୂର୍ବ ତଟ ରେଳ ୨୫୬.୨୨ ନିୟୁତ ଟନ୍ ଉତ୍ପାଦିତ ପଣ୍ୟ ବୋଝେଇ ଓ ପରିବହନ କରିଛି ଯାହା ପୂର୍ବ ଆର୍ଥିକ ବର୍ଷଠାରୁ ୧୪.୭୨ ନିୟୁତ ଟନ୍ ଅଧିକ ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୬.୧% ଅଭିବୃଦ୍ଧି ପଞ୍ଜିକରଣ କରିଛି ।

ପୂର୍ବତଟ ରେଳପଥ ଏହି ଆର୍ଥିକ ବର୍ଷରେ ପଣ୍ୟ ପରିବହନରେ ଭାରତୀୟ ରେଳବାଇର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି । କ୍ରମାଗତ ଭାବେ ୫ ଥର ପାଇଁ ୨୦୦ ନିୟୁତ ଟନ୍ ପଣ୍ୟ ପରିବହନର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପୂର୍ବତଟ ରେଳପଥ ମଧ ପ୍ରଥମ ଜୋନ୍ ହୋଇପାରିଛି । ପୂର୍ବତଟ ରେଳପଥର ଏହି ସଫଳତାରେ ଏହାର ତିନୋଟି ରେଳ ମଣ୍ଡଳ ଦ୍ୱାରା ହାସଲ କରିଥିବା ଚମତ୍କାର ପ୍ରଦର୍ଶନ ବହୁ ଅବଦାନ ଦେଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ କରିବା ପାଇଁ ପୂର୍ବ ତଟ ରେଳପଥ ଅବିଭକ୍ତ ଦକ୍ଷିଣ ପୂର୍ବ ରେଳପଥ ପରେ ଦ୍ୱିତୀୟ ରେଳ ଜୋନ୍ ଅଟେ। ଆଜି ଏହା ୨୫୦ ନିୟୁତ ଟନ୍ ପଣ୍ୟ ବୋଝେଇ ଓ ପରିବହନ କରୁଥିବା ପ୍ରଥମ ରେଳ ଜୋନ୍ ହୋଇପାରିଛି ।

୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୧୫୨.୯୫ ନିୟୁତ ଟନ୍ କୋଇଲା, ୧୩.୨୯ ନିୟୁତ ଟନ୍ ଇସ୍ପାତ କାରଖାନାକୁ କଞ୍ଚାମାଲ ପରିବହନ, ୨୦.୭୭ ନିୟୁତ ଟନ୍ ଷ୍ଟିଲ୍ ଆଣ୍ଡ ସ୍ଲାଗ୍, ୩୧.୨୬ ନିୟୁତ ଟନ୍ ଲୁହାପଥର, ୧.୨୪ ନିୟୁତ ଟନ୍ ସିମେଣ୍ଟ, ୩.୨୪ ନିୟୁତ ଟନ୍ ଖାଦ୍ୟ ଶସ୍ୟ ବୋଝେଇ କରି ପରିବହନ କରିଥିବାବେଳେ ୬.୪୬ ନିୟୁତ ଟନ୍ ଫର୍ଟିଲାଇଜର, ୩.୧୦ ନିୟୁତ ଟନ୍ ମିନେରାଲ୍ ଅଏଲ୍ ସହିତ କଣ୍ଟେନର ଏବଂ ଅନ୍ୟାନ୍ୟ ସାମଗ୍ରୀରେ ୧୯.୦୬ ନିୟୁତ ଟନ୍ ପଣ୍ୟ ବୋଝେଇ ଓ ପରିବହନ କରିପାରିଛି ଯାହାକି ଗତ ବର୍ଷର ଅନୁରୂପ ଅବଧି ତୁଳନାରେ ଏହା ୬% ଅଧିକ ଅଟେ। ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୧୫୯.୯୪ ନିୟୁତ ଟନ୍ ପଣ୍ୟ ବୋଝେଇ ଓ ପରିବହନ ହାସଲ କରିଥିବାବେଳେ ୱାଲଟିୟର ରେଳ ମଣ୍ଡଳ ଦ୍ୱାରା ୭୬.୪୮ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ୧୯.୮୦ ନିୟୁତ ଟନ୍ ପଣ୍ୟ ବୋଝେଇ ଯୋଗଦାନ କରିଛି । ସମସ୍ତ ତିନୋଟି ରେଳ ମଣ୍ଡଳ ପୂର୍ବ ବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଗତ ବର୍ଷର ପଣ୍ୟ ବୋଝେଇ ଆକଳନକୁ ଅତିକ୍ରମ କରିଛନ୍ତି ।

ତାଳଚରରେ ଏମସିଏଲ୍ ର କୋଇଲା କ୍ଷେତ୍ର, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାଂଚଟି ବନ୍ଦର, ଯଥା ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ ଏବଂ ଗୋପାଳପୁର ସହିତ ଛତିଶଗଡର ବୈଲାଡିଲାରେ ଲୁହାପଥର ଖଣି, ପ୍ରମୁଖ ଇସ୍ପାତ ଏବଂ ଆଲୁମିନିୟମ କମ୍ପାନୀ, କେନ୍ଦୁଝର ଅଂଚଳର ଲୁହାପଥର ଖଣି ଏହି ସଫଳତା ପାଇଁ ପ୍ରମୁଖ ଯୋଗଦାନ ଦେଇଛନ୍ତି ।

ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ସରକାରୀ ସେକ୍ଟର ଏବଂ ଇଣ୍ଡଷ୍ଟ୍ରିଜ୍ ସହିତ ଏହାର କାର୍ଯ୍ୟଶୈଳୀକୁ ଉତ୍ସାହିତ କରିବା ବ୍ୟତୀତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଉଲ୍ଲେଖନୀୟ ପଣ୍ୟ ବୋଝେଇ ହାସଲ କରାଯାଇଛି । ସଠିକ୍ ଯୋଜନା, ସକରାତ୍ମକ ପରିବେଶ ଏବଂ କର୍ମଚାରୀ ମାନଙ୍କର ନିରନ୍ତର କଠିନ ପରିଶ୍ରମ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସହାୟକ ହୋଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଗ୍ରୀଷ୍ମ ଲହରୀକୁ ...

ଅପ୍ରେଲ ମାସ ଆରମ୍ଭ ହୋଇଥିଲା ବେଳେ ଏବେ ଦେଶର ବିଭିନ୍ନ ଭାଗରେ ଅପ୍ରତ୍ୟାଶିତ ଭାବେ ତାତି ବଢିବ। ଓଡ଼ିଶା ସମେତ ମଧ ପ୍ରଦେଶ,ଉତ୍ତର ଏବଂ ଉପକୂଳ ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ଲାକ୍ଷାଦ୍ୱୀପ, ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟରେ ଉତ୍ତାପ ବଢିବା ସହିତ ଏହିସବୁ ସ୍ଥାନରେ ୨ ରୁ ୮ ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ଆଇଏମଡି କହିଛି।

ଏହି ସମୟରେ ଦୀର୍ଘ ସମୟ ଧରି ଖରାର ପ୍ରକୋପ ଜାରି ରହିବା ସହିତ ଦିନ ବେଳା ତାପମାତ୍ରା ସ୍ୱାଭାବିକ ସ୍ତର ଠାରୁ ଅଧିକ ରହିବ, ଯାହାକୁ ନେଇ ଏଥର ତାତି ସବୁ ରେକର୍ଡ ଭାଙ୍ଗିବ ବୋଲି ଆଇଏମଡି ପକ୍ଷରୁ ଆକଳନ କରାଯାଇଛି। ଗୋଟିଏ ପକ୍ଷରେ ତାତିକୁ ନେଇ ଆଇଏମଡି ଏହି ଆକଳନ କରିଥିଲା ବେଳେ ଅପ୍ରେଲରେ ପ୍ରାକ୍ ମୌସୁମୀ ବର୍ଷା କମ ହେବ ବୋଲି କହିଛି । ଏହାଦ୍ୱାରା ଦେଶର ସମସ୍ତ ଉପକୂଳ ଭାଗ, ପୂର୍ବ ଏବଂ ଦକ୍ଷିଣ ମୁଖ୍ୟ ସ୍ଥଳ ଭାଗ ଅଧିକ ଶୁଷ୍କ ହୋଇପଡ଼ିବ। ତେବେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତର ଓଡ଼ିଶା, ପଶ୍ଚିମବଙ୍ଗର ପଶ୍ଚିମ ଗାଙ୍ଗେୟ ଉପତ୍ୟକା ସଂଲଗ୍ନ ଅଞ୍ଚଳ ସହିତ ପୂର୍ବ ଭାରତର କିଛି ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ ରହିବ ବୋଲି ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

୧୦ ବର୍ଷରେ...

ଏଭଳି ଲୋକମାନେ ଭୁଲିଯାଆନ୍ତି ଯେ ମୋଦି ମଜା କରିବା ପାଇଁ ଜନ୍ମ ନେଇନି। ସେ କହିଛନ୍ତି ଏତେ ଜନସମାଗମ, ଆପଣଙ୍କ ଉତ୍ସାହ ଜୁନ ୪ ତାରିଖର ସଙ୍କେତ ଦେଉଛି। ରାଜସ୍ଥାନର ଲୋକମାନେ ସର୍ବଦା ଦେଶର ଶକ୍ତି ପାଇଁ ଠିଆ ହୋଇଛନ୍ତି ଏବଂ କିଛି ଦିନ ତଳେ ଫ୍ରାନ୍ସ ରାଷ୍ଟ୍ରପତି ଏଠାକୁ ଆସିବା ପରେ ସମଗ୍ର ବିଶ୍ୱ ଜୟପୁରର ଗୌରବ ଦେଖିଥିଲା । ରାଜସ୍ଥାନ ସର୍ବଦା ବିଜେପିକୁ ବହୁତ ଆଶୀର୍ବାଦ ଦେଇଛି । ତୃତୀୟ ଥର ପାଇଁ ବିଜେପିକୁ ଜିତାଇବା ପାଇଁ ସଂକଳ୍ପ ନେଇଛନ୍ତି ରାଜ୍ୟବାସୀ। କୋଟପୁଟଲିରେ ଲୋକଙ୍କ ଏହି ଉତ୍ସାହ ଅବିସ୍ମରଣୀୟ ରହିବ ବୋଲି ମୋଦି କହିଛନ୍ତି।

୪୧ ଡ଼ିଗ୍ରୀ ଉପରେ ...

ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଟିଟିଲାଗଡ଼- ୪୧.୫ ଡିଗ୍ରୀ, ବୌଦ୍ଧ -୪୧.୪ ଡିଗ୍ରୀ, ଭବାନୀପାଟଣା -୪୧.୨ ଡିଗ୍ରୀ, ନୟାଗଡ଼, ବଲାଙ୍ଗିର ଏବଂ ତାଳଚେର ୪୧ ଡିଗ୍ରୀ ରେକର୍ଡ କରାଯାଇଛି। ଅନୁଗୁଳ ୪୦.୭ ଡିଗ୍ରୀ, ଝାରସୁଗୁଡ଼ା ୪୦.୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱର ୩୭.୨ ଡିଗ୍ରୀ ଓ କଟକର ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି।

ଅରୁଣାଚଳର ୩୦ଟି ...

ଥିଲା, ଅଛି ଆଉ ଭବିଷ୍ୟତରେ ଏହା ରହିବ ମଧ୍ୟ। ଦୁଇ ଦିନିଆ ଗୁଜରାଟ ଗସ୍ତରେ ଥିବା ଜୟଶଙ୍କର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନାମ ପରିବର୍ତ୍ତନ କରି କିଛି ହାସଲ ହେବ ନାହିଁ। ଯଦି ମୁଁ ତୁମର ଘରର ନାଁ ପରିବର୍ତ୍ତନ କରେ, ତେବେ ଏହା ମୋର ହେବ କି ?

କହିରଖୁ ଯେ, ଚୀନ ବାରମ୍ବାର ଅରୁଣାଚଳ ପ୍ରଦେଶକୁ ନିଜର ଦାବି କରୁଛି। ଏପରିକି ନିଜ ମାନଚିତ୍ରରେ ଏହାକୁ ସ୍ଥାନ ଦେଇଛି। ନିକଟରେ ଅରୁଣାଚଳ ପ୍ରଦେଶ ଉପରେ ନିଜ ଦାବି ଜାହିର କରିବାକୁ ଯାଇ ଏଠାକାର ୩୦ଟି ସ୍ଥାନର ନାଁ ବଦଳାଇ ଏହାର ତାଲିକା ଜାରି କରିଥିଲା। ତାଲିକାରେ ନାଁ ଗୁଡିକ ଚାଇନିଜ ଅକ୍ଷରରେ ଲେଖା ହୋଇଥିବା ଦେଖିବାକୁ ମିଳିଥିଲା । ଅରୁଣାଚଳ ପ୍ରଦେଶର ୧୧ଟି ଆବାସିକ ଅଞ୍ଚଳ, ୧୨ଟି ପାହାଡ, ୪ଟି ନଦୀ, ଗୋଟିଏ ହ୍ରଦ, ଗୋଟିଏ ଅଣ୍ଡରପାସ ଓ ଏକ ଖୋଲା ଜମିର ନାଁ ଏଥିରେ ସାମିଲ ଥିଲା।

ନବୀନ ଓଡ଼ିଶା...

ଜନସାଧାରଣଙ୍କୁ ମଧ୍ୟ ସେମାନଙ୍କ ମତାମତ ଦେବା ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋସିଆଲ ମିଡ଼ିଆ ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହି ଭିଡ଼ିଓ ସୋସିଆଲ ମିଡ଼ିଆରେ ପ୍ରସାରିତ ହେବା ପରେ ନବୀନ ଓଡ଼ିଶା ମ୍ୟାଜିକ କାର୍ଡକୁ ନେଇ ଯୁବବର୍ଗଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଅନେକ ଯୁବବର୍ଗ ଏହି କାର୍ଡର ବ୍ୟବସ୍ଥାକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ନିଜର ମତାମତ ପ୍ରଦାନ କରିଛନ୍ତି।

୧୧୨ ବିଧାନସଭା ...

ବାରିପଦାରୁ ପ୍ରକାଶ ସୋରେନ, ମୋରଡ଼ାରୁ କୃଷ୍ଣଚନ୍ଦ୍ର ମହାପାତ୍ର, ଜଳେଶ୍ୱରରୁ ବ୍ରଜ ପ୍ରଧାନ, ବାଲେଶ୍ୱରରୁ ମାନସ ଦତ୍ତ, ରେମୁଣାରୁ ଗୋବିନ୍ଦ ଦାସ, ସୋରରୁ ରାଜେନ୍ଦ୍ର ଦାସ, ସିମୁଳିଆରୁ ପଦ୍ମଲୋଚନ ପଣ୍ଡା, ଭଦ୍ରକରୁ ସୀତାଂଶୁ ଶେଖର ମହାପାତ୍ର, ଧାମନଗରରୁ ସୂର୍ଯ୍ୟବଂଶୀ ସୂରଜ, ବିଂଝାରପୁରରୁ ବବିତା ମଲ୍ଲିକ, ବଡ଼ଚଣାରୁ ଅମର ନାୟକ, ଧର୍ମଶାଳାରୁ ସ୍ମୃତିରେଖା ପହି, ଯାଜପୁରରୁ ଗୌତମ ରାୟ, କୋରେଇରୁ ଆକାଶ ଦାସ ନାୟକ, ସୁକିନ୍ଦାରୁ ପ୍ରଦୀପ ବଳସାମନ୍ତ, ଢେଙ୍କାନାଳରୁ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗରରୁ ଶତ୍ରୁଘ୍ନ ଜେନା, ପରଜଙ୍ଗରୁ ବିଭୂତି ଭୂଷଣ ପ୍ରଧାନ, ଅନୁଗୁଳରୁ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ାରୁ ଅଶୋକ ମହାନ୍ତି, ତାଳଚେରରୁ କାଳିନ୍ଦୀ ସାମଲ, ଛେଣ୍ଡିପଦାରୁ ଅଗସ୍ତି ବେହେରା, ଆଠମଲ୍ଲିକରୁ ସଂଜୀବ ସାହୁ, ବୀରମହାରାଜପୁରରୁ ରଘୁନାଥ ଜଗଦଳା, ସୋନପୁରରୁ ପ୍ରମୋଦ ମହାପାତ୍ର, ଲୋଇସିଂହାରୁ ଡକ୍ଟର ମୁକେଶ ମହାଲିଙ୍ଗ, ପାଟଣାଗଡ଼ରୁ କନକବର୍ଦ୍ଧନ ସିଂହଦେଓ, ବଲାଙ୍ଗୀରରୁ ଗୋପାଳଜୀ ପାଣିଗ୍ରାହୀ, ଟିଟିଲାଗଡ଼ରୁ ନବୀନ ଜୈନ, କଣ୍ଟାବାଞ୍ଜିରୁ ଲକ୍ଷ୍ମଣ ବାଗ, ନୂଆପଡ଼ାରୁ ଅଭିନନ୍ଦନ ପଣ୍ଡା, ଖଡ଼ିଆଳରୁ ହିତେଶ ବଗର୍ତ୍ତୀ, ଉମରକୋଟରୁ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁରରୁ ଗୌରୀଶଙ୍କର ମାଝୀ, ଲାଞ୍ଜିଗଡ଼ରୁ ରମେଶ ମାଝୀ, ଜୁନାଗଡ଼ରୁ ମନୋଜ ମେହେର, ଧର୍ମଗଡ଼ରୁ ସୁଧୀର ପାଟଯୋଶୀ, ଭବାନୀପାଟଣାରୁ ପ୍ରଦୀପ୍ତ କୁମାର ନାୟକ, ନର୍ଲାରୁ ଅନିରୁଦ୍ଧ ପ୍ରଧାନ, ବାଲିଗୁଡ଼ାରୁ କଳ୍ପନା କହଁର, ଜି.ଉଦୟଗିରିରୁ ମାନଗୋବିନ୍ଦ ପ୍ରଧାନ, ଫୁଲବାଣୀରୁ ଉମା ଚରଣ ମଲ୍ଲିକ, କନ୍ଧମାଳରୁ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧରୁ ସରୋଜ ପ୍ରଧାନ, ବାଙ୍କୀରୁ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଆଠଗଡ଼ରୁ ଅଭୟ କୁମାର ବାରିକ, ଚୌଦ୍ୱାର-କଟକରୁ ନୟନ କିଶୋର ମହାନ୍ତି, କଟକ ସଦରରୁ ପ୍ରକାଶ ସେଠୀ, ମାହାଙ୍ଗାରୁ ସୁମନ୍ତ କୁମାର ଘଡ଼େଇ, ଆଳିରୁ କୃଷ୍ଣଚନ୍ଦ୍ର ପଣ୍ଡା, ମହାକାଳପଡ଼ାରୁ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ, ତିର୍ତ୍ତୋଲରୁ ରାଜକିଶୋର ବେହେରା, ନିମାପଡ଼ାରୁ ପ୍ରଭାତୀ ପରିଡ଼ା, ପୁରୀରୁ ଜୟନ୍ତ କୁମାର ଷଡଙ୍ଗୀ, ସତ୍ୟବାଦୀରୁ ଓମ ପ୍ରକାଶ ମିଶ୍ର, ପିପିଲିରୁ ଆଶ୍ରିତ କୁମାର ପଟ୍ଟନାୟକ, ଜଟଣୀରୁ ବିଶ୍ୱରଂଜନ ବଡ଼ଜେନା, ରଣପୁରରୁ ତାପସରଞ୍ଜନ ମାର୍ଥା, ଦଶପଲ୍ଲାରୁ ରାଘବ ମଲ୍ଲିକ, ଭଞ୍ଜନଗରରୁ ପ୍ରଦ୍ୟୁମ୍ନ କୁମାର ନାୟକ, ପୋଲସରାରୁ ଗୋକୁଳାନନ୍ଦ ମଲ୍ଲିକ, କବିସୂର୍ଯ୍ୟନଗରରୁ ପ୍ରତାପ ଚନ୍ଦ୍ର ନାୟକ, ଖଲ୍ଲିକୋଟରୁ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଛତ୍ରପୁରରୁ କୃଷ୍ଣଚନ୍ଦ୍ର ନାୟକ, ଆସିକାରୁ ସରୋଜ କୁମାର ପାଢ଼ୀ, ସୋରଡ଼ାରୁ ନୀଳମଣି ବିଶୋଇ, ହିଞ୍ଜିଳିରୁ ଶିଶିର ମିଶ୍ର, ଗୋପାଳପୁରରୁ ବିଭୂତିଭୂଷଣ ଜେନା, ବ୍ରହ୍ମପୁରରୁ କେ ଅନିଲ କୁମାର, ଚିକିଟିରୁ ମନୋରଂଜନ ଦ୍ୟାନସାମନ୍ତରାୟ, ପାରଳାଖେମୁଣ୍ଡିରୁ କେ, ନାରାୟଣ ରାଓ, ଗୁଣୁପୁରରୁ ତ୍ରିନାଥ ଗମାଙ୍ଗ, କୋରାପୁଟରୁ ରଘୁରାମ ମାଛ, ପଟାଙ୍ଗିରୁ ଚୈତନ୍ୟ ହନ୍ତାଳ, ଦିଗପହଣ୍ଡିରୁ ସିଦ୍ଧାନ୍ତ ମହାପାତ୍ର, ମାଲକାନଗିରିରୁ ନରସିଂହ ମାଡ଼କାମି, ଜୟଦେବରୁ ଅରବିନ୍ଦ ଢାଲି, ଉତ୍ତର ଭୁବନେଶ୍ୱରରୁ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଏକାମ୍ରରୁ ବାବୁସିଂ, ଭୁବନେଶ୍ୱର ମଧ୍ୟରୁ ଜଗନ୍ନାଥ ପ୍ରଧାନ, ଖଣ୍ଡପଡ଼ାରୁ ଦୁଷ୍ମନ୍ତ ସ୍ୱାଇଁ, ବ୍ରଜରାଜନଗରରୁ ସୁରେଶ ପୂଜାରୀ, ଭଟଲିରୁ ଇରାଶିଷ ଆର୍ଚ୍ଚର୍ଯ୍ୟ, ପାଟକୁରାରୁ ତେଜେଶ୍ୱର ପରିଡ଼ା, ବଡ଼ମ୍ବାରୁ ସମ୍ବିତ ତ୍ରିପାଠୀ, ପାରାଦୀପରୁ ସଂପଦ ସ୍ୱାଇଁଙ୍କୁ ବିଜେପି ପ୍ରାର୍ଥୀ କରିଛି।

ଉତ୍ପାଦନ ଏବଂ...

ଅଟେ ।

ଏହି ଅବସରରେ ନାଲକୋ, ସିଏମଡି ଶ୍ରୀଧର ପାତ୍ର କହିଛନ୍ତି ଯେ,ବିଗତ ବର୍ଷ ମାନଙ୍କରେ ହୋଇଥିବା ପ୍ରଦର୍ଶନ ଅପେକ୍ଷା କମ୍ପାନୀ ସର୍ବଦା ଭଲ କରିବାକୁ ଚେଷ୍ଟା କରିଛି । ଚଳିତ ବର୍ଷର ଉଲ୍ଲେଖନୀୟ ସଫଳତା ନିମନ୍ତେ ସେ ନାଲକୋ ସମୁଦାୟ ଏବଂ ହିତଧାରକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କର୍ମଚାରୀଙ୍କ ଉତ୍ସର୍ଗୀକୃତ ଓ କଠିନ ପରିଶ୍ରମ ତଥା ହିତଧାରକମାନଙ୍କ ସହଯୋଗକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ, ବିଗତ ଚାରିବର୍ଷ ମଧ୍ୟରେ କମ୍ପାନୀ ପକ୍ଷରୁ, ବ୍ୟାକୱାର୍ଡ଼ ଇଣ୍ଟିଗ୍ରେସନ, ସୁନିଶ୍ଚିତ ଶକ୍ତି ଏବଂ କଞ୍ଚାମାଲ ଉପଲବ୍ଧତା ଭଳି ଅନେକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରାଯାଇଛି ।

କଚ୍ଛାତିବୁ ଦ୍ୱୀପକୁ ...

କଚ୍ଛାତିବୁ ଦ୍ୱୀପକୁ ଭାରତ ଫେରାଇ ଆଣିବ କି ନାହିଁ ପ୍ରଶ୍ନ ଉଠିଛି। ଏ ନେଇ ଶ୍ରୀଲଙ୍କା କହିଛି ଭାରତ ଏ ନେଇ କୌଣସି ବି ସୂଚନା ଦେଇନି ।

ରିପୋର୍ଟ ଅନୁସାରେ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକରମନେସିଂଘେ କହିଛନ୍ତି ଯେ, କଚ୍ଛାତିବୁ ଦ୍ୱୀପ ଶ୍ରୀଲଙ୍କା ନିୟନ୍ତ୍ରଣ ରେଖା ଭିତରେ ଆସୁଛି । ଏବେ ଭାରତ ଏହି ଦ୍ୱୀପକୁ ଫେରାଇବା ନେଇ କୌଣସି ବି ସୂଚନା ଦିଆଯାଇନି। ଯଦି ଏହାକୁ ନେଇ କୌଣସି ବି ସୂଚନା ଆସେ ତାହାଲେ ବୈଦେଶିକ ମନ୍ତ୍ରଣାଳୟ ଏହାର ଜବାବ ଦେବ। ନୂଆ ସରକାରର ଇଚ୍ଛା ଅନୁସାରେ ଜାତୀୟ ସୀମାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ । ଏହି ଦ୍ୱୀପକୁ ନିୟନ୍ତ୍ରଣ ସୀମାରେଖା ମଧ୍ୟରେ ଆନୁଷ୍ଠାନିକ ସ୍ୱୀକୃତି ଦିଆଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଇନ୍ଦିରା ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ସରକାର ୧୯୭୪ ମସିହାରେ ଶ୍ରୀଲଙ୍କାକୁ ଏହି ଦ୍ୱୀପ ଦେଇଥିଲେ ଏବଂ ଏହି କଥାକୁ ଲୁଚାଇ ରଖିଥିଲେ । ଏହି କଥାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି ଜୟଶଙ୍କର । ଏହାକୁ ଫେରାଇ ଆଣିବା ନେଇ ଜୟଶଙ୍କର କହିଛନ୍ତି ଯେ, ଏହି ମାମଲା ଏବେ ନ୍ୟାୟର ଅଧିନରେ ଅଛି ।

ପ୍ରାର୍ଥୀ ଘୋଷଣା...

କନ୍ଧମାଳ, ଗଞ୍ଜାମ, ଝାରସୁଗୁଡା ଆଦି ଅନେକ ଜିଲ୍ଲାର ଏକାଧିକ ନିର୍ବାଚନ ମଣ୍ଡଳୀରେ ଘୋଷିତ ପ୍ରାର୍ଥୀଙ୍କ ବିରୋଧରେ ଅସନ୍ତୋଷ ଓ ପ୍ରତିବାଦ ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ହିମାଂଶୁ ଶେଖର ସାହୁଙ୍କୁ ଟିକେଟ ନଦେଇ, ପ୍ରାର୍ଥୀ ନକରି ଆଦୌ ସଂଗଠନ ନଥିବା ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ସ୍ଥାନୀୟ ଯୁବ ନେତା ଓ ଦଳୀୟ କର୍ମୀମାନେ ବହୁ ସଂଖ୍ୟାରେ ଏକଜୁଟ୍ ହୋଇ ପାର୍ଟି ଅଫିସରେ ଧାରଣା ଦେବା ସହ ପ୍ରତିବାଦ ବିକ୍ଷୋଭ କରିଥିଲେ। ଅନ୍ୟପଟେ ନୟାଗଡ ଜିଲ୍ଲାର ରଣପୁର ବିଧାନସଭା ଆସନରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀଙ୍କୁ ଟିକେଟ୍ ନଦେଇ ଅନ୍ୟ ଜଣଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ସେଠାରେ ମଧ୍ୟ ତୀବ୍ର ବିରୋଧ କରାଯାଇଛି। ସେହିପରି ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢିବାକୁ ଆଶାୟୀ ଥିବା ଯୁଗାଂଶୁ ପଣ୍ଡାଙ୍କୁ ପ୍ରାର୍ଥୀ କରାନଯାଇ ଅନ୍ୟ ଦଳରୁ ଆସିଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଶ୍ରୀ ପଣ୍ଡା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ପ୍ରେସ୍‌ମିଟ୍ ଜରିଆରେ ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ଦୀର୍ଘଦିନ ଧରି ସେ ସାଂସଦ ଅପରାଜିତାଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିଆସୁଥିଲା ବେଳେ ତାଙ୍କୁ ପ୍ରାର୍ଥୀ କରାଯିବାକୁ ନିର୍ଭର ପ୍ରତିଶ୍ରୁତି ମିଳିଥିଲା। ହଠାତ୍ କ'ଣ ରାତିଅଧିଆ ଡିଲ୍ ହେବାରୁ ତାଙ୍କୁ ପ୍ରାର୍ଥୀତ୍ୱରୁ ବଞ୍ଚିତ କରାଯାଇଛି। ଯେଉଁଥି ପାଇଁ ଶ୍ରୀ ପଣ୍ଡା ଦୁଃଖିତ, ମର୍ମାହତ ଓ ଅପମାନିତବୋଧ କରିଛନ୍ତି ଓ ତାଙ୍କ ପ୍ରତି ଅବିଚାର, ଅବହେଳା ଓ ଅଣଦେଖା କରାଯାଇଥିବା ଅନୁଭବ କରି ସାଂସଦ ଓ ଦଳୀୟ ନେତୃତ୍ୱଙ୍କୁ ପ୍ରାର୍ଥୀତ୍ୱ ନେଇ ପୁନର୍ବିଚାର କରିବା ପାଇଁ ଅନୁରୋଧ ମଧ କରିଛନ୍ତି। ଏହି ପୁନର୍ବିଚାର ନହେଲେ ଆଗାମୀ ଦିନରେ ସେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ଜୟଦେବ ନିର୍ବାଚନ ମଣ୍ଡଳୀରୁ ବିଜେପିରୁ ପ୍ରାର୍ଥୀ ହୋଇଥିବା ଡ. ଅରବିନ୍ଦ ଢାଲିଙ୍କୁ ମଧ ଦଳୀୟ କର୍ମୀ ଓ ନେତାମାନେ ବିରୋଧ କରୁଛନ୍ତି। ନିର୍ବାଚନ ମଣ୍ଡଳୀରେ ବିରୋଧର ସମ୍ମୁଖୀନ ହେଉଥିଲେ ମଧ ଡ. ଢାଲି କହିଛନ୍ତି ସେ ଜୟଦେବ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କୁ ଭଲ ପାଆନ୍ତି, ଲୋକେ ମଧ ତାଙ୍କୁ ଭଲ ପାଆନ୍ତି। ସେ ନିର୍ବାଚନ ମଣ୍ଡଳୀରେ ଅନେକ କାମ କରିଛନ୍ତି। ତାଙ୍କ ଦୁଆର ସମସ୍ତଙ୍କ ପାଇଁ ଖୋଲା ରହିଛି ଓ ସେ ସମସ୍ତଙ୍କୁ ନେଇ କାମ କରିବାକୁ ଚାହାଁନ୍ତି।

ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ହୋଇଥିବା ସୁରେଶ ପୂଜାରୀଙ୍କୁ ସ୍ଥାନୀୟ ଲୋକେ ଓ ଦଳୀୟ କର୍ମୀ ବିରୋଧ କରିଛନ୍ତି। ସେହି ନିର୍ବାଚନ ମଣ୍ଡଳୀର ବାସିନ୍ଦାଙ୍କୁ ପ୍ରାର୍ଥୀ କରିବାକୁ ସେମାନେ ଦାବି କରିଛନ୍ତି।

ଅନୁରୂପ ଭାବେ କନ୍ଧମାଳ ଓ ବ୍ରହ୍ମପୁର ଲୋକସଭା ଆସନରେ ବିଜେପିରୁ ପ୍ରାର୍ଥୀ ହୋଇଥିବା ଯଥାକ୍ରମେ ସୁକାନ୍ତ ପାଣିଗ୍ରାହୀ ଓ ପ୍ରଦୀପ ପାଣିଗ୍ରାହୀ ମଧ ଦଳୀୟ ମହଲରେ ଏବଂ ସମଗ୍ର ଅଞ୍ଚଳରେ ବିରୋଧର ସମ୍ମୁଖୀନ ହେଉଥିବା ଜଣାପଡିଛି। ପ୍ରଦୀପ ପାଣିଗ୍ରାହୀଙ୍କୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଥିବା ବେଳେ ସୁକାନ୍ତ ପାଣିଗ୍ରାହୀଙ୍କୁ ମଧ କନ୍ଧମାଳରେ ବିରୋଧ କରାଯାଉଛି। ଦଳୀୟ ନେତୃତ୍ୱ ପ୍ରତି ଏହା ଚିନ୍ତାର କାରଣ ପାଲଟିଛି।

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ୮୯ ତମ ଉତ୍କଳ ଦିବସ ପାଳିତ

ଅନୁଗୁଳ, ନ୍ୟୁଜ ବ୍ୟୁରୋ

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ପକ୍ଷରୁ ଏପ୍ରିଲ ପହିଲା ଦିନ ୮୯ ତମ ଉତ୍କଳ ଦିବସ ଅନୁଗୁଳ ସ୍ଥିତ କମ୍ପାନୀ ପରିସରରେ ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। କମ୍ପାନୀର ଅନୁଗୁଳ ୟୁନିଟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଙ୍କଜ ମଲ୍‌ହଁନ୍, ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦାମୋଦର ମିତ୍ତଲ୍ ଏବଂ ଅନ୍ୟ ଅଧିକାରୀମାନେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସ ଏବଂ ଅନ୍ୟାନ୍ୟ ବରପୁତ୍ରମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଜେଏସପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ନିଜର ଅଭିନନ୍ଦନ ଜଣାଇ ଲେଖିଥିଲେ, 'ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଓଡ଼ିଶା ବାସୀଙ୍କୁ ମୋର ଶୁଭେଚ୍ଛା। ଏହି ଉଲ୍ଲେଖନୀୟ ରାଜ୍ୟ ସର୍ବଦା ତାହାର ସମୃଦ୍ଧ ଇତିହାସ, ସଂସ୍କୃତି, ଚମତ୍କାର ଦୃଶ୍ୟ ଏବଂ ସୌନ୍ଦର୍ଯ୍ୟତା ପାଇଁ ସୁପରିଚିତ । ପ୍ରଗତି ଏବଂ ସମୃଦ୍ଧତା ଦିଗରେ ଏହାର ଏକ ଅଂଶ ହୋଇଥିବାରୁ ମୁଁ ଗର୍ବିତ "। ଏ ଅବସରରେ ଶ୍ରୀ ମଲ୍‌ହନ ଓଡ଼ିଶା ବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଓଡ଼ିଶା ସହ ଜେଏସପିର ତିନି ଦଶନ୍ଧି ଧରି ରହିଥିବା ସୁସମ୍ପର୍କର ସ୍ମୃତି ଚାରଣ କରିଥିଲେ। ଦେଶ ଓ ରାଜ୍ୟ ଗଠନରେ ଓଡ଼ିଆଙ୍କ ଅବଦାନ ସବୁବେଳେ ଅବିସ୍ମରଣୀୟ ବୋଲି ଶ୍ରୀ ମଲ୍‌ହନ ପ୍ରକାଶ କରିଥିଲେ। ଏ ଅବସରରେ ଓଡ଼ିଶାର ଗୌରବମୟ ଐତିହ୍ୟ ଓ ପରମ୍ପରାକୁ ନେଇ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଘୁମର ନୃତ୍ୟ ସହିତ ଲାଇଭ ବ୍ୟାଣ୍ଡର ଅପୂର୍ବ ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ଏଥିସହିତ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ନେଇ କ୍ୱିଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡା ଓପି ଜିନ୍ଦଲ ସ୍କୁଲ ପରିସରରେ ମଧ ଉତ୍କଳ ଦିବସ ପାଳନ କରାଯାଇଥିଲା। ଏଥିରେ ସ୍କୁଲର କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଯୋଗ ଦେଇଥିଲେ। ଏହି ସମାରୋହରେ ଅନୁଗୁଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମୁଖ୍ୟ ଅତିଥି, କମ୍ପାନୀମାନବ ସମ୍ବଳ ବିଭାଗର ମୁଖ୍ୟ ଶୁଭଦୀପ ଖାଁ, ପ୍ରବନ୍ଧକ ଶରତ କୁମାର୍ ପଣ୍ଡାଙ୍କ ସମେତ ଶ୍ରୀମତୀ ସୀମା ମଲ୍‌ହଁନ, ଜିନ୍ଦଲ ମହିଳା ସମିତିର ଅଧ୍ୟକ୍ଷା ଶ୍ରୀମତି ଅନିତା ମିତ୍ତଲ୍, ସ୍କୁଲର ଅଧ୍ୟକ୍ଷା ଡ଼ା ସୋନାଲି ବସୁ ପ୍ରମୁଖ ଉତ୍କଳ ବରପୁତ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଉତ୍କଳକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବାରେ ସେମାନଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ଏହି ସମାରୋହରେ ବହୁ ମାନ୍ୟଗଣବ୍ୟକ୍ତି, ଛାତ୍ରଛାତ୍ରୀ, କର୍ମଚାରୀ, ଅଭିଭାବକଙ୍କ ସହିତ ବିପୁଳ ସଂଖ୍ୟାରେ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଶାର ବୈଚିତ୍ରମୟ ସଂସ୍କୃତି, ପରମ୍ପରା ଉପରେ ଆଧାରିତ ପ୍ରଦର୍ଶନୀକୁ ଉପଭୋଗ କରିଥିଲେ ।

ସ୍ୱର୍ଗଧାମ ସେବା ସମିତି ପକ୍ଷରୁ

ବାତାନୁକୂଳିତ ଶବବାହୀ ରଥ ଉଦ୍ଘାଟନ

କଟକ, ନ୍ୟୁଜ ବ୍ୟୁରୋ

କଟକ ଖାନନଗର ସ୍ୱର୍ଗଧାମ ସେବା ସମିତି ଆନୁକୂଲ୍ୟରେ ଖାନନଗର ଶ୍ମଶାନ ପରିସରରେ ବାତାନୁକୂଳିତ ଶବବାହୀ ରଥର ଲୋକାର୍ପଣ କାର୍ଯ୍ୟକ୍ରମ ହୋଇଯାଇଛି । ଯୋଜନା ଅନୁଯାୟୀ ପ୍ରଥମେ ବରିଷ୍ଠ ସାମ୍ବାଦିକ ଶ୍ରୀ ସଚ୍ଚିକାନ୍ତ ନାଥଙ୍କ ଶହୀଦଙ୍କ ମାତାପିତାଙ୍କୁ ଉତ୍ତରୀ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଅପରାହ୍ନ ୪ଟା ୪୫ମିନିଟ୍‌ରେ ସିକିମ୍ ତିସ୍ତା ନଦୀ ବନ୍ୟାରେ ଭାସିଯାଇ ଶହୀଦ ହୋଇଥିବା ସରୋଜ ଦାସଙ୍କ ମାତା ଶ୍ରୀମତୀ ଶାନ୍ତିଲତା ଦାସ, ପିତା ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସଙ୍କ ହସ୍ତରେ ଅରୁଆ ଚାଉଳ ଧୂପ, ଦୀପ ଓ ପୁଷ୍ପ ଅର୍ପଣ ପରେ ରଥଟି ଉଦ୍ଘାଟନ ହୋଇଥିଲା। ସଚ୍ଚିକାନ୍ତ ନାଥ ରଥ ସାମ୍ନାରେ ନାରିକେଳ ଭାଙ୍ଗି ଆଳତୀ କରିଥିଲେ। ମାଲୁକ ଚାନ୍ଦଫୁଡ୍ ପ୍ରାଇଭେଟ୍ ଲିମିଟେଡ଼ର ପରିଚାଳକ ଲାଲ ସିଂ ରଥଟିକୁ କିଛିବାଟ ଚଳାଇଥିଲେ। ରଥ ସମ୍ମୁଖରେ ୫ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍ୱର୍ଗଧାମରେ ସମସ୍ତ ଅତିଥିମାନେ ୨୫ଟି ଦୀପ ପ୍ରଜ୍ୱଳନ କରିଥିଲେ। ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମଞ୍ଚାସୀନ ହୋଇ ଶହୀଦ ମାତାପିତାଙ୍କୁ ସମ୍ବର୍ଦ୍ଧନା ଓ ସ୍ୱର୍ଗଧାମ ଫଳକ ପ୍ରଦାନ କରିଥିଲେ। ଗାୟତ୍ରୀ ଶିଶୁ ମନ୍ଦିର ଓ ତାରାଚାନ୍ଦ ପାଟଣା ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ କାର୍ଯ୍ୟକ୍ରମ ଉତ୍କଳ ଦିବସ ଅବସରରେ ବନ୍ଦେ ଉତ୍କଳ ଜନନୀ ଓ ଆହେ ଦୟାମୟ ପ୍ରାର୍ଥନା ଗାନ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ବକ୍ତବ୍ୟରେ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଉତ୍କଳ ଦିବସରେ ଓଡ଼ିଶା ଆଟ ୧୦୦ ସମ୍ଭାବନାର ଶତାବ୍ଦୀ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାଷା ଓ ସଂସ୍କୃତି ଆମର ଅସ୍ମିତା ଏବଂ ଅସ୍ମିତା ସବୁବେଳେ ସ୍ୱାଭିମାନ ସହ ଯୋଡ଼ି ହୋଇ ରହିଛି ବୋଲି ଭୁବନେଶ୍ୱରରେ "ଓଡ଼ିଶା ଆଟ୍‌୧୦୦ ସମ୍ଭାବନାର ଶତାବ୍ଦୀ" କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଓଡ଼ିଶାର ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତାର ସଂକଳ୍ପକୁ ନେଇ 'ଆମେ ଓଡ଼ିଆ' ସଂଗଠନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଓଡ଼ିଶାର ୮ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ସେମାନେ ହେଉଛନ୍ତି ଯୁବ ଉଦ୍ୟୋଗୀ ଦେବେନ୍ଦ୍ର ପ୍ରଧାନ, ତାଳଚେରରୁ ଅଯୋଧ୍ୟା ପର୍ଯ୍ୟନ୍ତ ଖାଲିପାଦରେ ଯାତ୍ରା କରିଥିବା ଶୁଭମ ସାହୁ, ଦେବଗଡର ପର୍ବତାରୋହୀ ଶଶିଭୂଷଣ ମାଝୀ, ବାଲେଶ୍ୱର ଏଫଏମ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ପ୍ରଫେସର ଭାରତୀ ବାଳା ପଟ୍ଟନାୟକ, ବ୍ରହ୍ମପୁରର ସମାଜସେବୀ ଗଗନ ପାତ୍ର, କେନ୍ଦ୍ରାପଡାର ଲେଖକ ତଥା ପରିବେଶବିତ ସାଗର ପ୍ରଧାନ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷକ ଡକ୍ଟର ସୌମ୍ୟ ଜେନା ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷକ ଆୟୁଷ୍ମତୀ ନାୟକ । ଏହି ଅବସରରେ ୮୯ତମ 'ଉତ୍କଳ ଦିବସ'ର ଶୁଭେଚ୍ଛା ଜଣାଇବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାନ ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଶ୍ରୀ ପ୍ରଧାନ । ସେ କହିଛନ୍ତି, ଆମ ସବୁ ଓଡ଼ିଆଙ୍କ ପାଇଁ ଆଜି ଏକ ପବିତ୍ର ଦିନ । ଉତ୍କଳ ଦିବସ ଆମର ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟକୁ ପାଳନ କରିବାର ମହାନ ଅବସର । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଆମ ରାଜ୍ୟ ଓଡ଼ିଶା ଦେଶର ସର୍ବପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ପ୍ରତିଷ୍ଠିତ ହୋଇଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ଅନେକ ଓଡ଼ିଶାର ବୀରପୁତ୍ର ସଂଘର୍ଷ କରି ଉତ୍କଳ ପ୍ରଦେଶ ଗଠନ କରିଥିଲେ। ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ସଶକ୍ତ କରିବା ପାଇଁ ସ୍ୱପ୍ନ ଦେଖୁଥିବା ଯୁବ ଉଦ୍ୟୋଗୀ ଦେବେନ୍ଦ୍ର ପ୍ରଧାନ ହୁଅନ୍ତୁ କିମ୍ବା ନୂଆ କିସମର କେଞ୍ଚୁଆ ଆବିଷ୍କାର କରି ଓଡ଼ିଶାରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ କାର୍ଯ୍ୟ କରୁଥିବା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆୟୁଷ୍ମତୀ ନାୟକ ହୁଅନ୍ତୁ ଅବା କ୍ୟାନସର ରୋଗଙ୍କୁ ଶୀଘ୍ର ଚିହ୍ନଟ କରିବା ପାଇଁ ଯୋଜନା କରୁଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ. ସୌମ୍ୟ ଜେନାଙ୍କ ଭଳି ଯୁବ ପ୍ରତିଭାଙ୍କ କାର୍ଯ୍ୟ ମୋର ଆତ୍ମବିଶ୍ୱାସକୁ ବଢାଇଛି । ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକତା ଭାବ ବଢାଇବା ଲକ୍ଷ୍ୟରେ ଆଗଭର ତାଳଚେରର ଶୁଭମ ସାହୁ, ଦେବଗଡର ପର୍ବତାରୋହୀ ଶଶିଭୂଷଣ ମାଝୀ, ଯୁବକଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରି ସ୍ୱପ୍ନକୁ ପୂରଣ କରିବା ପାଇଁ ସ୍ୱପ୍ନ ଦେଖୁଥିବା କେନ୍ଦ୍ରାପଡାର ଲେଖକ ଓ ପରିବେଶବିତ ସାଗର ପ୍ରଧାନ, ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗଙ୍କୁ ମାଗଣାରେ ସେବା ଦେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଗଗନ ପାତ୍ର ତଥା କଣ୍ଢେଇ କଳା ମାଧ୍ୟମରେ ଲୋକ ସମସ୍ୟାର ରାସ୍ତା ବାହାର କରିବା ପାଇଁ ଦାୟିତ୍ୱ ନେଇଥିବା ଏଫଏମ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପ୍ରଫେସର ଭାରତୀ ବାଳା ପଟ୍ଟନାୟକ ଓଡ଼ିଆର ଆଗକୁ ଦେଖିବାର ଚରିତ୍ରକୁ ବଜାୟ ରଖିଛନ୍ତି। ଉତ୍କଳ ଦିବସରେ ଏହା ଆମ ପାଇଁ ପ୍ରେରଣାର ଚିତ୍ର ।

ଓଡ଼ିଆ ଜାତି ଓ ସଭ୍ୟତାରେ ବିଶ୍ୱାସ ରଖୁଥିବା ପିଲାମାନେ କେବେ ସ୍ୱାଭିମାନ ସହ ବୁଝାମଣା କରିନାହିଁ । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବା ପାଇଁ ଆଉ ୧୨ ବର୍ଷ ବାକି ଅଛି । ଓଡ଼ିଶାକୁ ଆଗକୁ ନେବା ପାଇଁ ସମ୍ମାନିତ ହୋଇଥିବା ଯୁବ ବନ୍ଧୁଙ୍କ ସ୍ୱପ୍ନ ଓ ବଡ ଭାବିବାର ଅଭିଳାଷ ପ୍ରଶଂସନୀୟ । ଦେଶର ଅର୍ଥନୀତି ଖୁବ ଶୀଘ୍ର ୩ ନମ୍ବର ଅର୍ଥନୀତି ହେବ । ସେହି ସମୟରେ ଆବଶ୍ୟକତା କଣ ହେବ, ଏହା ଉପରେ ଆମକୁ ଭାବିବାକୁ ପଡିବ । ବାଇମୁଣ୍ଡି, ଧର୍ମପଦ, ମଧୁବାବୁ କେବେ ହେଲେ ନିଜ କଥା ଭାବିନଥିଲେ । ସମାଜ କଥା ଭିଥିଲେ । ବଡ ଭାବିବା ପାଇଁ ହେଲେ ବଡ ସ୍ୱପ୍ନ ଦେଖିବାକୁ ହେବ । ଓଡ଼ିଆ ସମାଜର ସହଯୋଗରେ ଓଡ଼ିଶାକୁ ୧୦୦ ବର୍ଷ ପରିବା ବେଳେ ୧୦୦ କୋଟି ଟଙ୍କା ରୋଜଗାର କରୁଥିବା ୧୦୦ ପିଲା ତିଆରି କରିବା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମେ ସାମୂହିକ ଦାୟିତ୍ୱ ନେଇ ଓଡ଼ିଶାକୁ ବଡ କରିବା, ପ୍ରଗତିର ଶୀର୍ଷକୁ ନେବା ଏବଂ ପୁରୁଷାର୍ଥ ଓ ଅକଥ ପରିଶ୍ରମ ବଳରେ ବିଶ୍ୱରେ ନିଜର ସ୍ଥାନ ନିରୂପଣ କରିବା ପାଇଁ ଶପଥ ନେବାକୁ ଉତ୍କଳ ଦିବସ ଅବସରରେ ରାଜ୍ୟବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି ।

ଭୁବନେଶ୍ୱର
୦୩ ଅପ୍ରେଲ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ଭୁବନେଶ୍ୱର : ଚୈତ୍ର ଦ୍ୱିତୀୟ ମଙ୍ଗଳବାର ୟୁନିଟ୍-୯ରେ ମହିଳାମାନେ ମା'ମଙ୍ଗଳାଙ୍କୁ ପଣା ଅର୍ପଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

ବୋର୍ଡ କାର୍ଯ୍ୟାଳୟରେ କଡ଼ା ସୁରକ୍ଷା ବଳୟରେ ଖାତା : ଖୁବ୍‌ଶୀଘ୍ର ଆରମ୍ଭ ହେବ ଟାବୁଲେସନ

କଟକ, ୦୨/୦୪, ନ୍ୟୁଜ ବ୍ୟୁରୋ

ଗତ ୧୫ତାରିଖରୁ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଚାଲିଥିବା ମାଟ୍ରିକ୍ ଉତ୍ତର ଖାତା ମୂଲ୍ୟାୟନ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି । ମୂଲ୍ୟାୟନ ଶେଷ ୫୫ଟି ଯାକ କେନ୍ଦ୍ରରୁ ଉତ୍ତର ଖାତାଗୁଡ଼ିକ କଡ଼ା ସୁରକ୍ଷା ବଳୟରେ ଆସି କଟକ ବକ୍ସିବଜାର ସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ସୋମବାର ସୁଦ୍ଧା ପହଞ୍ଚିସାରିଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ତେବେ ମୂଲ୍ୟାୟନ କାର୍ଯ୍ୟ ମୋଟାମୋଟି ଭାବେ ଶେଷ ହୋଇଛି ବୋଲି କୁହାଯାଉଥିବା ବେଳେ କେତେକ ପରୀକ୍ଷାର୍ଥୀଙ୍କ ହିନ୍ଦୀ, ସଂସ୍କୃତ ଉତ୍ତର ଖାତା ମୂଲ୍ୟାୟନକୁ ନେଇ ଦ୍ୱନ୍ଦ୍ୱ ରହିଥିବା ସୂଚନା ମିଳିଛି । ପରୀକ୍ଷାର୍ଥୀମାନେ ତୃତୀୟ ଭାଷା ପରୀକ୍ଷା ଦେବା ଲାଗି ଫର୍ମ ପୂରଣ

ଗୋଟିଏ ବିଷୟରେ କରିଥିବା ବେଳେ ପରୀକ୍ଷା ଅନ୍ୟ ଭାଷାରେ ଦେଇଥିଲେ। ଏପରି ହିନ୍ଦୀ ଏବଂ ସଂସ୍କୃତ ବିଷୟରେ ମନଇଚ୍ଛା ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ଉତ୍ତର ଖାତାକୁ ନେଇ ମୂଲ୍ୟାୟନ କେନ୍ଦ୍ରରେ ଉପୁଜିଥିବା ଦ୍ୱନ୍ଦ୍ୱ ବୋର୍ଡରେ ପୁନଃ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି । ଏପରି ପାଖାପାଖି ୫ ହଜାର ଉତ୍ତର ଖାତା ବୋର୍ଡ କର୍ତ୍ତୃପକ୍ଷଙ୍କ ଅଧିନରେ ପରୀକ୍ଷକମାନେ ପୁନଃ ଯାଞ୍ଚ କରିବାର ଯୋଜନା ରହିଛି । ଦିନେ ଦୁଇ ଦିନ ମଧ୍ୟରେ ଉକ୍ତ କାର୍ଯ୍ୟ ଶେଷ ହେବ ବୋଲି ବୋର୍ଡ ସୂତ୍ରରୁ ସୂଚନା ମିଳିଛି। ତେବେ ମୂଲ୍ୟାୟନ ପ୍ରକ୍ରିୟା ପ୍ରାୟ ଶେଷ ହୋଇଥିବାରୁ ଖୁବ୍‌ଶୀଘ୍ର ଟାବୁଲେସନ୍ ପ୍ରକ୍ରିୟା ବୋର୍ଡ ପକ୍ଷରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ସୂଚନାଥାଉକି, ୧୦୦ ନମ୍ବର ବିଶିଷ୍ଟ ହୋଇଥିବା ମାଟ୍ରିକ୍ ପରୀକ୍ଷାରେ ପରୀକ୍ଷାର୍ଥୀମାନେ ୫୦ ନମ୍ବର ସବ୍‌ଜେକ୍ଟିଭ୍ ପ୍ରଶ୍ନର ଉତ୍ତର ଦେଇଥିବା ବେଳେ ଆଉ ଅବଶିଷ୍ଟ ୫୦ ନମ୍ବର ଓଏମ୍ଆରରେ ଅବଜେକ୍ଟିଭ୍ ପ୍ରଶ୍ନର ଉତ୍ତର ଦେଇଥିଲେ । ଓଏମ୍ଆର ସିଟ୍ କମ୍ପ୍ୟୁଟରରେ ମୂଲ୍ୟାୟନ ହୋଇଥିବା ବେଳେ ସବଜେକ୍ଟିଭ୍ ଉତ୍ତର ଖାତା ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷକମାନେ ଖାତା ଦେଖିଥିଲେ । ମାଟ୍ରିକ୍ ସହ ମଧ୍ୟମା, ଷ୍ଟେଟ୍ ଓପନ ସ୍କୁଲ୍ ଏବଂ ସ୍କ୍ରିପ୍ଟ ଉତ୍ତର ଖାତା ମଧ୍ୟ ସମାନ୍ତରାଳ ଭାବେ ୫୫ଟି କେନ୍ଦ୍ରରେ ଦେଖା ଚାଲିଥିଲା । ଉକ୍ତ ମୂଲ୍ୟାୟନ ପ୍ରକ୍ରିୟାରେ ରାଜ୍ୟରେ ୧୫ ହଜାରରୁ ଅଧିକ ଶିକ୍ଷକ ନିୟୋଜିତ ହୋଇଥିଲେ। ଏହାବଦ୍ ମୂଲ୍ୟାୟନ କେନ୍ଦ୍ରରେ ପୃଥକ ଭାବେ ୩ ଜଣ ଲେଖାଏଁ ଡାଟା ଏଣ୍ଟ୍ରି ଅପରେଟର ମଧ୍ୟ ନିୟୋଜିତ ହୋଇଥିଲେ । ଉଲ୍ଲେଖଥାଉକି, ପୂର୍ବ ବର୍ଷରେ ମଧ୍ୟ ଏହି ସମସ୍ୟା ଉପୁଜିଥିଲା। ଉକ୍ତ ତ୍ରୁଟିକୁ ସୁଧାରି କେତେକ ହିନ୍ଦି, ସଂସ୍କୃତ ଉତ୍ତର ଖାତାକୁ ମୂଲ୍ୟାୟନ କରି ରେଜଲ୍ଟ ପ୍ରସ୍ତୁତ କରିବାକୁ ବୋର୍ଡ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଥିଲେ ।

ପଣ୍ୟ କାରବାରରେ ପାରାଦ୍ୱୀପ ବନ୍ଦର ଦେଶରେ ନଂ୧

ପାରାଦ୍ୱୀପ, ୨/୪ ନ୍ୟୁଜ ବ୍ୟୁରୋ

ସର୍ବଭାରତୀୟ ସ୍ତରରେ ରେକର୍ଡ ସୃଷ୍ଟି କଲା ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ବନ୍ଦର । ବହୁ ଦିନର ସ୍ୱପ୍ନ ପୁରା ହୋଇଛି । ବହୁ ପ୍ରତିଯୋଗିତା ଭିତରେ ପାରାଦ୍ୱୀପ ବନ୍ଦର ପଣ୍ୟ କାରବାରରେ ରେକର୍ଡ ସୃଷ୍ଟି କରିଛି । ଚଳିତ ବର୍ଷ ପାରାଦ୍ୱୀପ ବନ୍ଦରର ପଣ୍ୟ କାରବାର ଦେଶରେ ପ୍ରଥମ ହୋଇଛି । ଚଳିତ ବର୍ଷ ୧୪୫.୩୮ ମିଲିୟନ୍ ମେଟ୍ରିକ ଟନ୍ ପଣ୍ୟ କାରବାର କରି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି ପାରାଦ୍ୱୀପ ବନ୍ଦର । ଫଳରେ ପାରାଦ୍ୱୀପ ଏବେ ଦେଶରେ ୧ ନମ୍ବର ବନ୍ଦର ହୋଇଛି ବୋଲି ପାରାଦ୍ୱୀପ ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି । ୩୧ ମାର୍ଚ୍ଚ ୨୦୨୪ ମଧ୍ୟରାତ୍ରି ସୁଦ୍ଧା ଏହି କାରବାର ହୋଇଛି । ପୂର୍ବରୁ ଦୀନଦୟାଲ କାଣ୍ଡଲା ଗୁଜରାଟ ପୋର୍ଟ ୧ ନମ୍ବର ସ୍ଥାନରେ ଥିବାବେଳେ ଏବେ ପାରାଦ୍ୱୀପ ଉକ୍ତ ସ୍ଥାନ ଅକ୍ତିଆର କରିଛି । ଏପରି ସଫଳତା ହାସଲ

ପରେ ପ୍ରଶାସନିକ ଭବନରେ ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଭାବେ ଉତ୍ସବ ମନାଇଛନ୍ତି । ତେବେ ପୂର୍ବରୁ ଲଗାତାର ପ୍ରଥମ ହେଉଥିଲା ଗୁଜରାଟ ଦୀନଦୟାଲ ପୋର୍ଟ । ଚଳିତ ଆର୍ଥିକ ବର୍ଷ ସରିବାର ଯଥେଷ୍ଟ ପୂର୍ବରୁ ୧୦୦ ନିୟୁତ ଟନ୍ ଟପିଥିଲା । କ୍ରମାଗତ ୭ମ ଥର ପାଇଁ ୧୦୦ ନିୟୁତ ଟନ୍ ଟପିଥିଲେ ସୁଦ୍ଧା ଏକ ନମ୍ବର ସ୍ଥାନ ଅଧିକାର କରିବାରେ ଟିକିଏ କମ୍ ରହିଥିଲା । ବର୍ତ୍ତମାନ ୮ମ ଥର ପାଇଁ ୧୦୦ ନିୟୁତ ଟନ୍ ଟପିଲା ପଣ୍ୟ କାରବାର । କ୍ରମାଗତ ଭାବେ ସାତ ବର୍ଷ ଧରି ପାରାଦ୍ୱୀପ ବନ୍ଦର ପଣ୍ୟ କାରବାର ୧୦୦ ଏମ୍.ଏମ୍.ଟିରୁ ଊର୍ଦ୍ଧ୍ୱ କାରବାର କରିବାରେ ସଫଳତା ହାସଲ କରିଛି । ପ୍ରଥମ ଥର ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୧୦୨.୦୧ ଏମ୍.ଏମ୍.ଟି. ପଣ୍ୟ କାରବାର କରି ୧୦୦ ଏମ୍.ଏମ୍.ଟି. ଅତିକ୍ରମ କରିବା ପରେ ୨୦୧୮-୧୯ ଆର୍ଥିକ ବର୍ଷରେ ୧୦୯.୨୭ ଏମ୍.ଏମ୍.ଟି., ୨୦୧୯-୨୦ ଆର୍ଥିକ ବର୍ଷରେ ୧୧୨.୬୯ ଏମ୍.ଏମ୍.ଟି. ପଣ୍ୟ କାରବାର କରି ସମଗ୍ର ଦେଶରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିଲା। ମଙ୍ଗଳବାର ପାରାଦ୍ୱୀପ ବନ୍ଦର ଦେଶର ଅନେକ ବଡ଼ ବନ୍ଦରର ରେକର୍ଡ ଭାଙ୍ଗିଛି । ଗୁଜୁରାଟର ଦିନଦୟାଲ ପୋର୍ଟର ରେକର୍ଡକୁ ଭାଙ୍ଗି ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି । ମଙ୍ଗଳବାର ଏହି ରେକର୍ଡକୁ ନେଇ ପାରାଦ୍ୱୀପ ବନ୍ଦର ଅଧକ୍ଷ ପି ଏଲ୍ ହାରନାଦ ବନ୍ଦରର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ପ୍ରତ୍ୟେକ କର୍ମଚାରୀଙ୍କ ବିନା ଏହି ସଫଳତା ମିଳିପାରି ନଥାନ୍ତା ବୋଲି ସେ ଏକ ପ୍ରେସ୍‌ବାର୍ତ୍ତାରେ ପ୍ରକାଶ କରିଛନ୍ତି । ଭାରତର ଏକ ନମ୍ବର ବନ୍ଦର ଭାବେ ମଙ୍ଗଳବାର ପାରାଦ୍ୱୀପ ବନ୍ଦର ୧୪୫.୩୮ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର କରି ଏକ ବିରଳ ରେକର୍ଡ ସୃଷ୍ଟି କରିଛି ।

କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ

ଭୁବନେଶ୍ୱର, ୨।୪ ନ୍ୟୁଜ ବ୍ୟୁରୋ

କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍- 'ସେନ୍ ଗ୍ଲୋବ' ପକ୍ଷରୁ ମଙ୍ଗଳବାର ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତି ବଳ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଚେୟାରପର୍ସନ ଅଲକା ମିଶ୍ର, ୟୁଏନ୍‌ଏଫ୍‌ପିଏ ଓଡ଼ିଶାର ମହମ୍ମଦ ନଦିମ୍ ନୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରି ଶ୍ରୀମତୀ ମିଶ୍ର କହିଲେ, ଅଟିଜିମ୍ ଅର୍ଥ ଅକ୍ଷମ ନୁହେଁ। ଏହା ହେଉଛି ଭିନ୍ନକ୍ଷମ। ଏହି ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ଦକ୍ଷତା ବିକାଶ କରାଯାଇ ସେମାନଙ୍କୁ ସାଧାରଣ ପିଲାମାନଙ୍କ ପରି ସକ୍ଷମ କରାଯିବାର ଆବଶ୍ୟକତା ରହିଛି। ଏହି ଭିନ୍ନକ୍ଷମ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଜୀବନ କୌଶଳ ତାଲିମ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ଶିଶୁଙ୍କ ଭଳି ପ୍ରତ୍ୟେକ ଭିନ୍ନକ୍ଷମ ଶିଶୁ ମଧ୍ୟ ସ୍ୱତନ୍ତ୍ର ଓ ଅନନ୍ୟ ବୋଲି ମହମ୍ମଦ ନୁର କହିଥିଲେ। ସେମାନଙ୍କୁ ବିଭିନ୍ନ ସର୍ଜନାତ୍ମକ ଭାବେ ଶିକ୍ଷା ପ୍ରଦାନ କରାଯିବା ଆବଶ୍ୟକ। ସେମାନଙ୍କ ମଧ୍ୟରେ ସର୍ଜନଶୀଳତାର ବିକାଶ ପାଇଁ ଯତ୍ନ ନିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ବାପା-ମାଆମାନେ ସେମାନଙ୍କର ଭିନ୍ନକ୍ଷମ ସନ୍ତାନସନ୍ତତିଙ୍କୁ ଅଧିକ ସ୍ନେହ, ଆଦର ଦେଇ ସେମାନଙ୍କର ଯତ୍ନ ନେବାକୁ ଶ୍ରୀମତୀ ବଳ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ୍ ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲର ଅଧକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ। ଶେଷରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-ସେନ୍ ଗ୍ଲୋବର ୱେବସାଇଟ୍ ଉନ୍ମୋଚନ ହେବା ସହ ସେନ୍ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

କଂଗ୍ରେସରୁ ଇସ୍ତଫା ଦେଲେ ଗଣେଶ୍ୱର

ଭୁବନେଶ୍ୱର, ୨/୪ ନ୍ୟୁଜ ବ୍ୟୁରୋ

ହାତ ଛାଡ଼ିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା। ଗଣେଶ୍ୱର ବେହେରା କେନ୍ଦ୍ରାପଡାର ଜଣେ ଟାଣୁଆ ନେତା।ସେଠାରେ ତାଙ୍କର ଲୋକପରିଚୟ ସହ ଭଲ ସଙ୍ଗଠନ ରହିଛି। ଗଣେଶ୍ୱର ବେହେରା ୧୯୮୫ ମସିହାରେ ପଟ୍ଟାମୁଣ୍ଡାଇ ଆସନରୁ ପ୍ରଥମ ଥର ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ୧୯୯୫ରେ ପଟ୍ଟାମୁଣ୍ଡାଇ ଆସନରୁ ପୁଣିଥରେ ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗଣେଶ୍ୱର ବେହେରା ୧୯୯୯ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶା ବିଧାନ ସଭାରେ ଜଣେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ତେବେ ୨୦୦୦, ୨୦୦୪, ୨୦୦୯, ୨୦୧୯ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଗଣେଶ୍ୱର ବେହେରା ପରାସ୍ତ ହୋଇଥିଲେ।

୮ ଲୋକସଭା ଓ ୪୭ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ

ଭୁବନେଶ୍ୱର, ୨/୪ ନ୍ୟୁଜ ବ୍ୟୁରୋ

ପ୍ରକାଶ ପାଇଲା କଂଗ୍ରେସର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା । ପ୍ରଥମ ପର୍ଯ୍ୟାୟରେ ୮ ଲୋକସଭା ଓ ୪୭ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ଏହାସହ ଜେ.ଏମ୍.ଏମ ଓ ସିପିଆଇଏମକୁ ଦୁଇଟି ଆସନ ଛାଡ଼ିଛି କଂଗ୍ରେସ । କଂଗ୍ରେସ ଲୋକସଭା ପ୍ରାର୍ଥୀ ତାଲିକା- ବରଗଡ଼ରୁ ସଂଜୟ ଭୋଇ, ସୁନ୍ଦରଗଡ଼ରୁ ଜନାର୍ଦ୍ଦନ ଦେହୁରି, ବଲାଙ୍ଗୀରରୁ ମନୋଜ ମିଶ୍ର, କଳାହାଣ୍ଡିରୁ ଦ୍ରୌପଦୀ ମାଝି, ନବରଙ୍ଗପୁରରୁ ଭୁଜବଳ ମାଝି, କନ୍ଧମାଳରୁ ଅମିର ଚନ୍ଦ୍ର ନାୟକ, ବ୍ରହ୍ମପୁରରୁ ରଶ୍ମୀରଂଜନ ପଟ୍ଟନାୟକ, କୋରାପୁଟରୁ ସପ୍ତଗିରି ଶଙ୍କର ଉଲ୍ଲାକା। ସେପଟେ କଂଗ୍ରେସର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୪୭ ବିଧାନସଭା ଆସନ ପାଇଁ ନାମ ମଧ୍ୟ ଘୋଷଣା କରାଯାଇଛି । ପଦ୍ମପୁରରୁ ଟଙ୍କଧର ସାହୁ, ବିଜେପୁରରୁ କିଶୋର ଦଫାଦାର, ବରଗଡ଼ରୁ ନିପନ କୁମାର ଦାସ, ଭଟଲୀରୁ ବ୍ରହ୍ମା ମହାଖୁଡ଼ ପ୍ରମୁଖ ରହିଛନ୍ତି । ବ୍ରଜରାଜନଗରରୁ କିଶୋର ପଟେଲ, ତଳସରାରୁ ପ୍ରବୋଧ ତିର୍କି, ସୁନ୍ଦରଗଡ଼ରୁ ସୁଧାରାଣୀ ରାଉଡ଼ିଆ, ରଘୁନାଥପାଲିରୁ ଗୋପାଳ ଦାସ, ରାଉରକେଲାରୁ ବୀରେନ୍ଦ୍ରନାଥ ପଟ୍ଟନାୟକ, ରାଜଗାଙ୍ଗପୁରରୁ ରାଜନ ଏକ୍କା, ଲୋଇସିଂହାରୁ ଓମ୍ ପ୍ରକାଶ କୁମ୍ଭାର, ପାଟଣାଗଡ଼ରୁ ଅନୀଲ ମେହେର, ବଲାଙ୍ଗୀରରୁ ସମରେନ୍ଦ୍ର ମିଶ୍ର, କଣ୍ଟାବାଞ୍ଜିରୁ ସନ୍ତୋଷ ସିଂ ସାଲୁଜା, ନୂଆପଡ଼ାରୁ ଶରତ ପଟ୍ଟନାୟକ, ଉମରକୋଟରୁ ସନରାଜ ଗଣ୍ଡ, ଝରିଗାଁରୁ ହରାବତୀ ଗଣ୍ଡ, ନବରଂଗପୁରରୁ ଦିଲ୍ଲୀପ ପ୍ରଧାନୀ, ଡାବୁଗାଁରୁ ଲିପିକା ମାଝୀ, ଲାଞ୍ଜିଗଡ଼ରୁ ବଳଭଦ୍ର ମାଝୀ, ଜୁନାଗଡ଼ରୁ ତୁଳେଶ୍ୱର ନାଏକ, ଧର୍ମଗଡ଼ରୁ ରଶ୍ମିରେଖା ରାଉତ, ଭବାନୀପାଟଣାରୁ ସାଗର ଚରଣ ଦାସ, ନର୍ଲାରୁ ଭକ୍ତ ଚରଣ ଦାସ, ବାଲିଗୁଡ଼ାରୁ ସୁରଡ଼ା ପ୍ରଧାନ, ଜି ଉଦୟଗିରିରୁ ପ୍ରଫୁଲ୍ଲ ଚରଣ ପ୍ରଧାନ, ଫୁଲବାଣୀରୁ ପ୍ରତିଭା କହଁର, କଣ୍ଡାମାଳରୁ ମନୋଜ ଆଚାର୍ଯ୍ୟ, ବୌଦ୍ଧରୁ ନବକୁମାର ମିଶ୍ର, ଭଂଜନଗରରୁ ପ୍ରଶାନ୍ତ ବିଶୋଇ, ପୋଲସରାରୁ ଅଗସ୍ତି ବରାଡ଼, କବିସୂର୍ଯ୍ୟନଗରରୁ ଚିରଞ୍ଜୀବ ବିଶୋଇ, ସୋରଡ଼ାରୁ ହରେକୃଷ୍ଣ ରଥ, ସାନଖେମୁଣ୍ଡିରୁ ରମେଶ ଚନ୍ଦ୍ର ଜେନା, ଚିକିଟିରୁ ରବୀନ୍ଦ୍ରନାଥ ଦ୍ୟାନସାମନ୍ତରାୟ, ମୋହନାରୁ ଦାଶରଥି ଗମାଙ୍ଗ, ପାରଳାଖେମୁଣ୍ଡିରୁ ବିଜୟ ପଟ୍ଟନାୟକ, ଗୁଣୁପୁରରୁ ସତ୍ୟଜିତ ଗମାଙ୍ଗ, ବିଷମକଟକରୁ ନୀଳମାଧବ ହିକକା, ରାୟଗଡ଼ାରୁ କାଡ୍ରାକା ଆଲାପାସ୍ୱାମୀ, ଲକ୍ଷ୍ମୀପୁରରୁ ପବିତ୍ର ସାଉଁଟା, କୋଟପାଡ଼ରୁ ଅନାମ ଦିଆନ, ଜୟପୁରରୁ ତାରା ବାହିନୀପତି, କୋରାପୁଟରୁ କୃଷ୍ଣଚନ୍ଦ୍ର କୁଳଦୀପ, ପଟ୍ଟାଙ୍ଗୀରୁ ରାମଚନ୍ଦ୍ର କଦମ, ମାଲକାନଗିରିରୁ ମାଲା ମାଡ଼ୀ ଓ ଚିତ୍ରକୋଣ୍ଡାରୁ ମଙ୍ଗୁ ଖିଲ।

ପଞ୍ଚଭୂତରେ ବିଲୀନ ହେଲେ ସଂଗୀତ ସାମ୍ରାଜ୍ଞୀ ଶାନ୍ତିଲତା

ପୁରୀ, ୨/୪ ନ୍ୟୁଜ ବ୍ୟୁରୋ

ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ଶେଷ କୃତ୍ୟ ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି । ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କର ଶେଷକୃତ୍ୟ କରଯାଇଛି । ଶେଷକୃତ୍ୟ ପୂର୍ବରୁ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ ଅନର୍ ପ୍ରଦାନ କରଯାଇଥିଲା । ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସୋମବାର ୬୫ ବର୍ଷ ବୟସରେ ଦୁନିଆକୁ ଅଲବିଦା କହିଥିଲେ ଶାନ୍ତିଲତା । ଶାନ୍ତିଲତାଙ୍କ ବଡପୁଅ ଅବିନାଶ ଛୋଟରାୟ ମୁଖାଗ୍ନି ଦେଇଥିଲେ । ତେବେ ଶାନ୍ତିଲତାଙ୍କୁ ବିଦାୟ ଦେବା ପାଇଁ ସ୍ୱର୍ଗଦ୍ୱାରରେ ଶହ ଶହ ଲୋକଙ୍କ ଭିଡ ହୋଇଥିଲା ।

ଶାନ୍ତିଲତାଙ୍କ ବନ୍ଧୁ, ପରିବାରବର୍ଗ, ପ୍ରଶଂସକ, ଅନେକ କଣ୍ଠଶିଳ୍ପୀ ମଧ୍ୟ ଶେଷ ଦର୍ଶନ କରିଥଲେ। ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, 'ମହାପ୍ରଭୁଙ୍କ ଭକ୍ତ ଥିଲେ ଶାନ୍ତିଲତା ବାରିକ । ସେ ଅନେକ ଜଗନ୍ନାଥଙ୍କ ଭଜନ ଗାନ କରି ଓଡ଼ିଶାବାସୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ । ତାଙ୍କ ବିୟୋଗ ଓଡ଼ିଶାବାସୀଙ୍କ ପାଇଁ ଅପୂରଣୀୟ କ୍ଷତି। ସେପଟେ ସ୍ୱର୍ଗତ ଶାନ୍ତିଲତା ବାରିକଙ୍କ ସ୍ୱାମୀ ବସନ୍ତ କୁମାର ଛୋଟରାୟ କହିଛନ୍ତି, ' ସେ ଓଡ଼ିଶା ଏବଂ ଜଗନ୍ନାଥ ସଂସ୍କୃତିକୁ ଗୀତ ମାଧ୍ୟମରେ ପ୍ରଚାର ପ୍ରସାର କରିଥିଲେ। ସବୁବେଳେ ଓଡ଼ିଶାର ସଂସ୍କୃତୀକୁ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରି ଆସିଥିଲେ । ହେଲେ ତାଙ୍କ ବିୟୋଗ ପରେ ସମସ୍ତେ ଦୁଃଖିତ । ତାଙ୍କ ଶେଷ ଇଚ୍ଛା ଅନୁଯାୟୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରଯାଇଛି । 'ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଆତ୍ମାକୁ ପ୍ରଭୁଙ୍କ ପାଦପଦ୍ମରେ ସ୍ଥାନ ଦିଅନ୍ତୁ ବୋଲି ତାଙ୍କ ସ୍ୱାମୀ ପ୍ରାର୍ଥନା କରୁଥିବା କହିଛନ୍ତି । ସୂଚନା ଥାଉ କି ଗତ କିଛି ମାସ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ହୋଇଥିଲେ ଶାନ୍ତିଲତା । ତେବେ ସୋମବାର ସଂଧ୍ୟାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ଘଟିଥିଲା। ଶାନ୍ତିଲତାଙ୍କ ଲୋକପ୍ରିୟ ଭଜନ ମଧ୍ୟରେ ରହିଛି 'ଥକାମନ ଚାଲଯିବା', 'ଜଗନ୍ନାଥ ତୁମେ ଛଳିଆ', 'ଭଜି ଭଜି ତୋ ନାମ'। ଏହାସହ ଶାନ୍ତିଲତା ଜଣେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଭାବେ ମଧ୍ୟ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ ।

ଅଧିକ ଶକ୍ତିଶାଳୀ ହେଲା ବିଜେଡି

ବିଜେପି ଓ କଂଗ୍ରେସ ଛାଡ଼ି ମିଶିଲେ ବହୁ ନେତା ଓ କର୍ମୀ

ଭୁବନେଶ୍ୱର, ୨/୪ ନ୍ୟୁଜ ବ୍ୟୁରୋ

ନିର୍ବାଚନ ଯେତିକି ପାଖେଇ ଆସୁଛି, ବିଜେଡି ଅଧିକରୁ ଅଧିକ ଶକ୍ତିଶାଳୀ ହେଉଛି। ବିଜେପି ଓ କଂଗ୍ରେସ ଛାଡ଼ି ବହୁ ନେତା ଓ କର୍ମୀ ବିଜେଡିରେ ମିଶୁଛନ୍ତି। ମଙ୍ଗଳବାର ଗଜପତି ଜିଲ୍ଲା ମୋହନା ନିର୍ବାଚନମଣ୍ଡଳୀର ବହୁ ଜନପ୍ରତିନିଧି ବିଜେପି ଓ କଂଗ୍ରେସ ଛାଡ଼ି ଶଙ୍ଖ ଫୁଙ୍କିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ରାଜୀବ ଦୋରା, ନିଖୀମା ରାଇତ, ଜୟସେନ ଦୋରା, ଜୋସେଫ ଗମାଙ୍ଗ, ଅବେନା ଗମାଙ୍ଗ, ସୁରତ ରଇତ, ରାଜେନ୍ଦ୍ର ଦଳବେହେରା, ରାଜେଶ ମଣ୍ଡଳ, ନନ୍ଦିନୀ ସାମଲ, ହରି ଚନ୍ଦ୍ର, ପ୍ରଫୁଲ୍ଲ ରଇତ, ଆୟୁଷ୍ମାନ ପାରିଛା, ମୋହନ ଗୌଡ଼ଙ୍କ ସମେତ ଅନେକ ନେତା ବିଜେଡିରେ ଯୋଗଦେଇଛନ୍ତି। ଶଙ୍ଖ ଭବନରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ସାଂସଦ ସସ୍ମିତ ପାତ୍ର ଓ ଗଜପତି ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ବିକାଶ କାମ ଯୋଗୁ ବିଜେଡିରେ ମିଶିଲେ ବୋଲି ସମସ୍ତେ କହିଛନ୍ତି। ଏହାପରେ ବିଜେଡି ଆହୁରି କହିଛି ଯେ, ରାଜ୍ୟ ବିଜେପିରେ ହଇଚଇ ସୃଷ୍ଟି ହୋଇଛି । ନିର୍ବାଚନ ଲଢ଼ିବାକୁ ପ୍ରାର୍ଥୀ ପାଉନି ବିଜେପି । ଓଡ଼ିଶା ବିଜେପି ପ୍ରାର୍ଥୀ ପାଇଁ ବିକଳ ହେଉଛି । ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ଖେଳପଡିଆରେ ଦଳ ଖୋଜୁଛନ୍ତି ପ୍ରାର୍ଥୀ । ପ୍ରାର୍ଥୀ ତାଲିକା କାହିଁ ବୋଲି ବିଜେପିକୁ ପ୍ରଶ୍ନ କଲେଣି ଲୋକେ । ପ୍ରାର୍ଥୀ ନଥିବାରୁ କର୍ମୀଙ୍କୁ କିଭଳି ସାମ୍ନା କରିବେ ଚିନ୍ତାରେ ଅଛନ୍ତି । ଯେଉଁ ଲିଷ୍ଟ କଥା କହୁଛନ୍ତି କେବଳ ସେ ଗୋଟେ ହ୍ୱାଇଟ ପେପର । ୧୪୭ ଛାଡନ୍ତୁ, ୮୦ ଆସନ ପାଇଁ ବି ପ୍ରାର୍ଥୀ ନାହାଁନ୍ତି। ଚଞ୍ଚକତା ନକରି ଆମ ପାଖରେ ପ୍ରାର୍ଥୀ ନାହିଁ କୁହନ୍ତୁ । ବାହସ୍ଫୋଟ ନମାରି ଲୋକଲୋଚନକୁ ଲିଷ୍ଟ ଆଣନ୍ତୁ । ୧୨୮ରୁ ଊର୍ଦ୍ଧ୍ୱ ଆସନରେ ବିଜେଡି ଜିତିବ । ଲୋକସଭାର ବିଜୟ ବାନା ସମ୍ବଲପୁରରୁ ଉଡାଇବୁ ବୋଲି ପ୍ରେସ୍‌ମିଟରେ କହିଛନ୍ତି ଲେନିନ ମହାନ୍ତି ।

ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି

ଭୁବନେଶ୍ୱର, ୨/୪ ନ୍ୟୁଜ ବ୍ୟୁରୋ

ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜେଡି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ବିଜେଡିର ଏକ ପ୍ରତିନିଧି ଦଳ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ରାଜ୍ୟ ନିର୍ବାଚନ ଇତିହାସରେ ସ୍ୱଚ୍ଛ ଓ ଶୃଙ୍ଖଳିତ ନିର୍ବାଚନ ପରିଚାଳନରେ ଏକ ବେଞ୍ଚମାର୍କ ସ୍ଥାପନ କରିଛି। କିନ୍ତୁ ବିଗତ ଦିନରେ ବିରୋଧୀ ଦଳଗୁଡିକ ନିର୍ବାଚନ ସମୟରେ ବ୍ୟାପକ ରାଜନୈତିକ ହିଂସାକୁ ଆପଣେଇଥିଲେ। ବୁଥ୍ ଦଖଲ ସହ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ ବିରୋଧୀ। ବିଗତ ନିର୍ବାଚନ ଗୁଡିକରେ ନିର୍ବାଚନ କମିଶନଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ରାଜନୈତିକ ବିରୋଧୀ ଦଳ ହିଂସାରୁ ବିରତ ରହୁ ନାହାଁନ୍ତି। କିନ୍ତୁ ବିଜେଡି ସବୁ ବେଳେ ଅବାଧ ଓ ନିରପେକ୍ଷ ନିର୍ବାଚନକୁ ବିଶ୍ୱାସ କରିଥାଏ। ତେଣୁ ଆସନ୍ତା ନିର୍ବାଚନରେ ହିଂସାତ୍ମକ ପନ୍ଥା ଆପଣେଉଥିବା ଦଳ ଓ ନେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି ବିଜେଡି।

ପୁରୁଣା ପ୍ରେମ ପାଇଁ ପିଶାଚି ହେଲା ପତ୍ନୀ

ଗଜପତି, ୨/୪ ନ୍ୟୁଜ ବ୍ୟୁରୋ

ପୁରୁଣା ପ୍ରେମ ପାଇଁ ପିଶାଚି ହେଲା ପତ୍ନୀ। ପ୍ରେମିକ ସହ ମିଶି ସ୍ୱାମୀକୁ କରିଥିଲା ହତ୍ୟା । ସ୍ୱାମୀ ଛାତିକୁ ୨୫ ଥର ଏବଂ ପିଠିକୁ ୨୭ ଥର ସ୍କ୍ରୁ ଡ୍ରାଇଭରରେ ଭୁଶାଯାଇଥିଲା । ଗଜପତି ତୋଟାଗୁମୁଡା ଯାତ୍ରୀ ବିଶ୍ରାମାଗାର ନିକଟରୁ ଯୁବକଙ୍କ ମୃତଦେହ ମିଳିବା ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ଦେଇଛି ପୋଲିସ । ମାମଲାରେ ଅଭିଯୁକ୍ତ ସ୍ତ୍ରୀ ମରାଠୀ ଜୟଲକ୍ଷ୍ମୀ ଓ ପ୍ରେମିକ ଏନ.ଉପେନ୍ଦ୍ରଙ୍କୁ ଗିରଫ କରାଯାଇଛି । ତୋଟାଗୁମୁଡା ଗାଁର ଯାତ୍ରୀ ବିଶ୍ରାମାଗାର ନିକଟରୁ ଗତ ୨୯ ତାରିଖରେ ଜଣେ ଯୁବକଙ୍କ ମୃତଦେହ ମିଳିଥିଲା । ମୃତ ଯୁବକ ଏମ୍.ଲିଙ୍ଗରାଜ ।

ନିର୍ବାଚନୀ ସଙ୍ଗୀତ ପ୍ରସ୍ତୁତିର ହବ୍ ପାଲଟିଛି କଟକ : ଭିଡିଓ ଓ ଗୀତର ପ୍ୟାକେଜ୍ ୧ଲକ୍ଷ ଟଙ୍କା

କଟକ, ୦୨/୦୪, ନ୍ୟୁଜ ବ୍ୟୁରୋ

ନିର୍ବାଚନ ଯେତିକି ପାଖେଇ ଆସୁଛି, ପ୍ରଚାରର ପୂର୍ବ ପ୍ରସ୍ତୁତି ଠିକ୍ ସେତିକି ବଢ଼ିବାରେ ଲାଗିଛି। ରାଜ୍ୟର ଅନ୍ୟ ସହର ତୁଳନାରେ କଟକ ସହର ପାଲଟିଛି ନିର୍ବାଚନୀ ସଙ୍ଗୀତ ପ୍ରସ୍ତୁତିର ପ୍ରମୁଖ ହବ୍। ଏଠାରେ ଛୋଟବଡ଼ ୧୫୦ରୁ ଅଧିକ ଷ୍ଟୁଡିଓ ରହିଛି। ଏବେଠାରୁ ଷ୍ଟୁଡିଓ ଗୁଡ଼ିକରେ ନିର୍ବାଚନୀ ସଙ୍ଗୀତ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଯେହେତୁ ପ୍ରମୁଖ ଦଳଗୁଡ଼ିକର ଅଧିକାଂଶ ସ୍ଥାନରେ ଟିକଟ୍ ଘୋଷଣା ଶେଷ ହୋଇଛି, ସେମାନେ ପ୍ରଚାର ମଇଦାନକୁ ଓହ୍ଲାଇବା ପାଇଁ ଗୀତ ଆବଶ୍ୟକ କଲେଣି। କିନ୍ତୁ ଏଥର ନିର୍ବାଚନରେ ଗୋଟିଏ ନୂଆ କଥା ଦେଖିବାକୁ ମିଳିଛି। ନେତାମାନେ ପୁରୁଣା ଟ୍ରାକ୍‌ରେ ଗୀତ କରିବା ଅପେକ୍ଷା ସମ୍ପୂର୍ଣ୍ଣ ଭାବେ ନୂତନ ଗୀତ ପ୍ରସ୍ତୁତ କରିବାକୁ କହୁଛନ୍ତି। ଯଦ୍ୱାରା ସଙ୍ଗୀତ ନିର୍ଦ୍ଦେଶକମାନେ ନୂଆ ଧୂନ୍ ନିର୍ମାଣ କରୁଥିବା ବେଳେ ଗୀତିକାରମାନେ ସାମ୍ପ୍ରତିକ ସମୟ ଆଧାରରେ ନେତାଙ୍କ ବରାଦକୁ ନେଇ ଗୀତ ଲେଖୁଛନ୍ତି। କିନ୍ତୁ ନୂଆ ଗୀତ ସହିତ ପୁରୁଣା ଟ୍ରାକ୍‌ରେ ଗୀତ ପ୍ରସ୍ତୁତ କରିବାକୁ ବରାଦ ମଧ୍ୟ ଆସୁଛି। କହିବାକୁ ଗଲେ



ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କର ପ୍ରଚାରରେ ପୁରୁଣା ଟ୍ରାକ୍ ଅପେକ୍ଷା ନୂଆ ଗୀତ ବାଜିବାକୁ ସେମାନେ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ସାଧାରଣ ଭାବେ ଯେଉଁ ଗୀତ ହିଟ୍ ହୋଇଥାଏ, ସେହି ଗୀତର ଟ୍ରାକ୍‌ରେ ଗୀତିକାରମାନେ ଗୀତ ଲେଖିଥାଆନ୍ତି। କିନ୍ତୁ ସମୟ ବଦଳିବା ସହ ନେତାଙ୍କ ପସନ୍ଦ ମଧ୍ୟ ବଦଳିବାରେ ଲାଗିଛି। ବିଧାୟକଙ୍କ ପାଇଁ ଏକ ପ୍ୟାକେଜ୍ ରହିଥିବା ବେଳେ ସାଂସଦଙ୍କ ପାଇଁ ମଧ୍ୟ ଭିନ୍ନ ପ୍ୟାକେଜ୍ ରହିଛି। ପ୍ରତି ପ୍ୟାକେଜ୍‌ରେ ୬ଟି ଲେଖାଁଏ ଗୀତ, ଭାଷଣ ଓ ୨ଟି ସୋସିଆଲ୍ ମିଡିଆ ପ୍ରଚାର ନିମନ୍ତେ ଭିଡିଓ ରହୁଛି। ଯେଉଁ ୬ଟି ଗୀତ ରହୁଛି, ତନ୍ମଧ୍ୟରୁ ଗୋଟିଏ ନୂଆ ଗୀତ ଓ ଅନ୍ୟ ୫ଟି ପୁରୁଣା ଟ୍ରାକ୍‌ର ଗୀତ ରହୁଛି। ଏହି ପ୍ୟାକେଜ୍‌ର ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ରଖାଯାଇଛି। ଅନ୍ୟପଟେ କେତେକ ଷ୍ଟୁଡିଓ ଏହି ଦର କମ୍ କରି ନେଉଥିବା ଦେଖିବାକୁ ମିଳୁଛି। ଏଥର ହିଟ୍ ମ୍ୟୁଜିକ୍ ଭିଡିଓ ଓ ସିନେମା ଗୀତର ଟ୍ରାକ୍ ମଧ୍ୟରୁ ପ୍ରାୟ ୩୦ଟି ଗୀତର ଟ୍ରାକ୍ ବରାଦ ବିଭିନ୍ନ ଷ୍ଟୁଡିଓକୁ ଆସୁଛି। ପ୍ରାର୍ଥୀଙ୍କ ବିଶେଷ ପସନ୍ଦ ତାଲିକାରେ ଧୂଳିଆ ଜନ୍ଦା, ମଜା ଅଲଗା, କ୍ୟୁଟ୍ ଗେହ୍ଲି, ଝଲମଲ ଆଖି ହେଲା ଝଲମଲ..., ସେଦିନୁ ମୁଁ ହୁନୁହୁନୁ..., ତୋ ଦୁଆରେ ହେବ ଟାଙ୍ଗୁ ମାଡ଼..., ଚାଲ୍ ଚାଲ୍ ଚାଲ୍ ବଉଳ..., ଇ ଇ ରସିଆ..., ବୁଲେଟ୍ ଗାଡ଼ି..., ଆମ ବାପାର ପଇସା ନାହିଁ..., ଦିଲ୍ ହେଲା କୁଟକୁଟା..., ସୁକୁମାରି...ରହିଛି। ଏହି ଗୀତଗୁଡ଼ିକର ଟ୍ରାକ୍ ବ୍ୟବହାର କରି ନିର୍ବାଚନ ପାଇଁ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ ଷ୍ଟୁଡିଓରେ ରେକର୍ଡିଂ ଆରମ୍ଭ ହୋଇଯାଇଛି। ଗୀତ ରେକର୍ଡିଂ ପାଇଁ ଏବେ କେଶରପୁରସ୍ଥିତ ଆଫିୟାନ୍ସ ଷ୍ଟୁଡିଓ, ବାରବାଟୀ ଷ୍ଟାଡିୟମ ନିକଟସ୍ଥ ଶକ୍ତି ଷ୍ଟୁଡିଓ, ମହତାବ ରୋଡ ମା' ଷ୍ଟୁଡିଓ, ଲିଙ୍କରୋଡ ପିଏମ ଷ୍ଟୁଡିଓ, ବାଦାମବାଡ଼ି ପବିତ୍ର ଷ୍ଟୁଡିଓ, ସିଡିଏ ସେକ୍ଟର ୯ରେ ଥିବା ପ୍ରତିଭା ଷ୍ଟୁଡିଓ, ଲିଙ୍କରୋଡ୍ ମିଲନ୍ ଷ୍ଟୁଡିଓ ଇତ୍ୟାଦି ନିର୍ବାଚନୀ ଗୀତ ରେକର୍ଡିଂ ପାଇଁ ଚଳଚଞ୍ଚଳ ହେଲାଣି । କଟକର ସେଭେନ୍ ଇନ୍ ଷ୍ଟୁଡିଓ ମାଲିକ ବିପ୍ଳବ ପୁରୋହିତଙ୍କ କହିବା ଅନୁଯାୟୀ ଯେଉଁ ପ୍ରାର୍ଥୀ ଟିକେଟ୍ ପାଇ ସାରିଛନ୍ତି, ସେମାନେ ଗୀତ ରେକର୍ଡିଂ ପାଇଁ ବରାଦ ଦେଇସାରିଲେଣି। ପଶ୍ଚିମ ଓଡ଼ିଶା ପ୍ରାର୍ଥୀଙ୍କ ଭାଷାଜନିତ ସମସ୍ୟା ଥିବାରୁ ସେପଟୁ ବେଶି କାମ ଆସୁନାହିଁ। ବର୍ତ୍ତମାନ ଏହି ନିର୍ବାଚନୀ ଗୀତ ଗାଇବା ପାଇଁ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ତାରିକ ଅଜିଜ୍, ସଞ୍ଜୁ ମହାନ୍ତି, ମାନସୀ ପାତ୍ର, ସସ୍ମିତା ମିଶ୍ର, ଅମ୍ରିତା ନାୟକ, ସଂଗ୍ରାମ ମହାନ୍ତି, ଶୁଭାଶିଷ ମହାକୁଡ଼, ବିଶ୍ୱଜିତ ଆଚାର୍ଯ୍ୟ, ମୋନାଲି ମଧୁସ୍ମିତା, କରୁଣାକର ପ୍ରମୁଖ ରହିଥିବା ଜଣାପଡ଼ିଛି। କିନ୍ତୁ ଆଗଧାଡ଼ିରେ ପ୍ଲେ-ବ୍ୟାକ୍ କରୁଥିବା ଗାୟକ ଓ ଗାୟିକାମାନେ ପୁରୁଣା ଟ୍ରାକ୍‌ରେ ଗୀତ ଗାଉ ନାହାନ୍ତି। ମୁଖ୍ୟତଃ ହ୍ୟୁମାନ୍ ସାଗର, ଅସୀମା ପଣ୍ଡା, ସ୍ୱୟମ୍ ପାଢ଼ୀ, ସତ୍ୟଜିତ୍ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ ଭଳି ଆଗଧାଡ଼ିର କଣ୍ଠଶିଳ୍ପୀମାନେ ପୁରୁଣା ଟ୍ରାକ୍‌ରେ ନିର୍ବାଚନୀ ଗୀତ ଗାଉନଥିବା ଦେଖିବାକୁ ମିଳୁଛି। ନୂଆ ଗୀତ ଓ ସ୍ୱରରେ ଗୀତ ଗାଇବାକୁ ସେମାନେ ପସନ୍ଦ କରୁଛନ୍ତି। କଂଗ୍ରେସ ଦଳର ଗୀତ ପ୍ରସ୍ତୁତି ଆରମ୍ଭ ହୋଇ ନଥିବା ବେଳେ ମୋଦି ଓ ନବୀନଙ୍କ ଗୀତରେ ଦୁଲୁକୁଛି ଷ୍ଟୁଡିଓ। ନିର୍ବାଚନ ଗୀତ ପ୍ରସ୍ତୁତି ସମ୍ପର୍କରେ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଅଭିଜିତ୍ ମଜୁମଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଉପଯୁକ୍ତ ପ୍ରାପ୍ୟ ଯେଉଁମାନେ ଦେବେ, ସେମାନଙ୍କ ଗୀତ କରାଯାଉଛି। ଯଦି ନେତା କମ୍ ପ୍ରାପ୍ୟ ଦେବା ପାଇଁ କହୁଛନ୍ତି ତେବେ ନିର୍ବାଚନୀ ଗୀତ ପ୍ରସ୍ତୁତ କରିବା ସମ୍ଭବପର ହେଉନାହିଁ।

ଗ୍ୟାସ ଚୁଲାରୁ ନିଆଁ ଲାଗି ଜଳିଗଲା ଘର

କେନ୍ଦୁଝର, ୨/୪ ନ୍ୟୁଜ ବ୍ୟୁରୋ

ଗ୍ୟାସ ଚୁଲାରୁ ନିଆଁ ଲାଗି ଜଳିଗଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ । କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ଡେଙ୍କିକୋଟ ପଞ୍ଚାୟତ ନିକଟରେ ଭଡ଼ାଘରେ ରହୁଥିବା ସୁଶାନ୍ତ କୁମାର ସାହୁଙ୍କ ରୋଷେଇ ଘରେ ମଙ୍ଗଳବାର କୌଣସି କାରଣରୁ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା। ଘର ଭିତରେ ନିଆଁ ଏତେ ମାତ୍ରାରେ ବ୍ୟାପୀ ଯାଇଥିଲା ଯେ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ନିଆଁ ଲାଗି ଜଳିବାକୁ ଲାଗିଥିଲା।

ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହେବା ପରେ ଘଟଗାଁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ତୁରନ୍ତ ଘଟଗାଁ ଅଗ୍ନିଶମ କେନ୍ଦ୍ରାଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ଆଗ୍ନିକ ଜୋତିସ ଚନ୍ଦ୍ର ମୁଦୁଲି, ରଞ୍ଜନ କୁମାର ଚିନାରା ଓ ରମେଶ ଚନ୍ଦ୍ର ମାରାଣ୍ଡି ପହଞ୍ଚି ମେକାନିକାଲ ଫୋମ୍ ବ୍ୟବହାର କରି ନିଆଁକୁ ଆୟତ କରିଥିଲେ । ତେବେ ସଠିକ ସମୟରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିବାରୁ ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛି ।